76th YEAR OF PUBLICATION

# ପ୍ରଜାତନ୍ତ୍ର

The Prajatantra

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୪୩ ● କଟକ ● ବୁଧବାର ● ୧୯ ଅପ୍ରେଲ-୨୦୨୩ ● ମେଷ ୬ ● ସାଲ୍ ୧୪୩୦

CUTTACK ● WEDNESDAY ● 19 APRIL-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

# ଆହୁରି ଦୁଇଦିନ ଅଥୟ ତାତି, ଡହକୁଛି ଓଡ଼ିଶା

## ୪୦ ଡିଗ୍ରୀ ଉପରେ ୨୯ ସହର

ଭୁବନେଶ୍ୱର: ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପ୍ରବଳ ତାତିରେ ସିଝୁଛି ରାଜ୍ୟର ଅଧିକାଂଶ ସହର । ମଙ୍ଗଳବାର ୨୯ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ବାରିପଦା ଏବଂ ଝାରସୁଗୁଡା ରେ ସର୍ବାଧିକ ୪୪.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଟ୍ୱିନ ସିଟିରେ ତାପମାତ୍ରା ୪୨ ଡ଼ିଗ୍ରୀ ଅତିକ୍ରମ କରିଛି । ଭୁବନେଶ୍ୱର ୪୨.୭ ଡ଼ିଗ୍ରୀ ଏବଂ କଟକରେ ୪୨.୫ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଆଗାମୀ ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ୨୧ ତାରିଖ ପରେ କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଭାଗ ।

ଅପରପକ୍ଷରେ ୨୪ ଘଂଟାରେ ଗ୍ରୀଷ୍ମ ପ୍ରବାହ ପାଇଁ ୮ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ମୟୁରଭଂଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବୌଦ୍ଧ ଓ ବଲାଙ୍ଗୀର । ସେହିପରି ଆସନ୍ତାକାଲି ପାଇଁ ୭ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ମୟୁରଭଂଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ଓ ବୌଦ୍ଧ ।

ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମଙ୍ଗଳବାର ବାରିପଦା ଓ ଝାରସୁଗୁଡା ରେ ସର୍ବାଧିକ ୪୪.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।



ସେହିପରି ବଲାଙ୍ଗୀର ଓ ବୌଦ୍ଧରେ ୪୩.୭, ନୂଆପଡ଼ାରେ ୪୩.୬, ଟିଟିଲାଗଡ଼ ଓ ସୋନପୁରରେ ୪୩.୨, ଅନୁଗୁଳରେ ୪୩.୧, ସମ୍ବଲପୁର ଓ ସୁନ୍ଦରଗଡ଼ରେ ୪୩, ତାଳଚେରରେ ୪୨.୮, ଭୁବନେଶ୍ୱରରେ ୪୨.୬, କଟକ ଓ ଭବାନୀପାଟଣାରେ ୪୨.୫, ରାଉରକେଲାରେ ୪୨.୪, ଢେଙ୍କାନାଳ ଓ ଯାଜପୁରରେ ୪୨, ହୀରାକୁଦରେ ୪୧.୬, ଜଗତସିଂହପୁରରେ ୪୧.୫, ପାରଳାଖେମୁଣ୍ଡିରେ ୪୧.୪, ଚାନ୍ଦବାଲି ଓ ଦେବଗଡ଼ରେ ୪୧.୩, କେନ୍ଦ୍ରାପଡ଼ା ଓ କେନ୍ଦୁଝରରେ ୪୧.୨, ନୟାଗଡ଼ ଓ ଭଦ୍ରକରେ ୪୧, ମାଲକାନଗିରିରେ ୪୦.୨, ବରଗଡ଼ରେ ୪୦.୫ ଓ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଉପକୂଳରୁ ଉପାନ୍ତ ସବୁଠି ତ୍ରାହି ତ୍ରାହି ଡାକୁଛନ୍ତି ରାଜ୍ୟବାସୀ । ଏପରି ତାତି ଆଗକୁ ଆହୁରି ଦୁଇଦିନ ଅନୁଭବନ ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେପଟେ ଆଜି ବାରିପଦା ଓ ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୪.୨ ଡ଼ିଗ୍ରୀ ରେକର୍ଡ କରାଯାଇଛି । ଆଉ ଟ୍ୱିନ୍ ସିଟିରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ୪୨ ଡ଼ିଗ୍ରୀ ଅତିକ୍ରମ କରିଛି ତାପମାତ୍ରା । ପାଣିପାଗ ବିଭାଗର କହିବା ଅନୁସାରେ ପଶ୍ଚିମ- ଉତ୍ତର ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ପବନ ଏହି ଖରା ଗରମକୁ ବଢାଉଥିବା ବେଳେ ବାୟୁମଣ୍ଡଳରେ ଉଚ୍ଚ ଆଦ୍ରତା ଗୁଳୁଗୁଳି ବଢାଉଛି । ତେବେ ୨୧ ତାରିଖ ପରଠୁ ପାଣିପାଗରେ ପରିବର୍ତ୍ତନ ଆସିବ ବୋଲି ଆକଳନ କରିଛି ବିଭାଗ ।

# ରତ୍ନଭଣ୍ଡାର ଚାବି ହଜିଥିଲା, ଏବେ ଶ୍ରୀମନ୍ଦିରର ୨ଟି ଫାଇଲ ହଜିଗଲା

ଭୁବନେଶ୍ୱର; ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରର ଚାବିକୁ ହଜାଇ ଦେଇଥିବା ରାଜ୍ୟ ପ୍ରଶାସନ ଏବେ ଶ୍ରୀମନ୍ଦିରର ୨ଟି ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ହଜାଇ ଦେଇଛନ୍ତି । ଜଗନ୍ନାଥ ମନ୍ଦିର ପ୍ରଶାସନର ଉକ୍ତ ଦୁଇଟି ଫାଇଲକୁ ଖୋଜିବା ପାଇଁ ଆଇନ ବିଭାଗର ଉପସଚିବ ବିଭାଗୀୟ ସମସ୍ତ ଶାଖାକୁ ଚିଠି ଲେଖାଯିବା ପରେ ଏହି ସଙ୍ଗୀନ ତଥ୍ୟ ପଦାକୁ ଆସିଛି । ମିଳିଥିବା ସୂଚନା ଅନୁସାରେ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଦୁଇଟି ଫାଇଲ ଏବେ ଆଇନ ବିଭାଗରେ ହଜିଯାଇଛି । ଉକ୍ତ ଦୁଇଟି ଫାଇଲ କେଉଁଠି ରହିଛି ତାକୁ ପ୍ରାଥମିକତା ଭିତ୍ତିରେ ଖୋଜିବା ପାଇଁ ସର୍ଚ୍ଚ ଅପରେସନ୍ ଓ ଠାବ କରିବାକୁ ଆଇନ ବିଭାଗର ଉପସଚିବ ଅଂଶୁମାନ ମହାନ୍ତି ନିଜ ବିଭାଗ ଅଧୀନସ୍ଥ ସମସ୍ତ ଶାଖାକୁ ଚିଠି ଲେଖି ଅବଗତ କରାଇଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶର ତୁରନ୍ତ ଅନୁପାଳନ ରିପୋର୍ଟ ଦାଖଲ ନିମନ୍ତେ ଏହି ଦୁଇଟି ଫାଇଲର ଆବଶ୍ୟକତା ରହିଥିବାରୁ ପ୍ରାଥମିକତା ଭିତ୍ତିରେ ତାକୁ ଖୋଜିବାକୁ ସେ ଅନୁରୋଧ କରିଛନ୍ତି । ଜଗନ୍ନାଥ ମନ୍ଦିର ପ୍ରଶାସନ ସେକ୍ସନରେ ଦୁଇଟି ଫାଇଲ ଯଥା- ଜେଟିଏ-୫୫/ ୨୦୦୬(ପିଟି) ଓ ଜେଟିଏ-୦୬/ ୨୦୧୪ ଏବେ ମିଳୁନି । ତେଣୁ ବିଭାଗର ସମସ୍ତ ସେକ୍ସନରେ ଏହି ଦୁଇ ଫାଇଲକୁ ଖୋଜିବାକୁ ଓ ଯଦି ନଥିବ ତାହା ଜଣାଇଲେ ପରବର୍ତ୍ତୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମହାନ୍ତି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଅନ୍ୟପକ୍ଷରେ ଏହି ଚିଠି ଲେଖିଥିବା ଆଇନ ବିଭାଗର ଉପସଚିବ ଶ୍ରୀ ମହାନ୍ତି 'ଓଡ଼ିଶା ରିପୋର୍ଟର'କୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଶ୍ରୀମନ୍ଦିର ପରିଚାଳନା କମିଟି ସହ ଜଡ଼ିତ ୨ଟି ପୁରୁଣା ଫାଇଲ ସମ୍ପର୍କରେ ତଥ୍ୟ ମଗାଯାଇଛି । ଶ୍ରୀମନ୍ଦିର ପରିଚାଳନା ସହ ଜଡ଼ିତ ୨୦୦୬ ଓ ୨୦୧୪ ମସିହାର ଦୁଇଟି ହାତଲେଖା ଫାଇଲ ଏବେ ସେକ୍ସନରେ ମିଳୁନି । ହାଇକୋର୍ଟ ୪ଟି ଫାଇଲ ସମ୍ପର୍କରେ ତଥ୍ୟ ମାଗିଛନ୍ତି । ଆମ ପାଖରେ ୨୦୧୮ ଓ ୨୦୨୧ ମସିହାର ଫାଇଲ ରହିଛି । ଏବେ ଫାଇଲଗୁଡ଼ିକ ଅନଲାଇନରେ ହେଉଥିବାରୁ ତାହା ରହିଛି । ବିଭାଗର ପୁରୁଣା କର୍ମଚାରୀମାନେ କିଏ କେଉଁଠି ଏହି ଫାଇଲକୁ ରଖିଥିବେ,ସେଥିପାଇଁ ତୁରନ୍ତ ଖୋଜିବା ନିମନ୍ତେ ଆମେ ବିଭାଗର ସବୁ ଶାଖାକୁ ଚିଠି ଲେଖିଛୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ସେପଟେ ଖବର ମିଳିଛି, ଶ୍ରୀମନ୍ଦିରରେ ଖୁଣ୍ଟିଆ ନିଯୋଗ ହାଇକୋର୍ଟରେ କରିଥିବା କେସ୍ ନେଇ ସମ୍ପୃକ୍ତ ଫାଇଲ୍‌ରେ ତଥ୍ୟ ରହିଥିଲା । କେଉଁ ଆଧାରରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ସଦସ୍ୟ ବଛାଯାଉଛି ସେନେଇ ହାଇକୋର୍ଟରେ ମାମଲା ଚାଲିଛି । ଯାହାର ତଥ୍ୟ ଏହି ଫାଇଲ୍‌ରେ ରହିଥିବା ଅନୁମାନ କରାଯାଇଉଛି ।

# ହତ୍ୟା ଷଡ଼ଯନ୍ତ୍ରର ଖୁଲାସା ହିଁ ନବଦାସଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ: ବିଜେପି

ଭୁବନେଶ୍ୱର (ପିପିଏସ୍): ଓଡିଶାର ଜଣେ ପ୍ରଭାବଶାଳୀ ବିଜେଡି ନେତା ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣେ କାର୍ଯ୍ୟରତ ପୋଲିସ ଅଧିକାରୀ ଦିନ ଦ୍ୱିପହରରେ ଗୁଳି କରି ହତ୍ୟା କଲେ । ରାଜ୍ୟ ସରକାର ମଧ କ୍ରାଇମବ୍ରାଂଚ ଦ୍ୱାରା ଘଟଣାର ତଦନ୍ତ କରାଇଲେ । ୮୦ ଦିନ ପରେ ମଧ ହତ୍ୟାକାଣ୍ଡର ମୁଖ୍ୟ କାରଣ ସଂପର୍କରେ ଜଣାପଡିଲା ନାହିଁ । ଆମେରିକା ସଂସ୍ଥା ନାଁରେ ଏଫବିଆଇ ତଦନ୍ତର ଭେଳିକି ୫୦ ଦିନ ପୂରିଲା, ଆପଣ ଏଥିରେ ସନ୍ତୁଷ୍ଟ କି ? ନିର୍ବାଚନ ଆୟୋଗ ନିଜ ସାମ୍ବିଧାନିକ ଦାୟୀତ୍ୱାନୁଯାୟୀ ଖାଲି ପଡିଥିବା ଝାରସୁଗୁଡ଼ା ଉପନିର୍ବାଚନ କରାଉଛନ୍ତି । ଅପର ପକ୍ଷରେ ଦିବଙ୍ଗତ ନବ ଦାସଙ୍କ ଅବର୍ତମାନରେ ତାଙ୍କ ପରିବାରର ମୁରବୀ ସାଜିଥିବା ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସରକାର ସ୍ୱର୍ଗତ ନବ ଦାସ ଓ ତାଙ୍କ ପରିବାରକୁ କେବେ ନ୍ୟାୟ ଦେବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ମନୋଜ ମହାପାତ୍ର ପ୍ରଶ୍ନ କରିଛନ୍ତି । ଆନ୍ଧ୍ରପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ବର୍ତମାନର ମୁଖ୍ୟମନ୍ତ୍ରୀ ୱାଇ.ଏସ.ଜଗନ ମୋହନ ରେଡ୍ଡିଙ୍କ କାକା ୱାଇ.ଏସ. ବିବେକାନନ୍ଦ ରେଡ୍ଡିଙ୍କ ରହସ୍ୟଜନକ ଭାବେ ମୃତ୍ୟୁ ଘଟଣାରେ ତାଙ୍କ ଝିଅ ସୁନୀତା ସିବିଆଇ ତଦନ୍ତ ପାଇଁ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଦୀର୍ଘ ୪ ବର୍ଷ ପରେ ବର୍ତମାନ ସେ ତାଙ୍କ ବାପାଙ୍କ ପ୍ରକୃତ ହତ୍ୟାକାରୀକୁ ଧରିବାରେ ସଫଳ ହୋଇଛନ୍ତି । ନବ ଦାସଙ୍କ ଝିଅ ସୁନୀତାଙ୍କୁ ରୋଲ ମଡେଲ କରି ତାଙ୍କ ବାପାଙ୍କ ହତ୍ୟାର ସତ୍ୟାସତ୍ୟ ଜାଣନ୍ତୁ ବୋଲି ସେ କହିଛନ୍ତି । ଝାରସୁଗୁଡା ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ନବ ବାବୁଙ୍କ ପରିବାର ସଦସ୍ୟ ଏବଂ ବର୍ତମାନର ମୁରବୀ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ହତ୍ୟାକାଣ୍ଡର ତଦନ୍ତ ଭାର ସିବିଆଇକୁ ପ୍ରଦାନ କରିବା ପାଇଁ ପତ୍ର ଲେଖନ୍ତୁ । ନଚେତ୍ ନବ ବାବୁଙ୍କ ଦାୟଦମାନେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟର ଆଶ୍ରୟ ନିଅନ୍ତୁ । ଅସଲ ଷଡଯନ୍ତ୍ରର ଖୁଲାସା ହେଲେ ପ୍ରକୃତ ଦୋଷୀ ସାମ୍ନାକୁ ଆସିବେ ଏବଂ ତାହା ହିଁ ଦିବଙ୍ଗତ ନବ ଦାସଙ୍କ ପ୍ରତି ଶେଷ୍ଠ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧମ ସହମୁଖ୍ୟ ସୁଜିତ୍ କୁମାର୍ ଦାସ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ପଣ୍ଡା, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଓମପ୍ରକାଶ ମିଶ୍ର ଏବଂ ଜିଲ୍ଲା ସାଧାରଣ ସଂପାଦକ ବିମଳେନ୍ଦୁ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ ।

# ସବୁ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ୨ଦିନ ଛୁଟି

ଭୁବନେଶ୍ୱର: ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁଣିଥରେ ସମସ୍ତ ସ୍କୁଲକୁ ଆଉ ୨ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି । ୧୯ ଓ ୨୦ତାରିଖ ଦୁଇଦିନ ଧରି ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର , ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ବନ୍ଦ ରହିବ । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

# ବନ୍ଦଘରୁ ୩ ଜଣଙ୍କ ମୃତଦେହ ଉଦ୍ଧାର

ବରଗଡ଼: ବନ୍ଦଘର ଭିତରୁ ମଙ୍ଗଳବାର ସ୍ୱାମୀ ଓ ତାଙ୍କର ଦୁଇ ସ୍ତ୍ରୀଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ଠାବ ହୋଇଛି । ବରଗଡ଼ ଜିଲ୍ଲା ଭେଡେନ୍ ? ଥାନା ଅଧୀନ ଆଖିପୁଟା ଗାଁରେ ଘଟିଥିବା ଅଘଟଣ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ମୃତକମାନେ ହେଲେ ଟଙ୍କଧର ସାହୁ ଓ ତାଙ୍କର ୨ ସ୍ତ୍ରୀ ଦ୍ରୌପଦୀ ଓ ମାଧବୀ ।

ସୂଚନା ଅନୁସାରେ ଭେଡେନ୍ ଥାନା ଅନ୍ତର୍ଗତ ଆଖିପୁଟା ଗାଁର ଟଙ୍କଧର ସାହୁଙ୍କ ଘର ବହୁ ସମୟ ବନ୍ଦ ଥିବା ନେଇ ପଡୋଶୀ ଲୋକଙ୍କର ସନ୍ଦେହ ହୋଇଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି । ପୁଲିସ ଟଙ୍କଧର ଓ ତାଙ୍କର ୨ ସ୍ତ୍ରୀ ଦ୍ରେ ?ପଦୀ ଓ ମାଧବୀଙ୍କ ମୃତଦେହ ଉଦ୍ଧାର କରିଛି । ତିନି ଜଣଙ୍କର ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ରହିଛି । ପାରିପାଶ୍ୱିକ ସ୍ଥିତିରୁ ଯାହା ଜଣାପଡୁଛି, ଏହା ହତ୍ୟାକାଣ୍ଡ । ତେବେ ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି । ଅଧିକ ରିପୋର୍ଟକୁ ଅପେକ୍ଷା କରାଯାଇଛି ।

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଆଉ ୩ଟି ଅଗ୍ନିଶମ ସେବା କେନ୍ଦ୍ର

ଭୁବନେଶ୍ୱର:ଭୁବନେଶ୍ୱରରେ ଆଉ ୩ଟି ନୂଆ ଅଗ୍ନିଶମ ସେବା କେନ୍ଦ୍ର ପ୍ରତିଷ୍ଠା ହେବ । ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ପରିସର ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଗ୍ନିଶମ ବ୍ୟବସ୍ଥାକୁ ସୁଦୃଢ଼ କରି ଧନଜୀବନକୁ ସୁରକ୍ଷା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ଏହି ୩ଟି ଅଗ୍ନିଶମ ସେବା କେନ୍ଦ୍ର ତମାଣ୍ଡୋ, ମଞ୍ଚେଶ୍ୱର ଓ ପାହାଳରେ ପ୍ରତିଷ୍ଠା କରାଯିବ । ଏଥିପାଇଁ ୪୫ଟି ପଦବୀ ମଧ ଅନୁମୋଦନ କରାଯାଇଛି । ପ୍ରତ୍ୟେକ କେନ୍ଦ୍ରରେ ୧୫ ଜଣ ଲେଖାଏ କର୍ମଚାରୀ ରହିବେ ।

# ୩୦ ତାରିଖ ସୁଦ୍ଧା ଚାଷୀ ଚିହ୍ନଟ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ପିପିଏସ୍): ୩ ବର୍ଷ ମଧ୍ୟରେ ରାଜ୍ୟର ଏକ ଲକ୍ଷ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଚଳିତ ଅପ୍ରେଲ ମାସ ୩୦ ତାରିଖ ସୁଦ୍ଧା ଚାଷୀ ଚିହ୍ନଟ ପ୍ରକ୍ରିୟା ଶେଷ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ହିତାଧିକାରୀ ଚୟନ କ୍ଷେତ୍ରରେ ସମ୍ବେଦନଶୀଳ କୃଷକ ପରିବାର ଓ ମହିଳା କୃଷକଙ୍କୁ ଅଗ୍ରାଧିକାର ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି । ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ୨୦୨୩-୨୪ ବର୍ଷର କାର୍ଯ୍ୟଖସଡ଼ାର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ସମନ୍ୱିତ କୃଷି, ମିଲେଟ୍ ମିଶନ, ଫସଲର ବିବିଧିକରଣ ସମେତ ମତ୍ସ୍ୟ ଓ ପ୍ରାଣୀପାଳନ ମାଧମରେ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିହେବ । ଏଥି ସହିତ କୃଷକଙ୍କ ଆୟବୃଦ୍ଧି କରିବା ଦିଗରେ କୃଷିଜାତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରିବା ଏକ ଉପଯୋଗୀ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଂପୃକ୍ତ ନିର୍ଦ୍ଦେଶକମାନଙ୍କୁ ନେଇ ପ୍ରତି ମାସରେ ସମନ୍ୱୟ ବୈଠକ କରି କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ଏଥି ସହିତ ଜିଲ୍ଲା ଓ ବ୍ଲକ୍ ସ୍ତରରେ ମଧ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସମନ୍ୱୟ ବୈଠକ କରିବା ସହିତ ପ୍ରତ୍ୟେକ ବ୍ଲକ୍ ରେ ଦୁଇ ଜଣ ମାଷ୍ଟର ଟ୍ରେନର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

## ସମ୍ପାଦକୀୟ

ହତ୍ୟାକାଣ୍ଡକୁ ନେଇ ପ୍ରଶ୍ନ

## ବାଟେଘାଟେ



ଅସହ୍ୟ ତାତିରେ ଆକାଶରୁ ଆହା
ଖସୁଅଛି ନିଆଁ ଝୁଲ
ମଣିଷ ଜୀବନ ଅସ୍ତବ୍ୟସ୍ତ ଏଠି
ଝାଂଜି ଯୋଗୁ କଲବଲ
ବାହାରକୁ ଗଲେ ମଲ
ମୁଣ୍ଡରେ ଗାମୁଛା ମୁଣ୍ଡ ପରେ ଛତା
ପାଦରେ ମାଡ଼ି ଚପଲ
ଜରୁରୀ କାମରେ ଚାଲ
ପତ୍ର ହଲିଲେ ବିଜୁଳି ଉଭାନ
ମାନୁ ନାହିଁ ଜମା ବୋଲ ।

-ରାହୀ

# ଶବକୁ ଷ୍ଟ୍ରେଚର୍‌ରେ ଟାଣି ଟାଣି ୮କିଲୋମିଟର ନେଲେ ପରିବାର ଲୋକେ

ନୂଆପଡ଼ା : ଗୋଟିଏ ପଟେ ନବୀନଙ୍କ ବିକାଶର ସ୍ୱପ୍ନ ଅନ୍ୟପଟେ ମୋଦିଙ୍କ ଡିଜିଟାଲ ଇଣ୍ଡିଆ । ଦେଶ ବିଦେଶରେ ପତିଆଲା ଜାହିର କରିବା ପାଇଁ ରାଜନୈତିକ ବୟାନବାଜି, ହେଲେ ଏ ସବୁ ଭିତରେ ନୂଆପଡ଼ା ଜିଲ୍ଲା କଳା ପଟ୍ ପଟ୍ ବିଜୁ ଏକ୍ସପ୍ରେସ ରାସ୍ତାରେ ଦେଖିବାକୁ ମିଳିଛି ଏକ ପରିବାରର ଶବ ଶୋଭାଯାତ୍ରା । ଷ୍ଟ୍ରେଚର୍ ସାହାଯ୍ୟରେ ଶବକୁ ୮କିଲୋମିଟର ନେଲେ ପରିବାର ଲୋକେ । ମୃତକ ଜଣକ ହେଲେ ସିନାପାଲି ବ୍ଲକ୍ ଅନ୍ତର୍ଗତ ନିଲଜି ଗ୍ରାମପଂଚାୟତ ଗଡ଼ରାମାଲ ଗ୍ରାମର ସରସ୍ୱତୀ ସା ବୟସ(୬୯), ସ୍ୱା:ଲମ୍ବୋଦର ସା, ବୋଲି ଜଣାପଡିଛି । ସୂଚନା ମତାବକ ସରସ୍ୱତୀଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ଇନଚାର୍ଜ ଶ୍ରୀମାନ ସାହୁ ଛୁଟିରେ ଥିବାବେଳେ

ବର୍ତ୍ତମାନ ମୋନାଳି ପ୍ରିୟଦର୍ଶିନୀ ଇନଚାର୍ଜରେ ଥିଲେ ଓ ହସ୍ପିଟାଲ କର୍ମଚାରୀ ଖେମାରାଜ ଘିଭେଲା, ସିଲୀ କର, ଡ. ନର୍ଗିସ ଯାହାନ ଉପସ୍ଥିତ ଥିଲେ କିନ୍ତୁ ବିପିଏମ ରତ୍ନମଣି ଭୋଏ ଉପସ୍ଥିତ ନ ଥିଲେ ସେ ବାହାଘରକୁ ଭୋଜି ଭାତ ଖାଇ ଯାଇଥିଲେ ଏବଂ କୌଣସି ସିକ୍ୟୁରିଟି ଉପସ୍ଥିତି ନ ଥିଲେ । ପରେ ମୃତକଙ୍କ ପରିବାର ବିପିଏମଙ୍କୁ ଫୋନ୍ କରି କହିବାରୁ ମୁଁ କିଛି ଜାଣିନି ବୋଲି କହିଥିଲେ । ସମସ୍ତ ହସ୍ପିଟାଲ୍ କର୍ମଚାରୀ ରହି କେମିତି ଘରକୁ ନେବା ପାଇ କାହା ଅଧିକାରରେ ଅନୁମତି ଦେଲେ ଓ କାହିଁକି ଅବହେଳା କଲେ ଏ ଚିନ୍ତାର ବିଷୟ ।ସରସ୍ୱତୀଙ୍କ ପ୍ରାୟ ୮ ଟାରେ ମୃତ୍ୟୁ ହୋଇଥିଲା । ଇନ୍ ଚାର୍ଜ ପ୍ରିୟଦର୍ଶିନୀ ମଧ ତାଙ୍କ ଡିଉଟି କରିବା କଥା କିନ୍ତୁ ବାସଭବନରେ ରହିଥିଲେ ଆଉ ସାମ୍ବାଦିକ ଯାଇ ଉଠାଇଲା ପରେ ଉଠିଥିଲେ । ହସ୍ପିଟାଲ୍ କାର୍ଯ୍ୟକର୍ତାଙ୍କୁ ପଚାରିବାରୁ ଗାଡ଼ି ବ୍ୟବସ୍ଥା କରିଛି କହିଲେ ହେଲେ କିଛି ବ୍ୟବସ୍ଥା ହେଲା ନାହିଁ । ଫଳରେ ଗାଡ଼ି ନ ମିଳିବାରୁ ନିରାଶୟ ହୋଇ ପରିବାର ଲୋକ ଷ୍ଟ୍ରେଚର ସାହାଯ୍ୟରେ ରାତି ପ୍ରାୟ ୧୨ ଘଣ୍ଟା ସମୟରେ ଘରକୁ ନେଉଥିବାର ଦୁଃଖଦ ଦୃଶ୍ୟ ଦେଖିବାକୁ ମିଳିଛି । ମହାପ୍ରୟାଣ ଗାଡ଼ିର ସୁବିଧା ନଥିବାବେଳେ ଆରକେଏସ ରୋଗୀ କଲ୍ୟାଣ ସମିତିର କୋଟି କୋଟି ଟଙ୍କା ଯାଉଛି କୁଆଡେ ଭୂତ ଖାଉଛି ନା କିଏ ଏ ସବୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି ଓ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।






# ଆପଣ ବି ଗୁପଚୁପ୍ ଖାଇବାକୁ ଭଲ ପାଆନ୍ତି କି ?



ଗୁପଚୁପ ଭଲା କାହାକୁ ପସନ୍ଦ ନୁହେଁ। ଗୁପଚୁପ ନାଁ ଶୁଣି ଅନେକ ଲୋକଙ୍କ ପାଟିରୁ ଲାଳ ଗଡି ଆସିଥାଏ। ଗୁପଚୁପ ସବୁଠାରୁ ଲୋକପ୍ରିୟ ଷ୍ଟ୍ରିଟ ଫୁଡ୍। ଅଧିକାଂଶ ଲୋକ ଗୁପଚୁପ ପାଣି ବି ଢକ ଧକା ପିଇଯାଆନ୍ତି। ଏତେ ଖୁସିରେ ଖାଇଯାଉଥିବା ଗୁପଚୁପ ଆପଣଙ୍କୁ ଗମ୍ଭୀର ରୋଗରେ ପକାଇପାରେ। ଗୁପଚୁପ୍ ପାଟିକୁ ଯେତେ ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ହାନିକାରକ। ଗୁପଚୁପ୍ ଖାଇବାର ଅନେକ ହାନିକାରକ ଗୁଣ ରହିଛି। ଗୁପଚୁପ୍ ଦ୍ୱାରା ଡାଇରିଆ, ଡିହାଇଡ୍ରେସନ୍, ବାନ୍ତି, ଝାଡା, ଜଣ୍ଡିସ୍, ଅଲସର୍, ପାଚନ କ୍ରିୟାରେ ସମସ୍ୟା, ପେଟ ସମସ୍ୟା, ଅନ୍ତନଳୀରେ ସୁଜନ ଆଦି ସମସ୍ୟା ଦେଖାଦେଇପାରେ। ଗୁପଚୁପ ଖାଇବା ଦ୍ୱାରା ରକ୍ତଚାପ ସମସ୍ୟା ମଧ୍ୟ ଦେଖାଦେଇଥାଏ। ଗୁପଚୁପର ଖଟା ପାଣିରେ ବହୁ ମାତ୍ରାରେ ଲୁଣ ବ୍ୟବହାର କରାଯାଇଥାଏ। ଯେଉଁଥିପାଇଁ ରକ୍ତଚାପ ବୃଦ୍ଧି ପାଇଥାଏ। ବାହାରେ ମିଳୁଥିବା ଗୁପଚୁପ୍ ଛାଣିବା ପାଇଁ ଅନେକ ଥର ଛଣା ହୋଇଥିବା ତେଲ ବ୍ୟବହାର କରାଯାଇଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହାଦ୍ୱାରା ଏସିଡ଼ିଟି, ଗ୍ୟାସ୍, ପେଟରେ ଯନ୍ତ୍ରଣା ଆଦି ସମସ୍ୟା ଦେଖାଦେଇଥାଏ। ଗୁପଚୁପ ବିକ୍ରି କରୁଥିବା ଦୋକାନୀ ସଫା ସୁତୁରା ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ସେଥିପାଇଁ ସବୁବେଳେ ସଫା ସୁତୁରା ଜଗା ଦେଖି ହିଁ ଗୁପଚୁପ ଖାଇବା ଉଚିତ, ଯେଉଁଠାରେ ସବୁ ଜିନିଷ ଘୋଡେଇ ରଖାଯାଇଥିବ ଏବଂ ବିକ୍ରି କରୁଥିବା ଲୋକ ହାତରେ ଗ୍ଲୋବ୍ସ ପିନ୍ଧିଥିବେ। ବର୍ଷା ଦିନରେ ଦେଖି ଚାହିଁ ଗୁପଚୁପ ଖାଇବା ଉଚିତ। କାରଣ ବର୍ଷା ଦିନରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ସେଥିପାଇଁ ବର୍ଷା ଦିନରେ ଗୁପଚୁପ ନ ଖାଇବାକୁ ଚେଷ୍ଟା କରନ୍ତୁ।

# ଖାଇବା-ପିଇବା ସାମଗ୍ରୀ ହୋଇପାରେ ଆହୁରି ମହଙ୍ଗା

ସାମଗ୍ରୀ ଓ ସେବା କର (ଜିଏସଟି) ପରିଷଦଙ୍କ ଆଗାମୀ ବୈଠକ ମେ ମାସରେ ଅନୁଷ୍ଠିତ ହେବ। ଏହି ବୈଠକରେ ଏପର୍ଯ୍ୟନ୍ତ ପ୍ରଭାବୀ ଥିବା ୫ ପ୍ରତିଶତ କର ସ୍ଲାବକୁ ସମାପ୍ତ କରିବା ଲାଗି ବିଚାର କରାଯାଇପାରେ। ଏହି ସ୍ଲାବ ବଦଳେ ଅଧିକ ଖର୍ଚ୍ଚ ହେଉଥିବା ଉତ୍ପାଦଗୁଡିକୁ ୩ ପ୍ରତିଶତ ଓ ବାକି ସାମଗ୍ରୀକୁ ୮ ପ୍ରତିଶତ କର ସ୍ଲାବରେ ପକାଇବାକୁ ବ୍ୟବସ୍ଥା ହୋଇପାରେ। ଯଦି ସ୍ଲାବରେ ଏପରି ପରିବର୍ତ୍ତନ ହୁଏ ମୂଲ୍ୟବୃଦ୍ଧିରେ ସାଧାରଣ ଲୋକଙ୍କ ଲାଗି ପରିସ୍ଥିତି ଆହୁରି ଖରାପ ହୋଇପାରେ ବୋଲି ଏବେଠୁ ଅନୁମାନ କରାଗଲାଣି। ରାଜସ୍ୱ ବୃଦ୍ଧି ଲାଗି ପ୍ରାୟ ରାଜ୍ୟଙ୍କ ରାୟ ଏକ। ଯେଉଁଥିରେ କ୍ଷତିପୂରଣ ଲାଗି ସେମାନଙ୍କୁ କେନ୍ଦ୍ର ଉପରେ ଅଧିକ ନିର୍ଭର ହେବାକୁ ନ ପଡେ। ଏଥିରେ ସ୍ଲାବରେ ଏହି ପରିବର୍ତ୍ତନ ଏକ ପ୍ରକାର ନିଶ୍ଚିତ ବୋଲି ଅନୁମାନ କରାଯାଉଥିବା ବେଳେ ଖାଇବା ପିଇବା ସାମଗ୍ରୀ ଦର ବଢିବା ଏବେ ନିଶ୍ଚିତ ବୋଲି ଅନୁମାନ କରାଯାଉଛି। ଏବେ ଜିଏସଟିରେ ୫, ୧୨, ୧୮ ଓ ୨୮ ପ୍ରତିଶତର କର ସ୍ଲାବ ରହୁଛି। ଏହା ବାଦେ ସୁନା ଓ ସ୍ୱର୍ଣ୍ଣ ଆଭୂଷଣ ଉପରେ ଅଧିକ ୩ ପ୍ରତିଶତ କର ଧାର୍ଯ୍ୟ ହେଉଛି।

# ହେୟାର କଲର୍ କରୁଛନ୍ତି କି ?

ପୂର୍ବରୁ କେବଳ ଧଳା କେଶ ଲୁଚାଇବାକୁ ଲୋକମାନେ ହେୟାର କଲର୍ କରୁଥିଲେ କେନ୍ତୁ ଏବେ କେଶକୁ କଲର୍ କରିବା ଫେସନ୍‌ର ଅଂଶ ହୋଇଗଲାଣି । ଆଜିକାଲି ଯୁବବର୍ଗ କେଶରେ ଅଲଗା ଅଲଗା ରଙ୍ଗର ଏକ୍ସପେରିମେଣ୍ଟ କରିବାର କ୍ରେଜ୍ ଖୁବ ଦେଖିବାକୁ ମିଳୁଛି । କେଶକୁ ବ୍ଲଣ୍ଡ ଠାରୁ ନିଅନ୍ ସେଡ୍ ଦେବା ଟ୍ରେଣ୍ଡ ଅଧିକ ଚାଲିଛି, ଯାହାକୁ ବେଶ ଫଲୋ କରା ଯାଉଛି । କିନ୍ତୁ ଅନେକ ସମୟରେ ଲୋକମାନେ କେଶକୁ କଲର କରିସାରିବା ପରେ କେଶର ଯତ୍ନ ନେବା ଭୁଲି ଯାଇଥାନ୍ତି, ଯାହା ଫଳରେ କେଶ ଶୁଖିଲା ଏବଂ ଡ୍ୟାମେଜ୍ ହେବାକୁ ଲାଗେ । ବୋଲ୍ଡ କଲର୍ ପାଇବା ପାଇଁ ହାର୍ଡ କେମିକାଲ୍ ଯୁକ୍ତ ପ୍ରଡକ୍ଟର ବ୍ୟବହାର କରାଯାଏ, ସେଥିଲାଗି ଯଦି କେଶ କଲର, କରିବାର ଅଛି ତେବେ ତାହାର ଯତ୍ନ ନେବା ନିହାତି ଆବଶ୍ୟକ । କୌଣସି ଅଣପେଶାଦାର ହେୟାର ଡିଜାଇନରଙ୍କ ନିକଟରେ କିମ୍ବା ନିଜେ କଲର୍ କରିବା ସବୁଠାରୁ ବଡ ଭୁଲ୍ । ଏହି କାମ ପାଇଁ ସର୍ବଦା ହେୟାର ଏକ୍ସପର୍ଟଙ୍କର ସହାୟତା ନେବା ଆବଶ୍ୟକ । କାରଣ ଏକ୍ସପର୍ଟଙ୍କୁ ଏହି କାମ ବିଷୟରେ ଭଲ ଭାବରେ ଜଣାଥାଏ , ଯେପରିକି ଆପଣଙ୍କ କେଶରେ କେଉଁ କଲର ସୁଟ୍ କରିବ , ଆପଣଙ୍କ କେଶର ଟେକ୍ସଚର କଣ , କଲରକୁ କେମିତି ଆଉ କେତେ ସମୟ ପର୍ଯ୍ୟନ୍ତ ଲଗାଇବା ଆବଶ୍ୟକ ଏବଂ ଏହା ପରେ କିପରି କେଶର ଯତ୍ନ ନେବା ଆବଶ୍ୟକ ଇତ୍ୟାଦି । ହେୟାର କଲର୍ କରିବା ପରେ ତାହାର ଯତ୍ନ ନେବା ଜରୁରୀ । ତାହା କିପରି ଅଧିକ ଦିନ ପର୍ଯ୍ୟନ୍ତ ରହିବ ସେଥିଲାଗି ଏକ୍ସପର୍ଟ କହିବା ଅନୁଯାୟୀ ସ୍ୟାମ୍ପୁ ଏବଂ କଣ୍ଡିସନର ବ୍ୟବହାର କରିବା ଆବଶ୍ୟକ । ଅଧିକ ମାତ୍ରାରେ ହାର୍ଡ କେମିକାଲ ଯୁକ୍ତ ସ୍ୟାମ୍ପୁ ବ୍ୟବହାରରୁ ଦୂରେଇ ରୁହନ୍ତୁ, କାରଣ ଏହାଦ୍ୱାରା କଲର ଛାଡି ଯାଇଥାଏ । ଯଦି ନୂଆନୂଆ କଲର କରିଥିବେ ତେବେ ଖରାରୁ କେଶକୁ ବଞ୍ଚାଇ ରଖିବେ କାରଣ ଏହାଦ୍ୱାରା ହେୟାର କଲର ଶୀଘ୍ର ଛାଡି ଯାଇଥାଏ । ଯଦି ବାହାରକୁ ଯାଉଛନ୍ତି ତେବେ ସ୍କାର୍ଫ ରେ କେଶକୁ ଘୋଡାଇ ରଖନ୍ତୁ । ଡ୍ରାୟର ଷ୍ଟେଟନର, ହଟ୍ ରୋଲର ଭଳି ହିଟିଙ୍ଗ୍ ହେୟାର ପ୍ରଡକ୍ଟର ବ୍ୟବହାରରୁ ଦୂରେଇ ରୁହନ୍ତୁ । ଗାଧୋଇବା ପୂର୍ବରୁ ଯଦି ଆପଣ ତେଲ ଲଗାଉଥିବେ ତେବେ କେଶରେ ନଡ଼ିଆ ତେଲ ଲଗାନ୍ତୁ ଯେପରିକି କଲର ଖରାପ ନହେବ । କେମିକାଲ୍ ଯୁକ୍ତ ହେୟାର କଲର କରିବା ପରେ କେଶ ଶୁଖିଲା ହେବା ସ୍ୱଭାବିକ ତେଣୁ ଏଥିଲାଗି ନିୟମିତ ହେୟାର ସ୍ପା କରିବାକୁ ପରାମର୍ଶ ଦିଆ ଯାଇଥାଏ । ଏହାଦ୍ୱାରା କେଶକୁ ପୋଷଣ ମିଳିଥାଏ । ହେୟାର ସ୍ପା ଦ୍ୱାରା କେଶର ଭଲ ମସାଜ୍ ହୋଇଥାଏ ଯେଉଁଥିରେ କେଶ ସାଇନ୍ ଏବଂ ସ୍ମୁଥନେସ ରହିଥାଏ । କେଶ ଧୋଇବା ପାଇଁ ସର୍ବଦା ଥଣ୍ଡା ପାଣି ବ୍ୟବହାର କରିବା ଆବଶ୍ୟକ । . କେଶରେ ନିୟମିତ ହେୟାର ସେରମ୍ ଲଗାନ୍ତୁ । . ଏମୋନିଆ ଏବଂ କେମିକାଲ୍ ଫ୍ରି ସ୍ୟାମ୍ପୁ, କଣ୍ଡିସନର ବ୍ୟବହାର କରନ୍ତୁ । . ସପ୍ତାହରେ ଥରେ କିମ୍ବା ଦୁଇଥର ହାଲୁକା ଅଲିଭ୍ ଅଏଲ କିମ୍ବା ଅନ୍ୟ ହେୟାର ଅଏଲ ରେ କେଶକୁ ମସାଜ୍ କରନ୍ତୁ । ପ୍ରତ୍ୟେକ ଦିନ କେଶକୁ ଧୁଅନ୍ତୁ ନାହିଁ । ଆପଣ ଘରେ ମଧ୍ୟ ହେୟାର ମାସ୍କ କରି ଲଗାଇପାରିବେ । ଏଥିପାଇଁ ଦୁଇଟି କଦଳୀ, ସେଥିରେ କିଛି ମହୁ, ଘିକୁଆଁରୀ , କ୍ଷୀର, ଅଣ୍ଡା, ବାଦାମ କିମ୍ବା ନଡ଼ିଆ ତେଲ ମିଶାଇ ୧୫ ରୁ ୩୦ ମିନିଟ ପରେ କେଶରେ ଲଗାଇ ଧୋଇଦିଅନ୍ତୁ । ହେୟାର କଲର୍ କରିବା ପୂର୍ବରୁ କଲରକୁ ହାତ ଉପରେ କିଛି ସମୟ ଲଗାଇ ତାହାକୁ ଟେଷ୍ଟ କରନ୍ତୁ ଯାହାଫଳରେ , କଲର ରିଆକ୍ଟ କରୁଛି କି ନାହିଁ ଜଣାପଡ଼ିଯିବ ।

# କିନ୍ନର ଦମ୍ପତ୍ତିଙ୍କୁ ପୋଷ୍ୟ ସନ୍ତାନ କଲେ ବୃଦ୍ଧ ଦମ୍ପତ୍ତି

ପିଲାମାନଙ୍କୁ ଆଡପ୍ଟ କରିବା କଥା ଆପଣ ଶୁଣିଥିବେ। ସେଲିବ୍ରେଟି ମାନଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ପର୍ଯ୍ୟନ୍ତ ଲୋକେ ସନ୍ତାନ ଆଡପ୍ଟ କରୁଛନ୍ତି। କିନ୍ତୁ ଆପଣ କେତେ ଦମ୍ପତିଙ୍କୁ ଆଡପ୍ଟ କରିବା କଥା ଶୁଣିଛନ୍ତି କି ଚଣ୍ଡିଗଡର ଜଣେ ବୃଦ୍ଧ ଦମ୍ପତି କିନ୍ନର ଦମ୍ପତିଙ୍କୁ ଆଡପ୍ଟ କରିଛନ୍ତି। କଥାଟି ନୂଆ କିନ୍ତୁ ସତ। ବୃଦ୍ଧ ଦମ୍ପତି ସମସାର ଏବଂ ତାଙ୍କ ସ୍ୱାମୀ ଓକିଲ ଦରବାର ସିଂ ଚୋହଲ ଏଭଳି କିଛି ନିଆରା କାମ କରି ଚର୍ଚ୍ଚା ସାଉଁଟିଛନ୍ତି। ସମସାର ଜଣେ ନୃତ୍ୟ ଶିକ୍ଷକ। ୧୯୮୯ରେ ତାଙ୍କ ପାଖକୁ ନାଚ ଶିଖିବାକୁ ଆସୁଥିଲେ ଧନଞ୍ଜୟ। ସେତେବେଳେ ସେ ପୁଅ ଥିଲେ। ପରେ ସେ ଯେତେବେଳେ ଝିଅ ବେଶରେ ରହିବାର ନିଷ୍ପତ୍ତି ନେଲେ ସେ ନାଚ ଶିଖିବା ଛାଡିଦେଲେ। କୋଭିଡ୍ ପ୍ରଥମ ଲହର ଲକ୍‌ଡାଉନ୍ ସମୟରେ ସେ ପୁଣି ଥରେ ନୃତ୍ୟ ଗୁରୁ ସମସାରଙ୍କ ସହ ଭେଟ ହେଲେ। ସମସାରାଙ୍କୁ ଧନଞ୍ଜୟ ତାଙ୍କ ସଂଘର୍ଷମୟ କାହାଣୀ ଏବଂ ପୁଅରୁ ଝିଅ ହେବାର ଯାତ୍ରା ବିଷୟରେ କହିଲେ। କିନ୍ନର ହୋଇଥିବାରୁ ଧନଞ୍ଜୟଙ୍କୁ କଲେଜରୁ ବାହାର କରିଦିଆଯାଇଥିଲା। ଯେଉଁଥିପାଇଁ ସେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ଧନଞ୍ଜୟ ୨ ଥର ଗଣବଳାତ୍କାରର ଶିକାର ମଧ୍ୟ ହୋଇଛନ୍ତି।ପୋଲିସ୍ ରେ ଏନେଇ ଅଭିଯୋଗ ପରେ ମଧ୍ୟ ପୋଲିସ ତରଫରୁ ତାଙ୍କୁ କୌଣସି ସାହାଯ୍ୟ ମିଳିନଥିଲା। ଭିକ ମାଗି ଧନଞ୍ଜୟ ତାଙ୍କ ପାର୍ଟନର ରୁଦ୍ରଙ୍କ ସହ ବସ୍ତିରେ ରହୁଥିଲେ। ଏସବୁ କଥା ଶୁଣିବା ପରେ ସମସାର ତାଙ୍କ ସ୍ୱାମୀଙ୍କ ସହ କଥା ହୋଇ ଦୁହିଁଙ୍କୁ ନିଜ ପାଖରେ ରଖିବାର ନିଷ୍ପତ୍ତି ନେଲେ। ଏବେ ସମସାରଙ୍କ ସହ ରହୁଛନ୍ତି ଧନଞ୍ଜୟ ଏବଂ ରୁଦ୍ର। ସମସାରାଙ୍କ ଝିଅ ଆମେରିକାରେ ଡାକ୍ତର ଅଛନ୍ତି। ସେ ମଧ୍ୟ ବାପା ମାଆଙ୍କର ଏହି ପଦକ୍ଷେପକୁ ସମର୍ଥନ କରିଛନ୍ତି। ଧନଞ୍ଜୟ ଏବଂ ରୁଦ୍ର ସମସାରା ଏବଂ ତାଙ୍କ ସ୍ୱାମୀଙ୍କୁ କାମରେ ସାହାଯ୍ୟ କରୁଛନ୍ତି। ଧନଞ୍ଜୟ ପୁଣିଥରେ ପଞ୍ଜାବ ୟୁନିଭରସିଟିରେ ନାଁ ଲେଖାଇ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି। ଏଥିସହ ସେ ବିଭିନ୍ନ ଏନ୍‌ଜିଓ ସହ ମିଶି କିନ୍ନରଙ୍କ ହକ୍ ପାଇଁ ଲଢିଛନ୍ତି। ଧନଞ୍ଜୟ କୁହନ୍ତି, ସମସାରା ମ୍ୟାଡଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ସେ ବାପା ମାଆ ବୋଲି ଡାକୁଛନ୍ତି। ସେ ତାଙ୍କୁ କେବଳ ଘର ଦେଇନାହାନ୍ତି ଭଲ ପାଇବା ଏବଂ ସମ୍ମାନ ଦେଇଛନ୍ତି। ଏଭଳି ସମ୍ମାନ ଯାହାକୁ ଦେବାକୁ ସମାଜ କୁଣ୍ଠାବୋଧ କରେ। ବୃଦ୍ଧ ଦମ୍ପତିଙ୍କ ପାଇଁ ଧନଞ୍ଜୟ ଏବଂ ରୁଦ୍ର ଏବେ ଖୁସିରେ ରହୁଛନ୍ତି। ନୂଆ ଘର ନୂଆ ପରିଚୟ ସହ ଏମିତି ଲାଗୁଛି ଯେମିତି ତାଙ୍କୁ ନୂଆ ଜୀବନ ମିଳିଯାଇଛି।

# ଆଜିର ରାଶିଫଳ

**ମେଷ**
କୁଳ ଉଜ୍ଜ୍ୱଳକାରୀ ହୋଇପାରନ୍ତି। ମନ ପ୍ରସନ୍ନ ରହିବ। ସୁସ୍ଥ ଓ ନିରାମୟ ଜୀବନଯାପନ କରିପାରନ୍ତି। ଦୟାଳୁ ସ୍ୱଭାବରୁ ହେବେ। ବ୍ୟବସାୟ ଲାଭଜନକ ହେବ।

**ବୃଷ**
ଆଳସ୍ୟ ପରାୟଣ ହେବେ; ତଥାପି ହସଖୁସିରେ ସମୟ ଅତିବାହିତ ହେବ। ଭାଗ୍ୟଶାଳୀ ହେବେ। ଭୋଗ ବିଳାସରେ ବୁଡ଼ିରହିବେ। ଦାମ୍ପତ୍ୟଜୀବନ ସୁଖମୟ ହେବ।

**ମିଥୁନ**
ସ୍ୱାଭିମାନୀ ହେବେ। ଯୁଗ୍ମ ବ୍ୟବସାୟ ଲାଭଜନକ ହେବ। ମିତ୍ରମାନେ ସାହାଯ୍ୟ ପରିବର୍ତ୍ତେ ଝଗଡ଼ା କରିବେ। ଚନ୍ଦ୍ରଭୋଗ ହେତୁ ସତର୍କ ହେବେ। ମନ ପ୍ରସନ୍ନ ରହିବ।

**କର୍କଟ**
ସାମୟିକ ଭାବେ ମନରେ ଅହଂଭାବ ଜାଗ୍ରତ ହେବ। ଶାନ୍ତି ଓ ଧୈର୍ଯ୍ୟବାନ୍ ହେବ। ପତ୍ନୀଙ୍କ ପରାମର୍ଶରେ କାମ କରି ସଫଳତା ପାଇବେ। ଅଧିକ ଅଭୀଷ୍ଟ ହୋଇପାରନ୍ତି।

**ସିଂହ**
ବହୁତଦିନର ଆଶା ଆଜି ପୂର୍ଣ୍ଣ ହେବ। ଉଚ୍ଚସମ୍ମାନ ଲାଭ କରିପାରନ୍ତି। ଦେହ ଭଲ ରହିବ। କାର୍ଯ୍ୟରେ ମନୋବଳ ବହୁତ ବଢ଼ିଯିବ। ଦୂରଯାତ୍ରା କରିବାର ସୁଯୋଗ ପାଇବେ।

**କନ୍ୟା**
ଶରୀର ସୁସ୍ଥ ରହିବ। ବଳିଷ୍ଠ ହେବେ। ଶତ୍ରୁହନ୍ତା ହୋଇାପାରନ୍ତି। ଚାହୁଁଥିବା ସାହାଯ୍ୟ ମିଳିବ। ଆଲୋଚନା ମାଧ୍ୟମରେ କାର୍ଯ୍ୟ କଲେ ସଫଳତା ପାଇବେ। ଚଞ୍ଚଳ ପ୍ରକୃତିର ହେବେ।

**ତୁଳା**
ଉଦାର ସ୍ୱଭାବର ହେବେ। ଦାନ ଧର୍ମକୁ ପ୍ରଧାନ୍ୟ ଦେଇ କାର୍ଯ୍ୟ କରିବେ। ସୁଖୀ ରହିବେ। ଜଣେ ଶ୍ରଦ୍ଧାଳୁ ଭାବେ ନିଜର ପରିଚୟ ସୃଷ୍ଟି କରିବେ। ସୁସ୍ଥ ଓ ନିରାମୟ ରହିବେ।

**ବିଛା**
କାର୍ଯ୍ୟ ହାସଲ କରିବାକୁ ହେଲେ ତରବର ନହୋଇ ଅପେକ୍ଷା କରିବାକୁ ହେବ। ଶୋଭନ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିବେ। ପରଦେଶବାସୀ, ମଧୁରଭାଷୀ ହେବେ।

**ଧନୁ**
ନିଜ ନିଜକୁ ସାନ୍ତ୍ୱନା ଦେବେ। ଚନ୍ଦ୍ରଭୋଗ ହେଉଥିବାରୁ ରୁଚିକର ଭୋଜନ ମିଳିବ। ଐଶ୍ୱର୍ଯ୍ୟଯୁକ୍ତ ହେବେ। ଦାମ୍ପତ୍ୟଜୀବନ ସୁଖପ୍ରଦ ହେବ। ସୁସ୍ଥ ଓ ନିରାମୟ ରହିବେ।

**ମକର**
ବ୍ୟବସାୟ କ୍ଷେତ୍ରରେ ଉନ୍ନତି କରିବେ। ବନ୍ଧୁଙ୍କ ଦ୍ୱାରା ଅପଦସ୍ଥ ହେବେ। ପୈତୃକ କର୍ମରେ ଦ୍ୱନ୍ଦ୍ୱ ଉପୁଜିପାରେ। ମିତ୍ରଙ୍କ ସହ ସମ୍ପର୍କ ବୃଦ୍ଧି ହେବ। ଅର୍ଥାଭାବ ଦୂର ହେବ।

**କୁମ୍ଭ**
ଚଞ୍ଚଳ ସ୍ୱଭାବର ହେବେ। ସରଳ ସାବଲୀଳ ଭାଷା ପ୍ରୟୋଗ କରି ଅଧସ୍ତନ ବ୍ୟକ୍ତିଙ୍କଠାରୁ କାର୍ଯ୍ୟହାସଲ କରିବେ। ନୀତିନିଷ୍ଠ ହେବେ। ଧାର୍ମିକ ପ୍ରବୃତ୍ତିର ହେବେ।

**ମୀନ**
ଆୟ ଆଶାନୁରୂପ ହେବ। ଯଶସ୍ୱୀ ହେବେ। ସୁସ୍ଥ ଓ ନିରାମୟ ଜୀବନ ଯାପନ କରିବେ। ଚଞ୍ଚଳପ୍ରକୃତିର ହେବେ। ଲୋକପ୍ରିୟତା ଅର୍ଜନ କରିବେ।

# ଜିନିଷ ଭିତରେ ଲୁଚି ରହିଛି ଜୀବନର ସଫଳତା

ସାଧାରଣତଃ ଜୀବନରେ ସଫଳତା ପାଇବା ପାଇଁ ବହୁତ ପରିଶ୍ରମ କରିବାକୁ ପଡିଥାଏ । କଠିନ ପରିଶ୍ରମ ବିନା କୌଣସି ସଫଳତା ସିଢି ଚଢି ହୁଏ ନାହିଁ।ସଫଳତା ମିଳିଲେ କେବଳ ଧନ ହିଁ ନୁହେଁ ବ୍ୟକ୍ତିର ଦକ୍ଷତା, ଆତ୍ମବିଶ୍ୱାସ ଏବଂ ଲୋକପ୍ରିୟତା ମଧ୍ୟ ବଢିଥାଏ । ସଫଳତାର ଚାବି କହୁଛି ଯେଉଁମାନେ ଭଲ ଜ୍ଞାନ ଏବଂ ଭଲ ସଂଗତ ଉପରେ ଗମ୍ଭୀର ରୁହନ୍ତି, ସେମାନେ ସର୍ବଦା ସଫଳତା ପାଇଥାନ୍ତି ଏବଂ ସମ୍ମାନ ମଧ୍ୟ ପାଆନ୍ତି । ଯଦି ତୁମେ ଜୀବନରେ ସଫଳ ହେବାକୁ ଚାହୁଁଛ ତେବେ ଏହି ଜିନିଷଗୁଡ଼ିକୁ କେବେ ହେଲେ ଅଣଦେଖା କରନ୍ତୁ ନାହିଁ । ତେବେ ସଫଳତାର ସିଢି ଆପଣାଇବାକୁ ହେଲେ ଜାଣନ୍ତୁ ସେହି ଗୁଡିକ ବିଷୟରେ ଯୋଗ୍ୟ ହୁଅ, ସବୁବେଳେ କିଛି ନୂଆ ଶିଖ – ସଫଳତାର ଚାବି କହୁଛି ଜୀବନରେ ସଫଳତା ସେହିମାନଙ୍କ ପାଇଁ ଆସିଥାଏ ଯେଉଁମାନେ ସର୍ବଦା ଶିକ୍ଷା ଗ୍ରହଣ କରିବାକୁ ପ୍ରସ୍ତୁତ ଥାନ୍ତି । ଏହିପରି ଭାବରେ ଲୋକମାନେ ସଦା-ସର୍ବଦା କିଛି ନୂଆ ଶିଖନ୍ତି । ଜ୍ଞାନ ଆହରଣ ପାଇଁ ସର୍ବଦା ପ୍ରସ୍ତୁତ ରହିଥାନ୍ତି । କହିବାକୁ ଗଲେ ଶିକ୍ଷା ପାଇବା ପାଇଁ କୌଣସି ବୟସ ନଥାଏ । ଜ୍ଞାନ ଆହରଣ କରିବାକୁ ହେଲେ ଜଣେ ଆତ୍ମବିଶ୍ୱାସ ରହିବା ଆବଶ୍ୟକ । ଯେତେବେଳେ ଜଣେ ବ୍ୟକ୍ତି ସଂପୂର୍ଣ୍ଣ ରୂପେ ସ୍ଥିର ହୁଏ, ସେତେବେଳେ କେହି ତାଙ୍କୁ କିଛି ଶିଖିବାକୁ ଅଟକାଇ ପାରିବେ ନାହିଁ । ରୀତିନୀତି ଏବଂ ସଂଗତ ପ୍ରତି ଧ୍ୟାନ ଦେବାକୁ ନିଶ୍ଚିତ ହୁଅନ୍ତୁ – ସଫଳତାର ଚାବି କହେ ଯେ ମୂଲ୍ୟବୋଧ ଏବଂ ସଂଗତର ଭଲ ହେଲେ ଶିକ୍ଷାର ଗୁରୁତ୍ୱ ମଧ୍ୟ ରହିଥାଏ । ସଂସ୍କୃତ ମାଧ୍ୟମରେ ହିଁ ଶିକ୍ଷାକୁ କିପରି ବ୍ୟବହାର କରାଯିବ ସେଥିପାଇଁ ପ୍ରେରଣା ମିଳିଥାଏ । ସଂଗତ ସହ ସଫଳତାର ରାସ୍ତା ସହଜ ହୋଇଯାଏ । ସର୍ବଦା ଭଲ କାର୍ଯ୍ୟ କର – ସଫଳତାର ଚାବି କହେ ଯେ ଜଣେ ସର୍ବଦା କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ହେବା ଉଚିତ୍ । ଉଚିତ୍ ଫଳ ବିଷୟରେ ଚିନ୍ତା କରନ୍ତୁ ନାହିଁ । ଯଦି କାମଟି ଭଲ, ତେବେ ଏହାର ଭଲ ଫଳାଫଳ ମିଳିବ । ମଣିଷର କଲ୍ୟାଣ ପାଇଁ ଜଣେ ସର୍ବଦା ଗମ୍ଭୀର ହେବା ଉଚିତ୍ । ତୁମେ ଯାହା ବି କାମ କର, ଅନ୍ୟମାନଙ୍କୁ କେତେ ଲାଭ ମିଳିବ ଏହା ଉପରେ ଚିନ୍ତା କରିବା ଉଚିତ୍ । ଏହିସବୁ ଲୋକମାନଙ୍କ ଠାରୁ ଦୂରରେ ରୁହନ୍ତୁ- ସଫଳତାର ଚାବି କହୁଛି ଯେ ଜଣେ ତାଙ୍କ ସଂଗତ ପ୍ରତି ଯତ୍ନବାନ ହେବା ଉଚିତ୍ । ଖରାପ ସଂଗତ ହେତୁ ଜଣେ ଦକ୍ଷ ବ୍ୟକ୍ତି ମଧ୍ୟ ନିଜ ପ୍ରତିଭାର ପୂର୍ଣ୍ଣ ଲାଭ ଅନ୍ୟମାନଙ୍କୁ ଦେବାରେ ସକ୍ଷମ ହୁଅନ୍ତି ନାହିଁ । ଏଥିପାଇଁ ଖରାପ ସଂଗତ ସର୍ବଦା ପରିତ୍ୟାଗ କରାଯିବା ଉଚିତ୍ । ଏହି ପ୍ରକାର ବ୍ୟକ୍ତି ସମସ୍ତ ପ୍ରକାର ପ୍ରତିଭାକୁ ନଷ୍ଟ କରିଥାଏ । ବ୍ୟକ୍ତିଙ୍କୁ ଲକ୍ଷ୍ୟରୁ ବିଚ୍ୟୁତ କରେ ।

# ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଗ୍ରୀନ୍ ମଟର

ଗ୍ରୀନ୍ ମଟର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଏଥିରେ ଭିଟାମିନ୍, କ୍ୟାଲସିୟମ୍, ଆଇରନ୍, ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟିବ୍ୟାକ୍ଟେରିୟାଲ ଗୁଣ ରହିଥାଏ । ଏହାକୁ ଖାଇବା ଦ୍ୱାରା ମଧୁମେହ ନିୟନ୍ତ୍ରଣ ରହିବା ସହ ଇମ୍ୟୁନିଟି ବଢାଇବାରେ ସାହାଯ୍ୟ କରେ । ଏହାକୁ ଖାଇବାର କିଛି ଡିସ୍ : ୧. ମଟରକୁ ପିସ୍ କରି ସେଥିରେ ପରଟା କରି ଖାଇପାରିବେ । ୨. ପନିପରିବା ଭାବରେ ଏହାକୁ ପ୍ରସ୍ତୁତ କରିପାରିବେ । ୩. ପଲାଉରେ ମଧ୍ୟ ଗ୍ରୀନ୍ ମଟର ବ୍ୟବହାର କରିପାରିବେ । ୪. ପୋହା, ମ୍ୟାଗି ଆଦି ପ୍ରସ୍ତୁତ କରିବା ସମୟରେ ସେଥିରେ ଗ୍ରୀନ୍ ମଟର ବ୍ୟବହାର କରି ଡିସ୍ ର ସ୍ୱାଦ ବଢାଇ ପାରିବେ । ମଟରରୁ ମିଳୁଥିବା ଲାଭ .... ଏଥିରେ ଫାଇବର, ପ୍ରୋଟିନ୍ ଅଧିକ ମାତ୍ରାରେ ଥିବାରୁ ଏହା ଶରୀରରେ ସୁଗାର ଲେବଲ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ମଧୁମେହ ରୋଗୀଙ୍କୁ ନିଜର ଡାଏଟ୍ ରେ ଏହାକୁ ବ୍ୟବହାର କରିବା ଉଚିତ୍ । ଏହାର ସେବନ ଦ୍ୱାରା କୋଲେଷ୍ଟ୍ରଲ ବଢିବାର ସମସ୍ୟା କମ୍ ହୋଇଥାଏ । ହୃତପିଣ୍ଡକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ମଟରରେ ଆଇରନ୍, ଜିଙ୍କ୍, କପର୍, ଆଣ୍ଟି-ଅକ୍ସାଇଡ୍ ରହିଥାଏ । ଏହା ଶରୀରରେ ପ୍ରତିରୋଧକ କ୍ଷମତା ବଢାଇବାରେ ସାହାର୍ଯ୍ୟ କରିଥାଏ । ଏଥିରେ ଭିଟାମିନ୍, କ୍ୟାଲସିୟମ୍, ଫାଇବର, ଆଇରନ୍,ଆଣ୍ଟି-ଅକ୍ସାଇଡ୍, ଆଣ୍ଟି-ବ୍ୟାକ୍ଟେରିୟାଲ ଗୁଣ ରହିଥିବାରୁ ହଜମ ପକ୍ରିୟା ଠିକ୍ ହୋଇଥାଏ । ପେଟ ସହ ଜଡିତ ସମସ୍ୟାରୁ ମୁକ୍ତି ମିଳିଥାଏ । ଏଥିରେ ଫାଇବର ଅଧିକ ରହିଥାଏ । କିନ୍ତୁ କ୍ୟାଲୋରୀ ଏବଂ ଫ୍ୟାଟ୍ ର ମାତ୍ରା କମ୍ ରହିଥାଏ । ଏହାର ସେବନ ଦ୍ୱାରା ଶରୀରର ଓଜନନିୟନ୍ତ୍ରଣରେ ରହିଥାଏ । ଗ୍ରୀନ୍ ମଟରରେ ପ୍ରୋଟିନ୍, ଫାଇବର୍, ଭିଟାମିନ୍, କ୍ୟାଲସିୟମ୍ ରହିଥିବା କାରଣରୁ ହାଡକୁ ଏହା ମଜବୁତ କରିଥାଏ । ଛୋଟପିଲା ଏବଂ ଗଣ୍ଠି ଜନିତ ସମସ୍ୟା ଥିବା ଲୋକମାନଙ୍କୁ ଏହାର ସେବନ କରିବା ଆବଶ୍ୟକ । କୌଣସି କାରଣରୁ ଚମଡାରେ ନିଆଁ ଲାଗିଯାଇଥିଲେ ତେବେ ମଟରର ଲେପ ଲଗାଇବା ଲାଭଦାୟକ ହୋଇଥାଏ । ସ୍ୱାସ୍ଥ୍ୟ ସହିତ ସ୍କିନ୍ ପାଇଁ ମଧ୍ୟ ମଟର ଅତି ଉତ୍ତମ ହୋଇଥାଏ । ଏହାକୁ ପେଷ୍ଟ କରି ସ୍କ୍ରବ୍ ଭାବରେ ମୁହଁରେ ଲଗାଇବା ଦ୍ୱାରା ଡେଡ୍ ସ୍କିନ୍ ସେଲ୍ସ ସଫା ହୋଇ ନୂତନ ସ୍କିନ୍ ତିଆରି କରିବାରେ ସାହାଯ୍ୟ କରେ ।



# ତୁଳସୀ ପତ୍ରର ରହିଛି ଅନେକ ମହତ୍ୱ

ପ୍ରାୟତଃ ସମସ୍ତଙ୍କ ଘରେ ତୁଳସୀ ଗଛ ଦେଖିବାକୁ ମିଳିଥାଏ । କାରଣ ଘରେ ଏହାକୁ ରଖିବା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ । ଏହାର ପତ୍ରକୁ ଖାଇବା ଦ୍ୱାରା ଅନେକ ରୋଗ ମଧ୍ୟ ଭଲ ହୋଇଥାଏ । ଶାସ୍ତ୍ରରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କଠାର ଭୋଗ ନଲାଗିବା ଯାଏଁ ତୁଳସୀ ପତ୍ର ପୂର୍ଣ୍ଣ ହୋଇନଥାଏ । ସେଥିଲାଗି ଭୋଗ ଲଗାଇବା ପୂର୍ବରୁ ତୁଳସୀ ପତ୍ର ନିଶ୍ଚୟ ରହିବା ଆବଶ୍ୟକ । ପୂଜା, ପାଠ ଏବଂ ସ୍ୱାସ୍ଥ୍ୟ ବ୍ୟତୀତ ତୁଳସୀ ଗଛର ଅନେକ ମହତ୍ୱ ରହିଛି । ଘରେ ଚାଲିଥିବା ସମସ୍ୟାରୁ ତୁଳସୀର କିଛି ପତ୍ର ମୁକ୍ତି ଦେଇପାରିବ । ଦି ଆପଣଙ୍କ ମନରେ କୌଣସି ଇଚ୍ଛା କିମ୍ବା ଅଭିଳାଷ ଅଛି ଏବଂ ଆପଣ ତାକୁ ଖୁବ୍ ଶୀଘ୍ର ପୂରଣ କରିବାକୁ ଚହୁଁଛନ୍ତି । ତେବେ ୫ଟି ତୁଳସୀ ପତ୍ରକୁ ନେଇ କୌଣସି ନାଲି ରଙ୍ଗର କାଗଜରେ ଗୁଡ଼ାଇ ଠାକୁର ଘରେ ରଖି ଦିଅନ୍ତୁ ଏବଂ ପ୍ରତ୍ୟେକ ଦିନ ତାହାର ପୂଜା କରନ୍ତୁ । ଏହା କରିବା ଦ୍ୱାରା ଆପଣଙ୍କ ମନର ଇଚ୍ଛା ଖୁବ୍ ଶୀଘ୍ର ପୂରଣ ହୋଇଥାଏ । ଯଦି ଆପଣଙ୍କୁ ଲାଗୁଛି ଆପଣଙ୍କ ଘରେ କୌଣସି ନକରାତ୍ମକ ଶକ୍ତିର ପ୍ରଭାବ ରହୁଛି, ତେବେ ଆପଣ ଶୋଇବା ସମୟରେ ଆପଣଙ୍କ ତକିଆ ତଳେ ୫ଟି ତୁଳସୀ ପତ୍ର ରଖନ୍ତୁ । ଏହା କରିବା ଦ୍ୱାରା ନକରାତ୍ମକ ଶକ୍ତି ଦୂରୀଭୂତ ହୋଇଥାଏ । ଧ୍ୟାନ ରଖିବେ ଯେଉଁ କାରଣ ପାଇଁ ଆପଣ ପତ୍ର ରଖୁଛନ୍ତି ସେ ପତ୍ର ଯେପରି ସତେଜ ହୋଇଥିବ । ଆପଣ ଯେଉଁ କୌଣସି ସମସ୍ୟାରୁ ବଞ୍ଚିତ ହେବାକୁ ଚାହୁଁଥିବେ । ତେବେ ଏହି ଉପାୟକୁ ୨୧ ଦିନ ପର୍ଯ୍ୟନ୍ତ ଆପଣଙ୍କୁ କରିବାକୁ ପଡିବ । ଯଦି ପତ୍ର ସୁଖି ଯାଏ, ତେବେ ତାହାକୁ ଫୋପାଡିବା ପରିବର୍ତ୍ତେ ପାଣିରେ ଭସାଇ ଦେବେ । କିଛିଦିନ ପରେ ଆପଣଙ୍କୁ ସକରାତ୍ମକ ପରିଣାମ ଦେଖିବାକୁ ମିଳିବ ।

## ଫିଲ୍ମ ଟକ୍

# କରଣ ଚାହୁଁଥିଲେ ଅନୁଷ୍କାଙ୍କ କ୍ୟାରିୟର ନଷ୍ଟ ହେଉ

ଚଳଚ୍ଚିତ୍ର ଜଗତର ଜଣାଶୁଣା ନିର୍ମାତା କରଣ ଜୋହର । ଅନେକ ସମୟ ହେବ ନେପୋଟିଜମ୍‌କୁ ପ୍ରୋତ୍ସାହିତ କରୁଥିବା ନେଇ ଅଭିଯୋଗ ହୋଇଛି। ଅଭିନେତ୍ରୀ କଙ୍ଗନା କରଣଙ୍କୁ ନେପୋଟିଜିମ୍‌ର ମୁଖ୍ୟ ବୋଲି କହିଛନ୍ତି। ବର୍ତ୍ତମାନ କରଣଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ଚଳଚ୍ଚିତ୍ର ନିର୍ମାତା ସ୍ୱୀକାର କରିଛନ୍ତି ଯେ ପ୍ରାରମ୍ଭିକ ଦିନରେ ସେ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ କ୍ୟାରିଅରକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ୨୦୧୬ ମସିହାରେ ହୋଇଥିବା ଏକ ଇଭେଣ୍ଟ ସମୟରେ କରଣ ଅନୁଷ୍କାଙ୍କ କ୍ୟାରିୟର ବିଷୟରେ କହିଥିଲେ ଯେ ଏପରି ଏକ ସମୟ ଥିଲା ଯେତେବେଳେ ମୁଁ ଅନୁଷ୍କାଙ୍କ କ୍ୟାରିଅରକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବାକୁ ଚାହୁଁଥିଲି । କରଣ ଜୋହର ମିଆମି ମୁମ୍ବାଇ ଚଳଚ୍ଚିତ୍ର ମହୋତ୍ସବରେ 'ଏ ଦିଲ ହେ ମୁଶକିଲ'ର ଷ୍ଟାରକାଷ୍ଟ ସହିତ ଯୋଗ ଦେଇଥିଲେ। ଏହି ସମୟରେ, ମଞ୍ଚରେ ସେ ରାଜୀବ ମାସାଣ୍ଡ ଏବଂ ଅନୁପମା ଚୋପ୍ରାଙ୍କ ଆଗରେ ଅନୁଷ୍କାଙ୍କ ବିଷୟରେ କହିଥିଲେ, "ଯେତେବେଳେ ଆଦିତ୍ୟ ଚୋପ୍ରା ମୋତେ ତାଙ୍କ ଫଟୋ ଦେଖାଇଲେ, ମୁଁ କହିଲି ନା, ନା! ତୁମେ ପାଗଳ କି ? ତୁମେ ଏହାକୁ ସାଇନ୍ କରୁଛ। ତୁମର କୌଣସି ଆବଶ୍ୟକ ନାହିଁ ଅନୁଷ୍କା ଶର୍ମାଙ୍କୁ ସାଇନ୍ କରିବା। " ଅନୁଷ୍କା ଶର୍ମା ମଧ୍ୟ ସାକ୍ଷାତକାରରେ କହିଥିଲେ ଯେ ଆଦିତ୍ୟ ଚୋପ୍ରା ତାଙ୍କର ଗୋଟିଏ କଥା ଶୁଣି ନଥିଲେ ଏବଂ ଅନୁଷ୍କା ଶର୍ମାଙ୍କୁ କାଷ୍ଟ କଲେ। କରଣ କହିଥିଲେ ଯେ ସେ ସେହି ଦିନ ଫିଲ୍ମରେ ଶାହାରୁଖଙ୍କ ବିପକ୍ଷରେ ଜଣେ ନୂଆ ଅଭିନେତ୍ରୀଙ୍କୁ କାଷ୍ଟ କରିବାକୁ ଚାହୁଁଛନ୍ତି।








# ଭାରତ ସହିତ ମୁକ୍ତ ବାଣିଜ୍ୟ କରିବାକୁ ରୁଷ ଆଗ୍ରହୀ

ନୂଆଦିଲ୍ଲୀ : ମଙ୍ଗଳବାର ବହିର୍ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଦିଲ୍ଲୀରେ ରୁଷିଆର ଉପପ୍ରଧାନମନ୍ତ୍ରୀ ଡେନିସ ମଣ୍ଟୁରୋଭଙ୍କୁ ଭେଟିଛନ୍ତି। ଭାରତ ସହିତ ମୁକ୍ତ ବାଣିଜ୍ୟ କରିବାକୁ ରୁଷିଆ ଆଗ୍ରହୀ ବୋଲି ସେ କହିଛନ୍ତି। ମଣ୍ଟୁରୋଭ ରୁଷିଆର ଶିଳ୍ପ ଏବଂ ବାଣିଜ୍ୟ ମନ୍ତ୍ରୀ ଭାବେ ମଧ କାର୍ଯ୍ୟ କରୁଛନ୍ତି। ରୁଷିଆ-ଭାରତ ବ୍ୟବସାୟ ସଂଳାପକୁ ସମ୍ବୋଧିତ କରି ମଣ୍ଟୁରୋଭ କହିଛନ୍ତି, ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରିବାକୁ ୟୁରୋସିଆ ଅର୍ଥନୈତିକ ଆୟୋଗ ସହିତ ଉଭୟ ଦେଶ ଆଲୋଚନା କରୁଛନ୍ତି। ରୁଷିଆ ମଧ ଭାରତ ସହିତ ବାଣିଜ୍ୟ ବୃଦ୍ଧି କରିବାକୁ ଚେଷ୍ଟା କରୁଛି। ଇଣ୍ଡିଆନ ଚାମ୍ବର ଅଫ କମର୍ସ ଏବଂ ରୁଷିଆ ଇଣ୍ଡିଆ ବ୍ୟବସାୟ ପରିଷଦ ଦ୍ୱାରା ଆୟୋଜିତ ଏକ



କାର୍ଯ୍ୟକ୍ରମରେ ମଣ୍ଟୁରୋଭ କହିଛନ୍ତି, ଆମେ ଦୁଇ ଦେଶ ମଧରେ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଚେଷ୍ଟା କରୁଛୁ ଯାହା ଦ୍ୱାରା ନିବେଶକମାନେ ସୁରକ୍ଷିତ ହୋଇପାରିବେ। ଭାରତ ଏବଂ ରୁଷିଆ ମଧ ବିମାନ ସେବା ବୃଦ୍ଧି ଉପରେ ଧ୍ୟାନ ଦେଉଛନ୍ତି ଯାହାଦ୍ୱାରା ଦୁଇ ଦେଶ ମଧରେ ବାଣିଜ୍ୟ ଏବଂ ପର୍ଯ୍ୟଟନ ବିକଶିତ ହୋଇପାରିବ। ସେ କହିଛନ୍ତି ଯେ କରୋନା କାରଣରୁ ଲଜିଷ୍ଟିକ୍ସ ପ୍ରଭାବିତ ହୋଇଛି ଏବଂ ପଶ୍ଚିମ ଦେଶମାନଙ୍କ ଦ୍ୱାରା ରୁଷିଆ ବିରୋଧରେ ପ୍ରତିବନ୍ଧକ ଲଗାଇବା ଯୋଗୁ ଅନେକ ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ପ୍ରତିବନ୍ଧକ ଯୋଗୁ ଅନ୍ତର୍ଜାତୀୟ ପରିବହନ, ମାଲ ପରିବହନ ଏବଂ ଆର୍ଥିକ କାରବାରରେ ଅସୁବିଧା ସୃଷ୍ଟି ହୋଇଛି।



ରାଜଭାଷା କମିଟିର ଉପାଧ୍ୟକ୍ଷ ଭର୍ତ୍ତୃହରି ମହତାବ ଏବଂ ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ଚଣ୍ଡୀଗଡ଼ଠାରେ ଇପିଏଫ୍‌ଓ କମିଶନରଙ୍କୁ ପ୍ରଶଂସାପତ୍ର ପ୍ରଦାନ କରୁଛନ୍ତି । (୧୮-୪-୨୦୨୩)

# ସରକାର କମ୍ପାନିମାନଙ୍କଠାରୁ ଦୂରରେ ରହିଛନ୍ତି : ନିର୍ମଳା

ୱାସିଂଟନ : ଆଦାନି ବିରୋଧରେ ହିଣ୍ଡେନବର୍ଗ ଆଣିଥିବା ସଙ୍ଗିନ ଅଭିଯୋଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଭାରତ ସରକାର କଂପାନିମାନଙ୍କଠାରୁ ଦୂରରେ ରହିଛନ୍ତି। ଯେହେତୁ ଏହି ମାମଲା କୋର୍ଟରେ ବିଚାରଧୀନ ରହିଛି, ତେଣୁ ସେ ବିଷୟରେ କିଛି ମତ ଦେବା ଠିକ୍ ହେବନି ବୋଲି ସେ କହିଛନ୍ତି। ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟି ହିଣ୍ଡେନବର୍ଗ ଅଭିଯୋଗର ତଦନ୍ତ କରୁଥିବା ସେ କହିଛନ୍ତି। ଭାରତୀୟ ନିୟାମକ ସଂସ୍ଥା ବିଶେଷ କରି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଏଭଳି ମାମଲାର ପରିଚାଳନା କରିବାରେ ବେଶ ଅଭିଜ୍ଞ। ସେମାନେ ମାମଲାର ଦେଖାଶୁଣା କରୁଛନ୍ତି ବୋଲି ନିର୍ମଳା



କହିଛନ୍ତି। ନିବେଶକମାନଙ୍କ ସ୍ୱାର୍ଥର ସୁରକ୍ଷା ଲାଗି କାମ କରିବା ପାଇଁ ସେବିକୁ ସୁପ୍ରିମକୋର୍ଟ କହିଛନ୍ତି। ଘରୋଇକରଣ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ ଆମେ କେ ?ଣସି ସଂସ୍ଥା ବନ୍ଦ କରିବାକୁ ଚାହୁଁନାହୁଁ। ଯେଉଁ ବ୍ୟବସାୟକୁ ପାଣ୍ଠି ଦେବା ସମ୍ଭବ ହେଉନି ସେଥିରୁ ସରକାର ଓହରିଯିବାକୁ ଚାହୁଁଛନ୍ତି। ନିଯୁକ୍ତି ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଖାଲି ପଦ ପୂରଣ କରିବା ଉପରେ ସରକାର ଧ୍ୟାନ ଦେଉଛନ୍ତି।

# ଅପରାଧୀମାନେ ୟୁପିରେ ଏବେ କାହାକୁ ଧମକ ଦେଇ ପାରିବେ ନାହିଁ

ନୂଆଦିଲ୍ଲୀ : ମାଫିଆ ଅତିକ୍ ଅହମ୍ମଦ ଏବଂ ତାଙ୍କ ଭାଇଙ୍କ ହତ୍ୟା ପରେ ୟୁପି ସିଏମ୍ ଯୋଗୀ ଆଦିତ୍ୟନାଥଙ୍କ ପ୍ରଥମ ବିବୃତ୍ତି ସାମ୍ନାକୁ ଆସିଛି। ସେ କହିଛନ୍ତି ଯେ ବର୍ତ୍ତମାନ କ ମକ୍ସସଙ୍କସଭବକ୍ଷ ଣସି ଅପରାଧୀ ବ୍ୟବସାୟୀଙ୍କୁ ଧମକ ଦେଇ ପାରିବେ ନାହିଁ। ଉତ୍ତରପ୍ରଦେଶ ସରକାର ଆପଣଙ୍କର ସମସ୍ତ ନିବେଶକଙ୍କ ପୁଞ୍ଜି ସୁରକ୍ଷିତ ରଖିବାରେ ସକ୍ଷମ ଅଟନ୍ତି। ସିଏମ୍ କହିଛି ଯେ ଉତ୍ତରପ୍ରଦେଶ ୨୦୧୭ ପୂର୍ବରୁ ଦଙ୍ଗା ପାଇଁ ଜଣାଶୁଣା। ପ୍ରତିଦିନ ଅନ୍ୟ ଏକ ଦଙ୍ଗା ହେଉଥିଲା । ୨୦୧୨ ରୁ ୧୭ ମଧ୍ୟରେ ୭୦୦ ରୁ ଅଧିକ ଦଙ୍ଗା ହୋଇଥିଲା। କିନ୍ତୁ ୨୦୧୭ ପରେ ଦଙ୍ଗାର କ ମକ୍ଷବଭମର ଣସି ସୁଯୋଗ ନଥିଲା ଏବଂ ବର୍ତ୍ତମାନ କ ମକ୍ସସଙ୍କସଭବକ୍ଷ ଣସି ଅପରାଧୀ ବ୍ୟବସାୟୀଙ୍କୁ ଧମକ ଦେଇ ପାରିବେ ନାହିଁ । ସିଏମ ଯୋଗୀ କହିଛନ୍ତି ଯେ ଆମେ ଉତ୍ତରପ୍ରଦେଶର କଳଙ୍କ ହଟାଇଛୁ। ଏହା ପୂର୍ବରୁ କୁହାଯାଇଥିଲା ଯେ ଉତ୍ତରପ୍ରଦେଶ ଯେଉଁଠାରୁ ଅନ୍ଧକାର ଆରମ୍ଭ ହୋଇଥିଲା ସେଠାରୁ ଆରମ୍ଭ ହୋଇଥିଲା। ଆଜି ଏହା ଚାଲିଯାଇଛି । ୭୫ ଟି ଜିଲ୍ଲା ମଧ୍ୟରୁ ୭୧ ଟି ଅନ୍ଧକାରରେ ଥିଲା । ଆଜି ଉତ୍ତରପ୍ରଦେଶର ଗାଁରେ ଷ୍ଟ୍ରିଟ୍ ଲାଇଟ୍ ଜଳୁଛି। ଟେକ୍ସଟାଇଲ୍ ପାର୍କ ସମ୍ବନ୍ଧରେ ଏମଓ କାର୍ଯ୍ୟକ୍ରମ ସମୟରେ ସିଏମ୍ ଯୋଗୀ କହିଛନ୍ତି ଯେ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଉଛନ୍ତି। ବୟନ ଶିଳ୍ପ ସହିତ ଉତ୍ତରପ୍ରଦେଶକୁ ଚିହ୍ନଟ କରାଯାଇଥିଲା ଏବଂ ଏହି ଶିଳ୍ପ ପାଇଁ ପ୍ରଧାନମନ୍ତ୍ରୀ ମିତ୍ର ଯୋଜନା ଆରମ୍ଭ କରିବାକୁ ରାଜ୍ୟ ଚୟନ କରାଯାଇଛି। ଉତ୍ତରପ୍ରଦେଶର ପ୍ରାଚୀନ ଗ ଶକ୍ଷକ୍ଟକ୍ସଢ ରବ ଦେଇଥିବାରୁ ହୃଦୟରୁ ଧନ୍ୟବାଦ । ସେ କହିଛନ୍ତି ଯେ ଉତ୍ତରପ୍ରଦେଶ ଏକ କୃଷି ରାଜ୍ୟ ହୋଇଛି, ଏଠାରେ ବହୁ ଜନସଂଖ୍ୟା କୃଷି ଉପରେ ନିର୍ଭର କରେ। କୃଷି ପରେ ବୟନ ଶିଳ୍ପ ଉପରେ ଏକ ବଡ଼ ନିର୍ଭରଶୀଳତା ଅଛି । ଲକ୍ଷ୍ମ ଭକ୍ଟଙ୍ଗ ର ଚିକାନକରୀ, ଭଦୋହିର



କାର୍ପେଟ ଶିଳ୍ପ, କାନପୁର ବୟନ ଶିଳ୍ପର କେନ୍ଦ୍ର ଥିଲା । କାନପୁର କେବଳ ରାଜ୍ୟ ନୁହେଁ ଦେଶରେ ମଧ ଏକ ଗୁରୁତ୍ୱପୂର୍ଣ୍ଣ ସହର ଥିଲା। କିନ୍ତୁ ଏକ ସମୟ ଆସିଲା ଯେତେବେଳେ କାନପୁରର ଶିଳ୍ପଗୁଡ଼ିକ ବନ୍ଦ ହେବା ଆରମ୍ଭ କଲେ । ହ୍ୟାଣ୍ଡଲୁମ୍ ସେକ୍ଟର ମଧ ବନ୍ଦ ହୋଇଯାଇଥିଲା। ଗତ ନଅ ବର୍ଷ ମଧ୍ୟରେ ଦେଶ ଅଗ୍ରଗତି କରିଛି। ସିଏମ ଯୋଗୀ କହିଛନ୍ତି ଯେ ନିବେଶକ ସମ୍ମିଳନୀରେ ଉତ୍ତରପ୍ରଦେଶରେ ପୁଞ୍ଜି ବିନିଯୋଗ ପାଇଁ ବଡ ପ୍ରସ୍ତାବ ଗ୍ରହଣ କରାଯାଇଛି ଏବଂ ଉତ୍ତରପ୍ରଦେଶ ଖୁବ ଶୀଘ୍ର ଦଶ ଲକ୍ଷ କୋଟି ଟଙ୍କା ମୂଲ୍ୟର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ଭୂମି ଭାଙ୍ଗିବା ସମାରୋହ କରିବ। ନିବେଶକଙ୍କ ସମସ୍ତ ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ସରକାରଙ୍କ ଦ୍ୱାରା ମାନବ ହସ୍ତକ୍ଷେପ ଶୂନ ସ୍ତରକୁ ନିଆଯାଇଛି। ଆମେ ପୂର୍ଣ୍ଣ ପ୍ରତିବଦ୍ଧତା ସହିତ ଆଗକୁ ବ ବକ୍ସର ୁଛୁ । ଆମେ ଶ୍ରମିକମାନଙ୍କ ପାଇଁ ଇଣ୍ଟର୍ନସିପ୍ ପ୍ରକ୍ରିୟା ମଧ ନେଉଛୁ, କ କ୍ଟଭର ଣସି ଗୋଟିଏ କିମ୍ବା ଦୁଇଟି ରାଜ୍ୟ ଏହା କରିବେ ନାହିଁ । ବୟନ ଶିଳ୍ପ କିମ୍ବା ଅନ୍ୟାନ୍ୟ ଶିଳ୍ପ ପାଇଁ, ଆମେ ବିଦ୍ୟୁତ୍ ଉପରେ ୟୁନିଟ୍ ରିହାତି ମଧ ଦେବୁ । ନିବେଶକଙ୍କୁ କ କ୍ଟଲଲସମର ଣସି କାର୍ଯ୍ୟାଳୟ ବୁଲିବାକୁ ପଡିବ ନାହିଁ ବୋଲି ସରକାର ମଧ ବ୍ୟବସ୍ଥା କରିଛନ୍ତି।

ନିବେଶକମାନଙ୍କ ପାଇଁ ରାଜ୍ୟ ସରକାର ଆପଣଙ୍କ ପୁଞ୍ଜିର ସମ୍ପୂର୍ଣ୍ଣ ନିରାପତ୍ତା ନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ । ସିଏମ କହିଛନ୍ତି ଯେ ଉତ୍ତରପ୍ରଦେଶ, ପୁରଭଞ୍ଚଳ ଏବଂ ବୁନ୍ଦେଲଖଣ୍ଡ ଏକ୍ସପ୍ରେସୱେରେ ସଂଯୋଗରେ ଉନ୍ନତି ଆସିଛି। ଏହା ଆମର ପ୍ରୟାସ ଯେ ଆମେ କୁମ୍ଭ ୨୦୨୫ ପୂର୍ବରୁ ଗଙ୍ଗା ଏକ୍ସପ୍ରେସୱେ ଆରମ୍ଭ କରିବୁ । ଉତ୍ତରପ୍ରଦେଶ ସରକାର ଆପଣଙ୍କର ସମସ୍ତ ନିବେଶକଙ୍କ ପୁଞ୍ଜି ସୁରକ୍ଷିତ ରଖିବାରେ ସକ୍ଷମ ଅଟନ୍ତି। ଆଜି ଉତ୍ତରପ୍ରଦେଶର ପ୍ରତ୍ୟେକ ଜିଲ୍ଲାର ନିଜର ପରିଚୟ ଅଛି, ଆମେ ସେମାନଙ୍କର ପ୍ରଦର୍ଶନ ପାଇଁ ମଧ ବ୍ୟବସ୍ଥା କରିଛୁ ।

# ପ୍ରୟାଗରେ ବୋମା ବିସ୍ଫୋରଣ

ପ୍ରୟାଗରାଜ: ପ୍ରୟାଗର କର୍ଣ୍ଣେଲଗଞ୍ଜ ପୋଲିସ ଷ୍ଟେସନ ଅଞ୍ଚଳର କାଟ୍ରା ଅଞ୍ଚଳରେ ବୋମା ବିସ୍ଫୋରଣ ଘଟଣା ଘଟିଛି। ଏହି ଅଞ୍ଚଳରେ ଅନେକ ଦେଶ ବୋମା ଫିଙ୍ଗିବାର ଖବର ରହିଛି। କାଟ୍ରା ଅଞ୍ଚଳର ଗୋବର ଗାଲିରେ ଅଶୋଧିତ ବୋମା ଫିଙ୍ଗିବା ଘଟଣା ଉତ୍ତେଜନା ସୃଷ୍ଟି କରିଥିଲା ଏବଂ ଘଟଣାର ତଦନ୍ତ ପାଇଁ ପୋଲିସ ପହଞ୍ଚିଥିଲା। ଏହି ଘଟଣା ସମ୍ପର୍କରେ ସୂଚନା ସହକାରୀ ପୋଲିସ କମିଶନର ପ୍ରଦାନ କରିଛନ୍ତି। ତାଙ୍କ କହିବାନୁସାରେ, ବୋମା ଦ୍ୱାରା କେହି ଆହତ ହୋଇନାହାଁନ୍ତି। ଏହି ବିସ୍ଫୋରଣ କେବଳ ସମ୍ବେଦନଶୀଳତା ବିସ୍ତାର ପାଇଁ କରାଯାଇଥିଲା । ବୋମା ଫିଙ୍ଗିଥିବା ବ୍ୟକ୍ତିଙ୍କୁ ପୋଲିସ ଖୋଜୁଛି। ପୋଲିସର ସୂଚନାନୁସାରେ, ବୋମା ବିସ୍ଫୋରଣର ଏହି ଘଟଣାର ଅତିକ୍ ଅହମ୍ମଦ ଗୁଳି ବିନିମୟ ସହିତ କ ଗ୍ବକ୍ଟ ଣସି ସମ୍ପର୍କ ନାହିଁ। ସୋସିଆଲ ମିଡିଆରେ ପ୍ରସାରିତ ଖବରକୁ ପୋଲିସ ଅସ୍ୱୀକାର କରିଛି ଯେ ଅତିକ ଅହମ୍ମଦଙ୍କ ଓକିଲ ବିଜୟ ମିଶ୍ରଙ୍କ ଘରେ ବୋମା ଫିଙ୍ଗି ଦିଆଯାଇଛି ଏବଂ ଓକିଲ ବିଜୟ ମିଶ୍ର ମଧ



ଏହି ଖବରକୁ ମିଥ୍ୟା ଏବଂ ଭିତ୍ତିହୀନ ବୋଲି କହିଛନ୍ତି। ସୂଚନାନୁସାରେ, ପୁରୁଣା କାଟ୍ରା ଅଞ୍ଚଳର ଗୋବର ଗାଲିରେ ୫ ଟି ବୋମା ବିସ୍ଫୋରଣ ହୋଇଥିବା ନେଇ ଆଲୋଚନା ହୋଇଥିଲା, ଯେଉଁଥିରେ ଅତିକ୍ ଅହମ୍ମଦଙ୍କ ଓକିଲ ଦିନା ଶଙ୍କର ମିଶ୍ରଙ୍କ ଘର ସାମ୍ନାରେ ତିନିଟି ବୋମା ବିସ୍ଫୋରଣ ହେବାର ଖବର ପ୍ରଚାରିତ ହୋଇଥିଲା। ହର୍ଷିତ ସୋନକର ନାମକ ଜଣେ ବାଳକ ବିରୋଧରେ ବୋମା ବିସ୍ଫୋରଣ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଛତି ଏବଂ ରାଉନାକ ନାମକ ଦୁଇ ପୁଅଙ୍କ ସହ ହର୍ଷିଟଙ୍କ ମଧ୍ୟରେ କିଛି ବିବାଦ ହୋଇଥିଲା ଏବଂ ଏହି କାରଣରୁ ଏହି ଘଟଣା ଘଟିଥିଲା।

# ତୱାଙ୍ଗରେ ବୌଦ୍ଧ ନେତାଙ୍କ ବୈଠକ

ତୱାଙ୍ଗ : କିଛି ଦିନ ତଳେ ଚାଇନା ଅରୁଣାଚଳ ପ୍ରଦେଶର ୧୧ଟି ଅଞ୍ଚଳର ନାମକରଣ କରିବାର ପ୍ରୟାସ କରିଥିଲା। ଏବେ ଭାରତ ଏହାର କଡ଼ା ଜବାବ ଦେଇଛି। ଅରୁଣାଚଳ ପ୍ରଦେଶର ତୱାଙ୍ଗରେ ଭାରତ ସରକାରଙ୍କ ପକ୍ଷରୁ ବୌଦ୍ଧ ନେତାଙ୍କର ଏକ ରାଷ୍ଟ୍ରୀୟ ବୈଠକ ହୋଇ ଯାଇଛି। ବୈଠକରେ ୬୦୦ରୁ ଅଧିକ ବୌଦ୍ଧ ନେତା ଯୋଗଦେଇଥିଲେ। ଏହି ଅବସରରେ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଯୋଗଦେଇଥିଲେ। ଏପରି କରି ଭାରତ ସରକାର ନିଜର ସାର୍ବଭୌମତ୍ୱ ସମ୍ପର୍କରେ ସୂଚନା ଦେଇଛନ୍ତି।

# ଟୁଇଟର ଆକାଉଣ୍ଟରୁ ଦଳୀୟ ଚିହ୍ନ ହଟାଇଲେ ଅଜିତ ପାୱାର

ମୁମ୍ବାଇ: ଏନସିପି ନେତା ଅଜିତ ପାୱାର ଭାଜପାରେ ଯୋଗ ଦେବା ନେଇ ରାଜନୀତି ମହଲରେ ଜୋରଦାର ଚର୍ଚ୍ଚା କରାଯାଉଛି। ଏହି ସମୟରେ ଅଜିତ ପାୱାର ତାଙ୍କ ଟୁଇଟର ଆକାଉଣ୍ଟରୁ ଦଳୀୟ ଚିହ୍ନକୁ ହଟାଇ ଦେଇଛନ୍ତି। ଯାହା ପରେ ତାଙ୍କର ଭାଜପାରେ ଯୋଗଦେବା ନେଇ କଳ୍ପନାଜଳ୍ପନା ତୀବ୍ର ହୋଇଛି। ସୂଚନାଯୋଗ୍ୟ, ଅଜିତ ପାୱାର ପୁଣେରେ ଏନସିପି ସୁପ୍ରିମୋ ଶରଦ ପାୱାର ଏବଂ ଏମ୍ପି ସୁପ୍ରିୟା ସୁଲେଙ୍କ ଏକ ରାଲିରେ ମଧ ଯୋଗ ଦେଇ ନ ଥିଲେ। ଏହି ସମସ୍ତ ଆଲୋଚନା ମଧ୍ୟରେ ଏନସିପି ମୁଖ୍ୟ ଶରଦ ପାୱାରଙ୍କ ଏକ ବିବୃତ୍ତି ମଧ ସାମ୍ନାକୁ ଆସିଛି। ଅଜିତ ପାୱାରଙ୍କ ଭାଜପାରେ ସାମିଲ ହେବା କଳ୍ପନାଜଳ୍ପନା ମଧ୍ୟରେ ପାୱାର କହିଥିଲେ ଯେ, ଅଜିତ ପାୱାର ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ଏହି ସବୁ ଚର୍ଚ୍ଚା କେବଳ ଗଣମାଧ୍ୟମରେ ରହିଛି।



# ଅତିକ୍ ଅହମଦ ଏବଂ ଅସରଫ ହତ୍ୟାକାଣ୍ଡର ତଦନ୍ତ ନେଇ ୨୪ରେ ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଗ୍ୟାଙ୍ଗଷ୍ଟର-ରାଜନେତା ଅତିକ୍ ଅହମଦ ଏବଂ ତା' ଭାଇ ଅସରଫ ଅହମଦ ହତ୍ୟାକାଣ୍ଡର ତଦନ୍ତ ନେଇ ରୁଜୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରିବେ ସର୍ବୋଚ୍ଚ ନ୍ୟାୟାଳୟ। ୩ଜଣ ଅଭିଯୁକ୍ତ ଅରୁଣ ମୌର୍ଯ୍ୟ, ଲବଲେଶ ତିୱାରୀ ଏବଂ ସନ୍ନି ସିଂହ ସାମ୍ବାଦିକ ବେଶରେ ଆସି ଅତିକ୍ ଓ ଭାଇ ଅସରଫଙ୍କୁ ହତ୍ୟା କରିଥିଲେ। ପୂରା ଘଟଣା କ୍ୟାମେରାରେ କଏଦ ହୋଇଥିବା ବେଳେ ସେମାନଙ୍କୁ ଏବେ ପୁଲିସ୍ ହେପାଜତରେ ରଖାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଏପ୍ରିଲ୍ ୨୪ରେ ସେ ଗ୍ୟାଙ୍ଗଷ୍ଟର-ରାଜନେତା ଅତିକ୍ ଅହମଦ ଏବଂ ତା' ଭାଇ ଅସରଫ ହତ୍ୟାକାଣ୍ଡର ତଦନ୍ତ ନେଇ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରିବେ। ଅତିକ୍ ଅହମଦ ଏବଂ ତା ଭାଇ ଅସରଫଙ୍କୁ ଗୁଳି କରି ହତ୍ୟା କରିବା ପରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଧରି ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦେଇଛି। ନିକଟରେ ଓକିଲ ବିଶାଳ ତିୱାରୀ ଏକ ଆବେଦନ ଦାଖଲ କରି ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ଡି.ଚନ୍ଦ୍ରଚୁଡଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୀଘ୍ର ଶୁଣାଣି କରନ୍ତୁ ବୋଲି ଦାବି କରିଥିଲେ। ସେ ଆହୁରି ବି ଦାବି କରିଥିଲେ ଯେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ତଦନ୍ତ ହେଉ।



ଉଲ୍ଲେଖଯୋଗ୍ୟ, କୁଖ୍ୟାତ ଗ୍ୟାଙ୍ଗ୍ଷ୍ଟର ଅତିକ ଅହମଦ ଓ ତା' ଭାଇ ଅସରଫ ଅହମଦକୁ ଶନିବାର ଗୁଳିକରି ହତ୍ୟା କରିବା ପରେ ସମସ୍ତ ତିନିଜଣ ହତ୍ୟାକାରୀ ପୁଲିସ ହାତରେ ଧରା ଦେଇଥିଲେ। ପୁଲିସ ଆଗରେ ସେମାନେ ଅତିକ-ଅସରଫ ଦୁଇଭାଇଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ତୁମେ କାହିଁକି ଏମିତି କଲ ବୋଲି ପୁଲିସ ପଚାରିବାରୁ ଅଣ୍ଡରୱାର୍ଲ୍ଡରେ ବିଖ୍ୟାତ ହେବା ପାଇଁ ଆମେ ଏହା କରିଛୁ ବୋଲି ସେମାନେ ଉତ୍ତର ଦେଇଥିଲେ।

# ୨୯ ପର୍ଯ୍ୟନ୍ତ ଜେଲ୍‌ରେ ରହିବେ ସିସୋଦିଆ

ନୂଆଦିଲ୍ଲୀ: ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେଲ୍ରେ ଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ



ମଙ୍ଗଳବାର ଦିନ ମଧ୍ୟ କୋର୍ଟ ଆଶ୍ୱସ୍ତି ପ୍ରଦାନ କରିନାହାନ୍ତି। ଅବକାରୀ ଦୁର୍ନୀତି ମାମଲାରେ ସିସୋଦିଆଙ୍କ ନ୍ୟାୟିକ ହାଜତ ମିଆଦ ଆଉ ୧୦ ଦିନ ବୃଦ୍ଧି କରାଯାଇଛି। ଦିଲ୍ଲୀର ରୋଜ୍ ଆଭେନ୍ୟୁ କୋର୍ଟ ସିସୋଦିଆଙ୍କ ହାଜତ ମିଆଦ ପୁଣି ଥରେ ବୃଦ୍ଧି କରିଛନ୍ତି। ଉଭୟ ସିବିଆଇ ଏବଂ ଇଡି ମାମଲାରେ ସିସୋଦିଆ ଯଥାକ୍ରମେ ଏପ୍ରିଲ ୨୭ ଏବଂ ୨୯ ପର୍ଯ୍ୟନ୍ତ ନ୍ୟାୟିକ ହାଜତରେ ରହିବେ। ଚଳିତ ମାସ ଶେଷ ସୁଦ୍ଧା ଇଡି ସିସୋଦିଆ ଏବଂ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରିବ ବୋଲି ଜଣାପଡ଼ିଛି ।

# ସମଗ୍ର ଦେଶରେ ପାରଦ ଉପରମୁହାଁ, ଜନଜୀବନ ଅସ୍ତବ୍ୟସ୍ତ

ନୂଆଦିଲ୍ଲୀ : ବର୍ତ୍ତମାନ ଦେଶରେ ପାଣିପାଗ ଅଦ୍ୟତନ ଏକ ବିପଜ୍ଜନକ ମୋଡ଼ ନେଉଛି। ଅନେକ ରାଜ୍ୟରେ ଉତ୍ତାପ ଲୋକଙ୍କ ଅବସ୍ଥା ବିଗିଡି ଯାଇଛି। ବର୍ତ୍ତମାନ ଏହି ଉତ୍ତାପରୁ ମୁକ୍ତି ପାଇବା ସମ୍ଭାବନା ନାହିଁ । ପାଣିପାଗ ବିଭାଗ (ଆଇଏମଡି) ର ନୂତନ ଆଲର୍ଟ ଯୋଗୁଁ ଲୋକମାନେ ଅଧିକ ଚିନ୍ତିତ ହେବାକୁ ଯାଉଛନ୍ତି। ଅନ୍ତତ ପକ୍ଷେ ନଅଟି ରାଜ୍ୟରେ ଉତ୍ତାପ ତରଙ୍ଗ ଆଲର୍ଟ ବିଷୟରେ ଆଇଏମଡି ଚେତାବନୀ ଦେଇଛି। ଏଥି ସହିତ, ଏହି ରାଜ୍ୟଗୁଡିକର ଅନେକ ସହରର ତାପମାତ୍ରା ୪୫ ଡିଗ୍ରୀ ସେଲସିୟସରେ ପହଞ୍ଚିଛି । ଆଇଏମଡି ବିହାର, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶରେ ଉତ୍ତାପ ତରଙ୍ଗର କମଳା ଆଲର୍ଟ ଜାରି କରିଛି। ଏହା ସହିତ ଆଇଏମଡି କହିଛି ଯେ ଅନ୍ୟ ଚାରିଟି ରାଜ୍ୟ – ସିକ୍କିମ, ଝବକ୍ସ ାଡ଼ଖଣ୍ଡ, ଓଡ଼ିଶା ଏବଂ ଉତ୍ତରପ୍ରଦେଶରେ ଉତ୍ତାପ ତରଙ୍ଗ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଅଛି । ଯାହା ଆଗାମୀ



ସମୟରେ ଲୋକଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରେ । ଉଲ୍ଲେଖନୀୟ ବିଷୟ ହେଉଛି, ସାଧାରଣ ଉତ୍ତାପଠାରୁ ଅଧିକ ଦେଶରେ ଗତି ବଢ଼ିବାରେ ଲାଗିଛି। ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ପଞ୍ଜାବରେ ପଶ୍ଚିମବଙ୍ଗର ଉତ୍ତେଜନା ଆସିବା କାରଣରୁ ମଙ୍ଗଳବାର ଭାରତର କେତେକ ଅଞ୍ଚଳରେ କିଛି ଆରାମ ମିଳିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପଞ୍ଜାବ ଏବଂ ହରିୟାଣା ଉତ୍ତାପ ତରଙ୍ଗ ପରି ତାପମାତ୍ରା ଅନୁଭବ କରିଛନ୍ତି । ଯେଉଁମାନଙ୍କ ମଧ୍ୟରେ ଉତ୍ତାପ ରୋଗ ହେବାର ସମ୍ଭାବନା ଅଧିକ ଥାଏ ଯେଉଁମାନେ ଦୀର୍ଘ ସମୟ ଧରି ସୂର୍ଯ୍ୟଙ୍କ ସମ୍ମୁଖୀନ ହୁଅନ୍ତି କିମ୍ବା ଭାରୀ କାମ କରନ୍ତି । ମହାରାଷ୍ଟ୍ର ସରକାରୀ କାର୍ଯ୍ୟକ୍ରମରେ ଅନେକ ଘଣ୍ଟା ଧରି ଖୋଲା ବସିବା ସମୟରେ ୧୩ ଜଣଙ୍କର ମୃତ୍ୟୁ ହେବାର ଗୋଟିଏ ଦିନ ପରେ ଏହି ସତର୍କ ସୂଚନା ଦିଆଯାଇଛି। ଆଇଏମଡି ମହାନିର୍ଦ୍ଦେଶକ ଡକ୍ଟର ମହାପାତ୍ର କହିଛନ୍ତି, ଯେତେବେଳେ ପବନ ପୂର୍ବ ଦିଗରୁ କିମ୍ବା ବଙ୍ଗୋପସାଗର ଦିଗରୁ ପ୍ରବାହିତ ହୁଏ, ସେତେବେଳେ ଅନେକ ଥର ମେଘ ସୃଷ୍ଟି ହୁଏ ଯାହା ପୂର୍ବ ରାଜ୍ୟର ତାପମାତ୍ରା ହ୍ରାସ କରିଥାଏ। କିନ୍ତୁ ଉତ୍ତର ପଶ୍ଚିମରୁ ଗରମ, ଶୁଖିଲା ପବନ ପୂର୍ବ ଭାରତ ଉପରେ ପ୍ରବାହିତ ହେଉଛି। ତେଣୁ ପୂର୍ବ ରାଜ୍ୟର ଲୋକମାନେ ପର୍ଯ୍ୟାପ୍ତ ଉତ୍ତାପ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ କରନ୍ତି। ଡକ୍ଟର ମହାପାତ୍ର କହିଛନ୍ତି ଯେ କେବଳ ତାପମାତ୍ରା ହେତୁ ନୁହେଁ, ଆର୍ଦ୍ରତା ହେତୁ ମଧ ଉତ୍ତାପର ଭୟଙ୍କର ଅବସ୍ଥା ସୃଷ୍ଟି ହୁଏ। ସେ କହିଛନ୍ତି, "ଉତ୍ତର ପ୍ରଦେଶ ତୁଳନାରେ ଉପକୂଳବର୍ତ୍ତୀ ରାଜ୍ୟମାନଙ୍କରେ ଆର୍ଦ୍ରତା ଅଧିକ।" ଡକ୍ଟର ମହାପାତ୍ରଙ୍କ କହିବାନୁସାରେ, ପୂର୍ବ ରାଜ୍ୟଗୁଡ଼ିକରେ ତାପମାତ୍ରା ବହୁତ ଅଧିକ କିନ୍ତୁ ଉତ୍ତର ଏବଂ ଜୁନ୍ ତୁଳନାରେ ଜୁଲାଇ ଏବଂ ଜୁଲାଇ ତୁଳନାରେ ଆର୍ଦ୍ରତା କମ୍ । ପଶ୍ଚିମ ପବନ ଯଦି ପୂର୍ବ ଦିଗରୁ ପବନ ପ୍ରବାହିତ ହୁଏ ଏବଂ ତାପମାତ୍ରା ସମାନ ରହେ, ତେବେ ଏହା ସାଂଘାତିକ ପ୍ରମାଣିତ ହୋଇପାରେ

## ସମ୍ପତ୍ତି ସହ ଆଧାର ସଂଯୋଗ ପାଇଁ ଆବେଦନ

# କେନ୍ଦ୍ରକୁ ଉତ୍ତର ଦେବାକୁ ଦିଲ୍ଲୀ ହାଇକୋର୍ଟଙ୍କ ଆଦେଶ

ନୂଆଦିଲ୍ଲୀ : ନାଗରିକଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କାଗଜପତ୍ର ସହ ଆଧାର ସଂଯୋଗ ପାଇଁ କରାଯାଇଥିବା ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ଉତ୍ତର ଦେବାକୁ କହିଛନ୍ତି। କଳାଧନ ଠୁଳ, ବେନାମୀ କାରବାର ଓ ଦୁର୍ନୀତିକୁ ରୋକିବା ପାଇଁ ସମ୍ପତ୍ତି ସହ ଆଧାର ସଂଯୋଗ ନିମନ୍ତେ ଆବେଦନ କରାଯାଇଛି। ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଓ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଖଣ୍ଡପୀଠ ଉକ୍ତ ପିଟିସନ ଉପରେ ଚାରି ସପ୍ତାହ ଭିତରେ ଉତ୍ତର ଦେବା ପାଇଁ କେନ୍ଦ୍ର ଅର୍ଥ, ଆଇନ, ଗୃହ ଓ ସହର ବ୍ୟାପାର ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟକୁ କହିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ଏହା ଏକ ଭଲ ପ୍ରସ୍ତାବ ଏବଂ କେନ୍ଦ୍ର ସରକାର କ'ଣ ଉତ୍ତର ଦେଉଛନ୍ତି ଦେଇସାରନ୍ତୁ। ତା'ପରେ ଜୁଲାଇ ୧୮ ତାରିଖରେ ଏହା ଉପରେ ପରବର୍ତ୍ତୀ ଶୁଣାଣି ହେବ। ଶୁଣାଣି ସମୟରେ ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମା ଏବଂ କେନ୍ଦ୍ର ସରକାରଙ୍କ ସ୍ଥାୟୀ ଆଇନ ପରାମର୍ଶଦାତା ମନିଷ ମୋହନ କେନ୍ଦ୍ର ସରକାରଙ୍କ ତରଫରୁ କହିଥିଲେ ଯେ ଏହା ଏକ ଉତ୍ତମ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପିଟିସନର ତଥା ଓକିଲ ଅଶ୍ୱିନୀ ଉପାଧ୍ୟାୟ କହିଥିଲେ, ଦୁର୍ନୀତିକୁ ରୋକିବା ଓ ବେଆଇନ




ଉପାୟରେ ଠୁଳ କରାଯାଇଥିବା ବେନାମୀ ସମ୍ପତ୍ତି ଜବତ କରିବା ହେଉଛି ସରକାରଙ୍କ ଦାୟିତ୍ୱ। ସମ୍ପତ୍ତି ସହ ଆଧାର ସଂଯୋଗ ହେଲେ ଏହି ଦୁର୍ନୀତିକୁ ରୋକାଯାଇପାରିବ। ଉଚ୍ଚମୂଲ୍ୟର ମୁଦ୍ରା ଦ୍ୱାରା ବେନାମୀ କାରବାର ବିଭିନ୍ନ ବେଆଇନ କାର୍ଯ୍ୟକଳାପ ଯଥା ଆତଙ୍କବାଦ, ନକ୍ସଲବାଦ, ଜୁଆ ଓ ମନିଲଣ୍ଡରିଂକୁ ପ୍ରୋତ୍ସାହିତ କରୁଛି ବୋଲି ସେ କହିଥିଲେ।

# ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ




ପାରଳାଖେମୁଣ୍ଡି, (ପିପିଏସ୍): ଗଜପତି ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା ଭିଡ଼ିଓ କନ୍‌ଫରେନ୍ସ ବୈଠକରେ ଯୋଡ଼ି ହୋଇଥିବା ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଜିଲ୍ଲାରେ ଆଧାର କାର୍ଡ ଅଦ୍ୟତନ ସମ୍ବନ୍ଧରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଆଧାର କାର୍ଡ ସମସ୍ତ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଅଟେ। ପ୍ରତ୍ୟେକ ୧୦ ବର୍ଷ ମଧ୍ୟରେ ଆଧାର ଅପଡେଟ୍ ହେବା ଆବଶ୍ୟକ, ତେଣୁ ଗଜପତି ଜିଲ୍ଲାରେ ବ୍ୟାପକ ସଚେତନତା ମାଧ୍ୟମରେ ଏହାକୁ ସଫଳ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା କହିଥିଲେ। ଆଧାର କାର୍ଡ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା, ରାସନ ସାମଗ୍ରୀ ନେବା, ଛାତ୍ର ବୃତ୍ତି ପାଇବା ଭଳି ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟରେ ସହାୟକ ହେଉଛି ଓ ଜନ ସାଧାରଣଙ୍କ ସୁରକ୍ଷା ପାଇଁ ସରକାର ଏହାକୁ ବାଧ୍ୟତାମୂଳକ କରାଇବାକୁ ଯାଉଛନ୍ତି ତେଣୁ ବ୍ୟାପକ ସଚେତନତା ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଛି। ଆଧାର ପ୍ରାୟ ସମସ୍ତ ସରକାରୀ ଯୋଜନାର ଲାଭ ଗୋଟାଏ ରାଷ୍ଟ୍ର ଗୋଟିଏ ରାସନ୍ କାର୍ଡ ର ସୁବିଧା, ଋଣ ଆବେଦନ ବ୍ୟାଙ୍କ ଦ୍ୱାରା ଶୀଘ୍ର ପ୍ରକ୍ରିୟା କରଣ ଇନକମ ଟ୍ୟାକ୍ସ ରିଟର୍ଣିଂ ସହାୟତା ପାଇଁ ଆଧାର କାର୍ଡ ଅପଡେସନ ସହ ମୋବାଇଲ ସଂଯୋଗର ଆବଶ୍ୟକତା ରହିଛି ବୋଲି ସୂଚନା ଦିଆଯାଇଛି। ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିବା ପାଇଁ myaadhar.uidai.gov.in ରେ ଅପଡେସନ୍ କରାଯାଇ ପାରିବ । ସେହିପରି ଅଫଲାଇନ୍ ମାଧ୍ୟମରେ ପୋଷ୍ଟ ଅଫିସ, ବ୍ଲକ ଅଫିସ୍, ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ କରାଯାଇପାରିବ ବୋଲି ସୁଚନା ଦିଆଯାଇଛି। ଜିଲ୍ଲାରେ ୦-୫ ବର୍ଷ ଶିଶୁ ମାନଙ୍କ ଆଧାର ଜେନେରେସନକୁ ବୃଦ୍ଧି କରିବା ସହିତ ୫ରୁ ବର୍ଷ ଉର୍ଦ୍ଧ ବୟସ ବର୍ଗଙ୍କ ପାଇଁ ମଧ୍ୟ ଆଧାର ଅପଡେସନ ଆବଶ୍ୟକତା ଅଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଆଧାର ତାଲିକା ଭୂକ୍ତ କରାଯିବା ପାଇଁ କ୍ୟାମ୍ପ ଆୟୋଜନ କରାଯିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ୧୦ ବର୍ଷ ପୂର୍ବେ ଆଧାର କାର୍ଡ କରିଥିବା ଆଧାର ଅପଡ୍ଡେସନ ଓ ମୋବାଇଲ୍ ନମ୍ବର ସଂଯୋଗ, ବାଇଓମେଟ୍ରିକ ଡକ୍ୟୁମେଣ୍ଟ ଅପଡେଟ୍ ଆଦି ସମସ୍ତ ପ୍ରକ୍ରିୟା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଡାକ ଘରେ, ବ୍ୟାଙ୍କ, ବ୍ଲକ୍ କାର୍ଯ୍ୟଳୟ ମାନଙ୍କରେ ଖୋଲାଯାଇଥିବା ଆଧାର କେନ୍ଦ୍ରମାନଙ୍କରେ ଏହି ଆଧାର ଅପଡେଟ୍ କାର୍ଯ୍ୟ କରାଯାଇପାରିବ ନେଇ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବା ପାଇଁ ସୂଚନା ଦିଆଯାଇଅଛି। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ନର୍ମଦା ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ସିଡିପିଓ, ଯୋଗାଣ ସହାୟକ ଅଧିକାରୀ, ଲିଡ୍ ବ୍ୟାଙ୍କ ମ୍ୟାନେଜରଙ୍କ ପ୍ରତିନିଧି ପ୍ରମୁଖ ଭିଡ଼ିଓ କନଫ୍ରେରେନ୍ସ ବୈଠକରେ ଯୋଡ଼ି ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଗୁଣୁପୁରରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ଼ (ପିପିଏସ୍): ରାୟଗଡ ଜିଲ୍ଲା ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ରାୟଗଡ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସ୍ୱାଧାଦେବ ସିଂ ମୋଟ ୩୬ଟି ଅଭିଯୋଗ ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଅଭିଯୋଗ ଗୁଡିକର ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ୩୬ଟି ଅଭିଯୋଗ ମଧ୍ୟରୁ ୨୬ଟି ବ୍ୟକ୍ତିଗତ ଓ ୧୦ ଗୋଟି ସାମୁହିକ ଅଭିଯୋଗ ଦାଖଲ ହୋଇଥିଲା । ବିଶେଷ କରି ରାସ୍ତା, ବିଦ୍ୟୁତ, ବିଜୁ ପକ୍କାଘର, ପିଲାମାନଙ୍କୁ ବିଦ୍ୟାଳୟ ଓ ହଷ୍ଟେଲରେ ଦାଖଲ ନିମନ୍ତେ ଦରଖାସ୍ତ ଗୁଡିକ ଦାଖଲ ହୋଇଥିଲା । ଜିଲ୍ଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ତ୍ରିପାଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ଲାଲ ମୋହନ ରାଉତ ରାୟ, ଗୁଣପୁର ଉପ ଜିଲ୍ଲାପାଳ ଶ୍ରୀ ଲଳିତ କୁମାର କହଁର, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଶାନ୍ତି ପ୍ରଭା ପ୍ରଧାନ, ପ୍ରମୁଖ ଅଭିଯୋଗ ଗୁଡିକ ଶୁଣାଣି କରିଥିଲେ । ଆଜିର ଏହି ଅଭିଯୋଗ ଶୁଣାଣୀରେ ଗୁଣପୁର ତହସିଲଦାର ଶ୍ରୀ ଶରତ ଚନ୍ଦ୍ର ନାୟକ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଶ୍ରୀ ପ୍ରଭାତୀ ଝୋଡ଼ିଆ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଅଶୋକ ଶତପଥି, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସୁରେନ୍ଦ୍ର ଶବର, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ବିକାଶ ରଂଜନ ଦେହୁରୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଗୁଣପୁର ଥାନା ଅଧିକାରୀଙ୍କ ତତ୍ୱବୋଧନରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୋଲିସ ବ୍ୟବସ୍ଥା କରାଯାଇଥିଲା । ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ମରାଠୀଗୁଡା ସହିଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ, ଗୁଣପୁର ଆହାର କେନ୍ଦ୍ର, ଟଲନା ଉଚ୍ଚ ବିଦ୍ୟାଳୟ, ପୁଟାସିଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ଟି ଅନ୍ତର୍ଗତ ରୂପାନ୍ତରିତ କାର୍ଯ୍ୟ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଉପ ଜିଲ୍ଲାପାଳ, ପ୍ରକଳ୍ପ ପ୍ରଶାସିକା, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




ବଲାଙ୍ଗିର, (ହି.ସ): ବଲାଙ୍ଗିର ତାଳପଲିପଡା ସ୍ଥିତ ଡଃ ଅମ୍ବେଦକର ଦାତବ୍ୟ ବିକାଶ କେନ୍ଦ୍ର ପରିସରରେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ଜନାଥନ ଶ୍ରୀଚୈହାନଙ୍କ କର କମଳରେ ଉନ୍ମୋଚିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଜନାଥନ ଶ୍ରୀଚୌହାନ, ସମ୍ମାନିତ ଅତିଥି ଭାବରେ କାନ୍ତିଲାଲ ମୁଗ୍ରୀ, ନେପାଳ ଚନ୍ଦ୍ର ବାଗ, ହେମସାଗର ନନ୍ଦ, ନବୀନ କୁଅଁର, ସମାଜସେବୀ ଅର୍ଜୁନ ମୁଗ୍ରୀ, ଦ୍ରୋଣ କୁମ୍ଭା, ସ୍ୱର୍ଣ୍ଣବାଳା ନାଗ ଯୋଗ ଦେଇଥିଲେ । ପ୍ରମୋଦ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମଂଚ ପରିଚ୍ଛଳନା କରିଥିଲେ ଯଶସ୍ୱିନୀ ଶ୍ରୀଚୌହାନ ଓ ଧନ୍ୟବାଦ ଦେଇଥିଲେ ପବିତ୍ର ନାଗ ।

# ମାନବିକତାର ଉଦାହରଣ ସୃଷ୍ଟିକଲେ ୩ ଯୁବକ



ରାୟଗଡ (ପିପିଏସ୍): ରାୟଗଡ଼ା ଜିଲ୍ଲା ରାମନାଗୁଡା ସଦର ରେ ଦେଖା ଦେଇଛି ଏକ ଅଭାବନୀୟ ଘଟଣା, ଶନିବାର ଦିନ ରାତିରେ ବୁଲା ଗାଈ ୩୨୬ ନମ୍ବର ଜାତୀୟ ରାଜପଥ ଷ୍ଟେଟବ୍ୟାଙ୍କ ଶାଖା ନିକଟରେ ଛିଡା ହୋଇଥିବା ସମୟରେ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇ କ୍ଷିପ୍ର ଗତିରେ ଚାଲିଯାଇଥିଲା, ଦୁର୍ଘଟଣାରେ ଗାଈର ସମ୍ମୁଖ ଭାଗ ଦୁଇଟି ଗୋଡ଼ରେ ଗଭୀର ଆଘାତ ହୋଇ ଗୁରୁତର ଭାବେ ଆହତ ହୋଇ ମୁଖ୍ୟ ରାସ୍ତା କଡରେ ପଡ଼ି ରହିଥିଲା ରବିବାର ଦିନ ରାମନାଗୁଡାର ଚନ୍ଦନ ପାଣିଗ୍ରାହୀ(ଜଗା ) ନିର୍ମଳ ଖାମ୍ବା, ଆସିପୁ ତିରୁମାଲା ନାମକ ଏହି ତିନି ଜଣ ଯୁବକ ଆହତ ଗାଈକୁ ଉଦ୍ଧାର କରି ରାମନାଗୁଡ଼ା ପ୍ରାଣୀଧନ ଚିକିତ୍ସାଳୟ ର କର୍ମଚାରୀ ଙ୍କୁ ଡାକି ଗାଈର ଚିକିତ୍ସା କରାଇଥିବା ବେଳେ ଏହି ଗାଈଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଚନ୍ଦନ ପାଣିଗ୍ରାହୀ (ଜଗା ) ନାମକ ଯୁବକ ନିଜ ପାଖରେ ରଖି ଚିକିତ୍ସା ଜାରି ରଖିଛନ୍ତି , ଏହି ତିନି ଯୁବକଙ୍କ ଏଭଳି ମହତ୍ୱ କାର୍ଯ୍ୟ ପାଇଁ, ଗୋ-ସେବାରୁ ଦୁରେଇ ଯାଉଥିବା ଲୋକମାନଙ୍କ ମଧ୍ୟରେ ନୂଆ ଉଦାହରଣ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି, ତେବେ ଏହି ଯୁବକ ମାନେ ଗୋ ସେବାରେ ନିଜକୁ ସମର୍ପିତ କରିଥିବାରୁ ସ୍ଥାନୀୟ ଅଞ୍ଚଳରେ ଧନ୍ୟବାଦ ର ପାତ୍ର ପାଲଟିଯାଇଛନ୍ତି।

# ଜୟପୁର ପୌରପରିଷଦର ସାଧାରଣ ବୈଠକ ଅନୁଷ୍ଠିତ

ଜୟପୁର, (ହି.ସ.): ଜୟପୁର ପୌର ସଭା ଗୃହରେ ପୌର ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲକା, ବିଧାୟକ ତାରା ପ୍ରସାଦ ବାହିନିପତି, ଉପାଧ୍ୟକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସହ କାଉନସିଲରମାନେ ଉପସ୍ଥିତ ଥିଲେ। ବୈଠକରେ ୧୦୭ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଟ୍ରାଫିକ ଛକରେ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତି ଓ ପାରାବେଡାରେ ଆମ୍ବେଦକରଙ୍କ ପ୍ରତିମୂର୍ତି ସ୍ଥାପନ ନିଷ୍ପତି ହୋଇଛି। ସହରର ପୁରୁଣା ଟାଉନ ପ୍ଲାନିଙ୍ଗ ଗଳିର ନାମ ପରିବର୍ତନ କରି ରାଧା କୃଷ୍ଣ ବିଶ୍ୱାସ ରାୟ ମାର୍ଗ ଓ କାଉଡମ୍ବ ସାହିର ନାମ ପରିବର୍ତନ କରି ଆମ୍ବେଦକର ନଗର କରାଯାଇଛି । ଜୟନଗର ସ୍ଥିତ ଏମ୍ୟୁଜମେଂଟ ପାର୍କରେ ଏକ ମିଶନ ଶକ୍ତି କେଫେ ନିର୍ମାଣ କରିବା, ଘରୋଇ ବସଷ୍ଟାଣ୍ଡ ର ସୌନ୍ଦର୍ଯ୍ୟକରଣ ଓ ଭିତିଭୂମି ପାଇ ପଦ କ୍ଷେପ ନିଆଯିବ । ପୌର ସଂସ୍ଥା ଉଡାଯାହାଜ ପଡିଆ, ଜିଲା ମୁଖ୍ୟ ଚିକିତ୍ସାଳୟ, ବାରଣିପୁଟ ଯାଏ ମୌଳିକ ସୁବିଧା ଯୋଗାଇବା ପାଇଁ ପୁବକୁ ବାରିଣିପୁଟ, ଦକ୍ଷିଣ କୁ ଉମୁରି, ଉତରକୁ ଟାଙ୍କୁଆ ଓ ପଶ୍ଚିମକୁ କୁନ୍ତରଖାଲ ଯାଏ ପରିସୀମା ବୃଦ୍ଧି କରିବାକୁ ଜିଲାପାଳଙ୍କ ଜରିଆରେ ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇ ନିଷ୍ପତି ହୋଇଛି । ବର୍ଷା ଦିନ ପୁବରୁ ତଳି ଅଂଚଳ ଭିତିଭୂମିର ବିକାଶ, ଡ୍ରେନ ସଫା କରିବା ସହବିଦ୍ୟାଳୟ ମାନଙ୍କରେ ଶୌଚ ପାଇଁ ବ୍ୟବସ୍ଥା କରାଯିବ । ପାନୀୟ ଜଳର ବ୍ୟବସ୍ଥା ଗୋଷ୍ଠି ଶୌଚାଳୟ ମରାମତି କରିବା ପାଇ ନିଷ୍ପତି ନେଇଛି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ( ହି.ସ.): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୧୬ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୨ ଗୋଟି ଓ ସାମୁହିକ ଦରଖାସ୍ତ ୪ ଗୋଟି ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ୩ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୩ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ, ତରଭା ବିନୟ କୁମାର ପଟେଲଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ସୋନପୁର ଡଃ. ଇସ୍ମିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱରଂଜନ ପତି, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରେଣୁବାଳା ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ପ୍ରମୁଖଙ୍କ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର ତରଭା, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଗଜପତି ଜିଲ୍ଲାକୁ ବେଷ୍ଟ ଡିଷ୍ଟ୍ରିକ୍ଟ କେଟ୍ଟୋରୀ ଭାବେ ପୁରସ୍କୃତ




ପାରଳାଖେମୁଣ୍ଡି, (ପିପିଏସ୍): ଓଡିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ସର ୩୭ ତମ ରାଜ୍ୟ ପୁରସ୍କାର ଉତ୍ସବ ରାଜ ଭବନର ନୂଆ ଅଭିଷେକ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି. ଏଥିରେ ସ୍କାଉଟ ଏବଂ ଗାଇଡ୍ସ ପୃଷ୍ଠ ପୋଷକ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଜପତି ଜିଲ୍ଲାକୁ ବେଷ୍ଟ ଡିଷ୍ଟ୍ରିକ୍ଟ କେଟ୍ଟୋରୀ ଭାବରେ ପୁରସ୍କୃତ କରିଛନ୍ତି. ଏହି ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୋଷ କୁମାର ନାୟକ, ଜିଲ୍ଲାର ଭାରପ୍ରାପ୍ତ କ୍ରୀଡା ନିରୀକ୍ଷକ ତଥା ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ର ଏବଂ ଆୟୋଜନ ହୋଇଥିବା ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ଗୌଡ଼ ଯୋଗ ଦାନ କରି ପୁରସ୍କାର, ପ୍ରମାଣ ପତ୍ର ମହାମହିମ ରାଜ୍ୟପାଳଙ୍କ ଠାରୁ ଗ୍ରହଣ କରିଥିଲେ. ଚଳିତ ବର୍ଷ ରାଜ୍ୟ ପୁରସ୍କାର ଜିଲ୍ଲାର ସ୍କାଉଟ ଏବଂ ଗାଇଡ୍ସ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ. ରାଜ୍ୟ ସଂଗଠନ ରାଜ୍ୟ ସଭାପତି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମନ୍ତ୍ରୀ ଟୁକୁନି ସାହୁ, ଉପସଭାପତି ମିନତି ବେହେରା, ରାଜ୍ୟ ମୁଖ୍ୟ କମିଶନର ଡ଼ଃ କାଳୀ ପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ରାଜ୍ୟ କମିଶନର ଗାଇଡ୍ସ ଅନାମିକା ଦାସ ଏବଂ ରାଜ୍ୟର ସମସ୍ତ ଜିଲାରୁ ଜିଲ୍ଲା ଶିକ୍ଷା ଅଧିକାରୀ ମାନେ ଯୋଗ ଦେଇଥିଲେ. ଏହି କାର୍ଯ୍ୟକ୍ରମର ଶ୍ରେୟ ଜିଲ୍ଲା କମିଶନର ସ୍କାଉଟ ପ୍ରଫୁଲ୍ଲ କୁମାର ମହାନ୍ତି, କମିଶନର ଗାଇଡ୍ସ ଏସ. ମଣିମାଳା, ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ର, ଡିଓସି ସଞ୍ଜୟ କୁମାର ପାତ୍ର, ଧୀରେନ୍ଦ୍ର ସାମଲ, ମେନେକା ରାଓ ଏବଂ ଜିଲ୍ଲାର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ଜଣାଇଛନ୍ତି. ପରିଶେଷରେ ସମ୍ପାଦକ ତଥା କ୍ରୀଡା ନିରୀକ୍ଷକ ସୁରେନ୍ଦ୍ର ପାତ୍ର ଧନ୍ୟବାଦ ଜଣାଇବା ସହ ଏହିପରି ଉନ୍ନତିମୂଳକ କାର୍ଯ୍ୟ ଜାରି ରଖିବା ପାଇଁ କହିଥିଲେ।

# ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜୟପୁର, (ହି.ସ.): ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି । ଜୟପୁର ସଙ୍ଗମ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ନଗର ସଭାପତି ହର ମିଶ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଜୟପୁର ନିର୍ବାଚନ ମଣ୍ଡଳିର ସଂଗଠନ ଦାୟିତ୍ୱରେ ଥିବା ସୁବାସ ରାଉତ, ରମା କାନ୍ତ ରାଉଳ, ଅନୁପ ପାତ୍ର, କୁନି ଅଧିକାରି, ପୌର ଉପାଧକ୍ଷ ବି. ସୁନିତା, ଇନ୍ଦିରା ନନ୍ଦ, ରବି ଚୈଧୁରି, ବିରେନ୍ଦ୍ର ସାଗର ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ଜୀବନି ଓ ତାଙ୍କ ଅବଦାନ ଉପରେ ମତ ବ୍ୟକ୍ତ କରିଥିଲେ ।

# ଚୋରି ଉଦ୍ୟମ କରି ଗ୍ରାମବାସୀଙ୍କ ଦ୍ୱାରା ୨ ଯୁବକ ଅଟକ, ପିକ୍‌ଅପ୍ ଭ୍ୟାନ ଜବତ

ଚମ୍ପୁଆ,(ହି.ସ): ଚମ୍ପୁଆ ଥାନା ଅନ୍ତର୍ଗତ ବ୍ରହ୍ମପୁର ଛକ ନିକଟରେ ଚୋରୀ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀ ଏକ ପିକଅପ ଭ୍ୟାନ ସହିତ ଦୁଇ ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି । ସୂଚନା ଅନୁଯାୟୀ, ଗତ ରାତି ବ୍ରହ୍ମପୁର ଛକ ନିକଟରେ ଏକ ପିକଅପ ଭ୍ୟାନ ସମେତ କିଛି ଯୁବକ ବାଇକ ରେ ଆସି ଚୋରୀ ଉଦ୍ୟମ କରୁଥିବାବେଳେ ଅଜଣା ଲୋକଙ୍କୁ ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା । ଫଳରେ ଗ୍ରାମବାସୀ ଦୁଇ ଜଣ ଯୁବକଙ୍କୁ ଅଟକ ରଖିଥିବାବେଳେ ବାଇକରେ ଥିବା ଅନ୍ୟ ଯୁବକମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ । ତେବେ ଚୋରୀ କାମରେ ବ୍ୟବହାର କରିବାକୁ ଅଣା ଯାଇଥିବା ଏକ ପିକଅପ ଭ୍ୟାନ କୁ ଗ୍ରାମବାସୀ ସନ୍ଦେହ କରି ପିଛା କରିବାରୁ ଗାଡିଟି ଦୃତ ଗତିରେ ଚମ୍ପୁଆ ଆଡକୁ ଫେରାର ହୋଇଯାଉଥିବା ସମୟରେ ଟୁଣଟୁଣା ଅରଡେଇ ପୋଲ ନିକଟରେ ଗାଡିର ଗୋଟିଏ ପଛ ଚକ ଖୋଲିଯିବା ଦ୍ୱାରା ଚୋର ମାନେ ଗାଡିଟି ନେଇ ନପାରି ଛାଡି ଫେରାର ହୋଇ ଯାଇଥିଲେ । ଖବର ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଂଚି ଅଟକ ଦୁଇ ଯୁବକଙ୍କ ସମେତ ପିକଅପ ଭ୍ୟାନକୁ ଜବତ କରିଛି ।

# ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଗହଣରେ ୫୯ଟି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ଟିଟିଲାଗଡ଼, (ପିପିଏସ୍): ବଲାଙ୍ଗିର ଜିଲାପାଳ ସୋମବାର ଟିଟିଲାଗଡ଼ ବ୍ଲକ ଖୋଲାଣ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଗହଣରେ ଅଭିଯୋଗ ଶୁଣାଣି କରିଛନ୍ତି। ମୋଟ ୫୯ଟି ଅଭିଯୋଗ ଶିବିରରେ ପଞ୍ଜିକୃତ ହୋଇଥିଲା। ଅନେକ ବୃଦ୍ଧବୃଦ୍ଧା ଭିନ୍ନକ୍ଷମ ଭତ୍ତା ପାଇଁ ଅଭିଯୋଗ କରିଥିଲେ। ଶ୍ରମିକ ପରିବାର ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ବିଭିନ୍ନ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲା। ବ୍ଲକ ଅନ୍ତର୍ଗତ ସୁରଡା ପଞ୍ଚାୟତ ମହଗାଁରେ ଦୀର୍ଘ ୨ ବର୍ଷ ହେବ ପାଣି ଟାଙ୍କି ନିର୍ମାଣ ସରିଛି। ହେଲେ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ କରାଯାଇନଥିବାରୁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଜାତୀୟ ରାଜପଥ ୫୯ର ରିଗଡୁଲ ବେଲଗାଁ ରାସ୍ତା ପ୍ରଶସ୍ତି କରଣ ନେଇ ଜମି ଅଧିଗ୍ରହଣ ହେଉଥିବା ରିଗଡୁଲ ଗ୍ରାମର ଲୋକଙ୍କୁ ଅତ୍ୟନ୍ତ କମ ପରିମାଣର ସହାୟତା ପ୍ରଦାନ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ତେଲେଙ୍ଗାନା ରାଜ୍ୟରେ ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଥିବା ଟିଟିଲାଗଡ଼ ବ୍ଲକର ବାଞ୍ଜିଝାଲର ଦାଦନ ଶ୍ରମିକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ରାଶି ପ୍ରଦାନ ପାଇଁ ଜିଲାପାଳଙ୍କ ଠାରେ ଗ୍ରାମବାସୀ ତଥା ପରିଜନ ଫେରାଦ ହୋଇଥିଲେ। ବଲାଙ୍ଗିର ଜିଲ୍ଲା ପରିଷଦ ଟିଟିଲାଗଡ଼ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ଟିଟିଲାଗଡ଼ ଉପଜିଲ୍ଲାପାଳ ଦୟାମୟ ପାଢ଼ୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ସମାଜ କଲ୍ୟାଣ ଅଧିକାରୀ ଅଲେଖ ବିଶ୍ୱାଳ, ଡିପିସି ମିଶନ ଶକ୍ତି ସୁମନ ଦ୍ୱିବେଦୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମିରରାଜା ଅଲ୍ଲୀ, ଏସଇ କ୍ଷୁଦ୍ର ଜଳସେଚନ ପ୍ରମୋଦ ପଳାଇ, ତହସିଲଦାର ଡ଼. ଲଳିତ ବାଗ, ବିଡିଓ ନବୀନ ଚନ୍ଦ୍ର ନାୟକ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ମୀନକେତନ କିଷାନ, ଏସଡ଼ିପିଓ ଅଙ୍କିତା କୁମ୍ଭାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ସମିତି ସଭ୍ୟ ଧୀର ରଣା, ଜିଲ୍ଲା ସରପଞ୍ଚ ସଂଘ ସଭାପତି ବିରବର ସାହୁ, ବିଏସଏସଓ ସୁମନ କଲ୍ୟାଣ ରଣା, ଫାର୍ମାସିଷ୍ଟ ବଟକୃଷ୍ଣ ଗୌଡ଼,ଇଓ ସୁରେନ୍ଦ୍ର ମିଶ୍ର, ଜିଆରଏସ ଶକ୍ତିଶ୍ୱର ମୁଗ୍ରୀ, ବିଏଲସି ବିକାଶ ସାହୁ, ସରପଞ୍ଚ ଚିନ୍ତାମଣି ସୁନା, ସମାଜସ୍ୱେବୀ ନିମାଇଁ ବେହେରା, ପ୍ରକାଶ ମହାନନ୍ଦ, କ୍ଷମାନିଧି ଭୂୟାଁ, ରମେଶ ସାହୁ, ତଥାଗତ କଟା, ମନୋଜ ଗୌଡ଼, ସଚିନ ଛତର, ସନ୍ୟାସୀ ନାଏକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ତରଙ୍ଗ ମ୍ୟୁଜିକ କ୍ଲବ୍‌ର ବାର୍ଷିକୋତ୍ସବ ପାଳିତ

# 'ମିଳେ ସୁର୍ ମେରା ତୁମ୍‌ହାରା' ସଂଗୀତରେ ମତୁଆଲା ଶ୍ରୋତା



ରାଉରକେଲା (ପିପିଏସ୍): ରାଉରକେଲା ଇସ୍ପାତ ସହରର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗୀତ ତରଙ୍ଗ ମ୍ୟୁଜିକ କ୍ଲବ'ର ବାର୍ଷିକ ଉତ୍ସବ ଅପ୍ରେଲ ୧୬ ତାରିଖରେ ସିଭିକ ସେଣ୍ଟର ଠାରେ ସାହାସମାରୋହରେ ପାଳିତ ହୋଇଯାଇଛି। ଏଥିସହିତ ପ୍ରତିଭା ଅନ୍ୱେଷଣ ଇସ୍ପାତ ସହରର 'ଭେଲଭେଟ କଣ୍ଠସ୍ୱର' ଗ୍ରାଣ୍ଡ ଫାଇନାଲ ମଧ୍ୟ ଆୟୋଜିତ ହୋଇଥିଲା। ଉତ୍ସବରେ ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବାବେଳେ ରାଉରକେଲା ଚାମ୍ବର ଅଫ କମର୍ସର ସଭାପତି ଶ୍ରୀ ଶୁଭ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଶ୍ରୀ ସୁନୀଲ କାୟଲ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। 'ଭେଲଭେଟ କଣ୍ଠସ୍ୱର' ଗ୍ରାଣ୍ଡ ଫାଇନାଲର ବିଚାରକ ରୂପେ ଓଡିଆ ସିନେ ଜଗତର ପ୍ରଯୋଜକ ଶ୍ରୀ ଆତିଶ କୁମାର ରାଉତ ଏବଂ ଓଲିଉଡର ବିଶିଷ୍ଟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ଅବିନାଶ ମିଶ୍ର ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା ।ନିଜର ବକ୍ତବ୍ୟରେ ଶ୍ରୀ ଶତପଥୀ 'ସଙ୍ଗୀତ ତରଙ୍ଗ ମ୍ୟୁଜିକ କ୍ଲବ'ର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଇସ୍ପାତ ସହରର ସାଂସ୍କୃତିକ ନବଜାଗରଣରେ ଯୋଗଦାନ ଜାରି ରଖିବା ପାଇଁ ଅନୁପ୍ରେରିତ କରିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ସଙ୍ଗୀତ ତରଙ୍ଗ ମ୍ୟୁଜିକ କ୍ଲବର ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ପ୍ରତିଭା ଅନ୍ୱେଷଣ ଇସ୍ପାତ ସହରର 'ଭେଲଭେଟ କଣ୍ଠସ୍ୱର' ଗ୍ରାଣ୍ଡ ଫାଇନାଲରେ ଡ଼ିଏଭି ପବ୍ଲିକ ସ୍କୁଲ ବାସନ୍ତୀ କଲୋନୀର ବିଭାସ ରଞ୍ଜନ ରାଉତରାୟ ବିଜୟୀ ହୋଇଥିବା ବେଳେ ଦିଲ୍ଲୀ ପବ୍ଲିକ ସ୍କୁଲର ପ୍ରାର୍ଥନା ବିଶ୍ୱାଳ ଓ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛେଣ୍ଡର ଶ୍ରଦ୍ଧାଶ୍ରୀ ପାତ୍ର ପ୍ରଥମ ଓ ଦ୍ୱିତୀୟ ରନର୍ସ ଅପ ହୋଇଥିଲେ। ପରେପରେ ସଙ୍ଗୀତ ସନ୍ଧ୍ୟାରେ ଅନେକ ମନଛୁଆଁ ନୂଆ ପୁରୁଣା ସଙ୍ଗୀତ ପରିବେଷିତ ହୋଇଥିଲା। ତପନ ନାୟକଙ୍କ କଣ୍ଠରେ ପରଦା ହୈ ପରଦା, ବାସବଦତ୍ତାଙ୍କ 'ସଲୋନା ସା ସଜନ ହୈ', ବିମଳ ଓ ଲିନାଙ୍କ ଦ୍ୱଇତ କଣ୍ଠରେ ତୋଫା ତୋଫା, ସୁଧାଂଶୁ ପ୍ରଧାନ ଓ ପୁଷ୍ପାଞ୍ଜଳିଙ୍କ ଦ୍ୱୈତ କଣ୍ଠରେ 'ଏଇ ଝୁମା ଝୁମା ଗୋଲାପି ବେଳାରେ', ଏହି ଭଳି କଳାକାରଙ୍କ ସମସ୍ତ ସଙ୍ଗୀତ ଦର୍ଶକଙ୍କ ମନମୋହିଥିଲା। ବାସବଦତ୍ତା ମହାନ୍ତି , ପିଙ୍କି ମହାନ୍ତି , ଇତି ପଟ୍ଟନାୟକ, ସୋନାଲୀ ତ୍ରିପାଠୀ, ଲିନା ସେନାପତି, ସୁଧାଂଶୁ ଶେଖର ପ୍ରଧାନ, ପୁଷ୍ପାଞ୍ଜଳି ପାଣିଗ୍ରାହୀ, ପ୍ରାଞ୍ଜଳି, ରିନା, ବନୋଜ, ସତ୍ୟବ୍ରତ ମହାନ୍ତି, ତପନ ନାୟକ, ସନ୍ତୋଷ ଦାସ, ପ୍ରଦୀପ ମହାନ୍ତ, ବିକାଶ ପାତ୍ର, ଜଗନ୍ନାଥ ସାହୁ (ଜଗା ଭାଇ), ଝୁନୁ ନାୟକ, ଅଶ୍ୱିନୀ ସିଂହ, ବିଭୂଦତ୍ତ ରଥ, ବିମଳ ସାହୁ, ଅଜୟ ଖଟୁଆ, ଅଶୋକ ପଟେଲ, ଶଶାଙ୍କ ପଟ୍ଟନାୟକ, ଦେବଜିତ ରାଭାଙ୍କ ସମେତ ଡକ୍ଟର ପି କେ ସାହୁ, ଶ୍ରୀମତୀ ଅର୍ଚ୍ଚନା ଶତପଥୀ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ । ଡକ୍ଟର ଜୟନ୍ତ ଆଚାର୍ଯ୍ୟ ଓ ବଳଜିତ ସିଂହ ହୃଦୟସ୍ପର୍ଶୀ ଯୁଗଳବନ୍ଦୀ ବାଦ୍ୟ ସଙ୍ଗୀତ ପରିବେଷଣ କରିଥିଲେ ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ସନ୍ତୋଷ ଦାସ ସଙ୍ଗୀତ ତରଙ୍ଗ ସାଂସ୍କୃତିକ ନ୍ୟାସର କାର୍ଯ୍ୟଧାରା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ମାଧ୍ୟମରେ ସମାଜରେ ଏକ ଗଠନମୂଳକ ପରିବର୍ତ୍ତନ ଆଣିବା ପାଇଁ ପ୍ରଚେଷ୍ଟା ସମ୍ପର୍କରେ ସେ ଆଲୋକପାତ କରିଥିଲେ ।

# ପ୍ରଶାସନର ଆନ୍ତରିକତାର ଅଭାବ, ଅଧାରେ ପଡ଼ିରହୁଛି ଅଙ୍ଗନବାଡ଼ି ଗୃହ କାର୍ଯ୍ୟ

**ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ**



ପାରଳାଖେମୁଣ୍ଡି, (ତାରେଣି ପ୍ରସାଦ ପଣ୍ଡା): କେନ୍ଦ୍ର ହେଉ କି ରାଜ୍ୟ ଶିଶୁମାନଙ୍କ ଶାରୀରିକ ଏବଂ ମାନସିକ ବିକାଶ ସହ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଉନ୍ନତିକରଣ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ବର୍ଷ ପାଣି ଭଳି ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। କିନ୍ତୁ ପ୍ରଶାସନର ଆନ୍ତରିକତାର ଅଭାବରୁ କେଉଁଠି ନିର୍ମାଣ କାର୍ଯ୍ୟ ହୋଇପାରୁନି ତ କେଉଁଠି ଅଧାରେ ଅଟକୁଛି ନିର୍ମାଣ କାର୍ଯ୍ୟ। ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର ବୃହତ୍ତମ ବ୍ଲକ ତଥା ଓଡିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ମୋହନା ୩୯ଟି ପଞ୍ଚାୟତକୁ ନେଇ ଗଠିତ। ଯାହା କି ଏଠାର ୭୦ ଶତକଡାରୁ ଉର୍ଦ୍ଧ୍ୱ ଆଦିବାସୀ ସଂପ୍ରଦାୟର ଗରୀବ ଲୋକ ବାସ କରନ୍ତି।ଏଠାରେ ଅନେକ ଅପହଞ୍ଚ ଇଲାକା ରହିଛି। ଯେଉଁଠାରେ କି ଶିକ୍ଷାର ବିକାଶ ସହ କୋମଳ ମତି ଶିଶୁଙ୍କୁ ଅପପୃଷ୍ଟିରୁ ଦୁରେଇ ରଖିବା ପାଇଁ ଖୋଲା ଯାଇଛି ମିନି ଅଙ୍ଗନୱାଡ଼ି କେନ୍ଦ୍ର ଠାରୁ ନେଇ ବଡ ଅଙ୍ଗନୱାଡ଼ି କେନ୍ଦ୍ର କିନ୍ତୁ କେଉଁଠି ଗଛ ତଳେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି ତ କେଉଁଠି ଘର ବାରଣ୍ଡାରେ ପୁଣି କେଉଁଠି ଅଧାପନ୍ତରିଆ କୋଠାରେ ବିପଦ ସଙ୍କୁଳ ଅବସ୍ଥାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର। ମୋହନା ବ୍ଲକରେ ବିଭିନ୍ନ ସ୍ଥାନରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ୨୦୦୭ ମସିହାରେ ସ୍ଥାନ ଚିହ୍ନଟ ସାରିବା ପରେ ନୂତନ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ରାଜକୋଷରୁ ଅର୍ଥ ମଞ୍ଜୁର ହେଇଥିଲା ।ସେହି ସମୟରେ ଥିବା ଯନ୍ତ୍ରୀ , ବିଡ଼ିଓ, ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ବ୍ଲକର ୬୩୭ଟି କେନ୍ଦ୍ରରୁ ମାତ୍ର ୩୯୭ଟି ଗୃହ ନିର୍ମାଣ ହୋଇପାରିଥିଲା। ବାକି ୨୪୦ଟି ଗୃହ ନିର୍ମାଣ କାର୍ଯ୍ୟ ୨୦୧୦/ ୧୧ ଆର୍ଥିକ ବର୍ଷରୁ ଅଟକି ରହିଯାଇଛି। କେଉଁଠି ପୁନାଦି ପଡ଼ିଛି ତ କେଉଁଠି କାନ୍ଥ ପଡ଼ିଛି, ଆଉ କେଉଁଠି ଛାତପଡ଼ି ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ରହିଛି ତ ଆଉ କେଉଁଠି ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଅର୍ଦ୍ଧନିର୍ମିତ ଗୃହ।



## ମୋହନା ବ୍ଲକରେ ୨୪୦ ଓ ନୂଆଗଡ ବ୍ଲକରେ ୯୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ନାହିଁ ନିଜସ୍ୱ ଘର



ସେହିପରି ନୂଆଗଡ ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ନୂଆଗଡ଼ ବ୍ଲକରେ ଅଙ୍ଗୱାଡ଼ି କେନ୍ଦ୍ର ସବୁ ଜରାଜୀର୍ଣ୍ଣ ସ୍ଥିତିରେ ରହିଥିବାର ଜଣାପଡିଛି । ଜିଲ୍ଲାର ଏହି ପଛୁଆଆଦିବାସୀ ଅଧ୍ୟୁଷିତ ବ୍ଲକ ଭାବେ ପରିଚିତ ନୂଆଗଡ଼ ବ୍ଲକରେ ୯୪ଟି ଅଙ୍ଗୱାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ । ସୂଚନା ଅନୁଯାୟୀ ନୂଆଗଡ଼ ବ୍ଲକ ପରିସର ଅନ୍ତର୍ଗତ ୧୯ ପଞ୍ଚାୟତର ୨୧୩ ଟି ୱାର୍ଡର ୭ଟି ସେକ୍ଟରରେ ସମୁଦାୟ ୨୭୪ଟି ଅଙ୍ଗୱାଡ଼ି କେନ୍ଦ୍ର ଅଛି । କିନ୍ତୁ ସେଥି ମଧ୍ୟରୁ ବେତାରସିଂ ସେକ୍ଟରରେ ୧୧ଟି, ବୁରୁସିଂ ସେକ୍ଟରରେ ୧୩ଟି, କେରେଡାଙ୍ଗ ସେକ୍ଟରରେ ୮ଟି,ଖଜୁରୀପଦା ସେକ୍ଟରରେ ୧୫ଟି, ଏନ.ଝାଲରସିଂ ସେକ୍ଟରରେ ୨୦, ନୂଆଗଡ଼ ସେକ୍ଟରରେ ୯ଟି, ଟଟରଙ୍ଗ ସେକ୍ଟରରେ ୧୮ଟି ଅଙ୍ଗୱାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ । ଏହି ସେକ୍ଟର ମାନଙ୍କର ବିଭିନ୍ନ ଗ୍ରାମର ବିଭିନ୍ନ କେନ୍ଦ୍ରର କୋଠା କାର୍ଯ୍ୟ ଆରମ୍ଭ ହୋଇ କେଉଁ କୋଠା ପୁନାଦିରେ, କେଉଁ କୋଠା ଅଧା କାନ୍ଥରେ, କେଉଁ କୋଠା ପିନ୍ତ ଲେବୁଲରେ, କେଉଁ କୃହ ଛାତ ପଡ଼ି ଝରକା କବାଟ ନାହିଁ ତ କେଉଁ ଗୃହରେ ସିମେଣ୍ଟ କାନ୍ଥପଲସ୍ତର ହୋଇନାହିଁ । ଏହିଭଳି ଅଧାପନ୍ତରିଆ ଭାବରେ ପଡ଼ି ରହିଛି । କେଉଁ କେଉଁ ଗ୍ରାମରେ ଭିତି ଭୂମିର ଚିହ୍ନଟ ହୋଇ ପାରୁ ନଥିବାରୁ କାର୍ଯ୍ୟ ହୋଇ ପାରୁନାହିଁ । ତେଣୁ କେତେକ ଅଙ୍ଗୱାଡ଼ି କର୍ମୀଙ୍କ ଘରେ, ଭଡ଼ା ଘରେ, ଗ୍ରାମର କୋଠ ଘରେ ଓ ସ୍କୁଲ ବିଲ୍ଡିଙ୍ଗର କୌଣସି ଏକ ଶ୍ରେଣୀ କୋଠରୀ ଠାରେ ଅଙ୍ଗୱାଡ଼ି ପରିଚାଳିତ ହେଉଥିବା ଜଣାପଡ଼ିଛି । ୯୪ ଅଙ୍ଗୱାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନଥିବାରୁ କୋମଳ ମତି ଶିଶୁ ମାନଙ୍କ ପାଠ ପଢାରେ ନାନା ସମସ୍ୟା ସୃଷ୍ଟି ହେବା ସହ କେନ୍ଦ୍ରକୁ ଆସୁ ଥିବା ଚାଉଳ,ଡାଲି ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିବା ଲାଗି କର୍ମଚାରୀ ମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି ।ଅଙ୍ଗୱାଡି କେନ୍ଦ୍ରର ନିଜସ୍ୱ କୋଠା ନଥିବାରୁ ପ୍ରାକ ବିଦ୍ୟାଳୟର ଶିଶୁ ମାନଙ୍କୁ ଗୋଟିଏ କକ୍ଷରେ ପାଠ ପଢ଼ାଇବା ସହ ସେହି କକ୍ଷରେ ହିଁ ଗ୍ୟାସ ଚୁଲା ସାହାଯ୍ୟରେ ଖାଦ୍ୟ ରୋଷେଇ କରାଯାଉ ଥିବା ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି । କେନ୍ଦ୍ରର ନିଜସ୍ୱ କୋଠା ନଥିବା ବିଷୟ ନେଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ ହେଉଛି । ୨୦୧୩ ସାଲରୁ ଅନେକ ଅଙ୍ଗନୱାଡ଼ି ଗୃହର କାର୍ଯ୍ୟ ଆରମ୍ଭ ହୋଇ ୨୦୨୩ ସାଲ ପର୍ଯ୍ୟନ୍ତ କେତେକ ଅଧପାଇଁନ୍ତରା ଭାବେ ପଡ଼ି ରହିଛିତ କେତେକ ପୂର୍ଣ୍ଣାଙ୍ଗ ହୋଇ ମଧ୍ୟ ହସ୍ତାନ୍ତର ହୋଇନ ନାହିଁ ଏବଂ ନିଜସ୍ୱ କୋଠା ନଥିବା କେନ୍ଦ୍ରର କର୍ମୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ବାରମ୍ବାର ଅଭିଯୋଗ କରୁଥିବା କହିଛନ୍ତି ସିଡିପିଓ ସୁରତି ପ୍ରଧାନ । ଏହାସହ ବ୍ଲକର ୧୮୦ଟି କେନ୍ଦ୍ରର ନିଜସ୍ୱ କୋଠା ଥାଇ ମଧ୍ୟ ଅବ୍ୟବସ୍ଥାରେ ରହିଥିବା ଚର୍ଚ୍ଚା ହେଉଛି ।





















# ବଲାଙ୍ଗୀରର ଉପାନ୍ତ ଅଞ୍ଚଳରେ ରୋଗୀଙ୍କ ଭରସା ନକଲି ଡାକ୍ତର

ବଲାଙ୍ଗିର, (ହି.ସ.): ଶିକ୍ଷା ବିଭାଗରେ ମାଳ ମାଳ ନକଲି ସାର୍ଟିଫିକେଟ ଧାରି ଶିକ୍ଷକ ବର୍ଷ ବର୍ଷ ଧରି ଚାକିରି କରୁଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅବହେଳା ଯୋଗୁ ଆଜି ପର୍ଯ୍ୟନ୍ତ ଶିକ୍ଷକ ସାଜି ଚାକିରି କରୁଛନ୍ତି । ଉଚ୍ଚ ଶିକ୍ଷା ବିଭାଗ ବାରମ୍ବାର ଚିଠି ମାଧ୍ୟମରେ ନକଲି ସାର୍ଟିଫିକେଟର ତଦନ୍ତ କରିବାକୁ ଜଣାଇଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ ସଜାଗ ରହି ନ ଥିବା ବେଳେ ଜିଲାରେ ନକଲି ଡାକ୍ତରଙ୍କ ପ୍ରଭାବ ଦେଖାଦେଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମାଳ ମାଳ ନକଲି ଡାକ୍ତର ଜିଲ୍ଲାର ସବୁ ସ୍ଥାନରେ ତାଙ୍କର ବ୍ୟବସାୟ ବଳବତର ରଖିଛନ୍ତି। ସହର ଠୁଁ ଆରମ୍ଭ କରି ଗ୍ରାମାଚଂଳ ପର୍ଯ୍ୟନ୍ତ ବ୍ୟାପିଛନ୍ତି ନକଲି ଡାକ୍ତର । ପାଠ ନାହିଁ କି ଶାଠ ନାହିଁ ହେଲେ ନିଜକୁ ଡାକ୍ତର ପରିଚୟ ଦେଇ ବେଶ ମାଲେ ମାଲ୍ ହେଉଥିବା ବେଳେ ରୋଗୀ କାଙ୍ଗାଳ । କିଛି ଔଷଧ ଦୋକାନୀ ନିଜର ବ୍ୟବସାୟ ପାଇଁ ଏହି ଠକ ଡାକ୍ତର ମାନଙ୍କୁ ରଖିଥିବା ଏବଂ ଗ୍ରାମାଚଂଳର ରୋଗୀ ମାନଙ୍କୁ ତତକ୍ଷଣାତ୍ ସ୍ୱାସ୍ଥ୍ୟ ସେବା ଯୋଗାଇ ରୋଜଗାର କରୁଥିବା ଚର୍ଚ୍ଚା ହେଉଛି । ଏହି ନକଲି ଡାକ୍ତର ମାନେ ସାଧାରଣତଃ ୱେଷ୍ଟ ବେଙ୍ଗଲ ରାଜ୍ୟର ବୋଲି ଜାଣିବାକୁ ମିଳିଛି ।ଏମାନଙ୍କ ପାଖରେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ନ ଥିବା ବେଳେ କୌଣସି ଡାକ୍ତରି ପାସ ପ୍ରମାଣ ପତ୍ର ଏବଂ କ୍ଲିନିକ୍ ଲାଇସେନ୍ସ ମଧ୍ୟ ନାହିଁ । ଏମାନେ ଡାକ୍ତର ସାଜି ବେଧଡକ ରୋଗୀଙ୍କୁ ଲୁଟୁଥିବା ଦେଖିବାକୁ ମିଳୁଛି । ପାଠ ଜିରୋ ହେଲେ ଡାକ୍ତର । ବର୍ଷ ବର୍ଷ ଧରି ଡାକ୍ତର ପରିଚୟ ଦେଇ କ୍ଲିନିକ୍ ଖୋଲି ରୋଗୀଙ୍କୁ ଠକି ନିଜର ପତିଆରା ବିସ୍ତାର କରିଛନ୍ତି । ପାଥୋ ଲାଇସେନ୍ସ ନାହିଁ ହେଲେ ରକ୍ତ ପରୀକ୍ଷା କରି ନିରୀହ ଲୋକଙ୍କୁ ଚୁନା ଲଗାଉଛନ୍ତି । ଜିଲ୍ଲାର ମୁରିବାହାଲ, ସଇଁତଳା, ଲୋଇସିଂହା, ଗୁଡିଘାଟ, ମାର୍ଲାଡ୍, ସିନ୍ଧେକେଲା, କୁରସୁଡ଼, ଟିଟିଲାଗଡ଼, ଉଦେପୁର, ବୈରାସର୍ ଇତ୍ୟାଦି ଆହୁରି ଅନେକ ସ୍ଥାନରେ କ୍ଲିନିକ୍ ଖୋଲି ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀଙ୍କ ଠାରୁ ସ୍ୱାସ୍ଥ୍ୟ ସେବା ନାମରେ ହଜାର ହଜାର ଟଙ୍କା ଲୁଟୁ ଥିବା ଚର୍ଚ୍ଚା ହେଉଛି। କୁରସୁଡ଼ରେ ଥିବା ଜଣେ ବଙ୍ଗାଳୀ ଡାକ୍ତର କ୍ଲିନିକ୍ ଖୋଲି ନିଜକୁ ଡାକ୍ତର ପରିଚୟ ଦେଇ ରକ୍ତ ପରୀକ୍ଷା ସହ ଔଷଧ ଦେଉଥିବା ଚର୍ଚ୍ଚା ଜୋର୍ ଧରିଛି । ସେହିଭଳି ଟିଟିଲାଗଡ଼ ନିକଟସ୍ଥ ଉଦେପୁର୍ ଗ୍ରାମରେ ତାପସ କୁମାର ବିଶ୍ୱାସ, ୱେଷ୍ଟ ବେଙ୍ଗଲ ନଦୀଆ ଜିଲ୍ଲା, ରାମେଶ୍ୱର ପୁର୍ ର ବାସିନ୍ଦା ନିଜକୁ ଡାକ୍ତରର ପରିଚୟ ଦେଇ ଏହି ଗ୍ରାମରେ ୧୦/୧୨ ବର୍ଷ ହେବ ରହି ରୋଗୀଙ୍କୁ ସାଲାଇନ୍, ଇଞ୍ଜେକସନ ସହ ମେଲେରିଆ ଏବଂ ଉଚ୍ଚ ରକ୍ତଚାପର ଔଷଧ ମଧ୍ୟ ଦେଉଥିବା ଚର୍ଚ୍ଚା ହେଉଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପ୍ରଶାସନିକ ଅଧିକାରୀ ମାନେ ଏଭଳି ସଙ୍ଗୀନ ବିଷୟ ଉପରେ ଧ୍ୟାନ ଦେଲେ ଅନେକ ନିରକ୍ଷର, ନିରୀହ ରୋଗୀ ତଥା ଜନତା ଏପରି ଲୁଣ୍ଠନକାରିଙ୍କ କବଳରୁ ମୁକ୍ତ ହେବେ । ଜନ ସାଧାରଣ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସରକାର ଜିଲ୍ଲାର ବିଭିନ୍ନ ଅଂଚଳରେ ଆୟୁଷ ଡାକ୍ତର ମାନଙ୍କୁ ନିଯୁକ୍ତି ଦେଇଥିବା ବେଳେ ଲୋକେ କାହିଁକି ଅସଲି ଡାକ୍ତର ପାଖକୁ ନ ଯାଇ ନକଲି ଡାକ୍ତର ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ତାହା ଏକ ପ୍ରଶ୍ନବାଚୀ । ତେବେ ଏଠି ପ୍ରଶ୍ନ ଉଠେ ସରକାର ଆୟୁଷ ଡାକ୍ତର ମାନଙ୍କୁ ନିଯୁକ୍ତି ଦେଲା ପରେ ସେହି ଡାକ୍ତର ମାନେ ସେହି ଅଂଚଳରେ ଠିକ୍ ସମୟରେ ରୋଗୀଙ୍କୁ ଦେଖୁନାହାନ୍ତି, ହସ୍ପିଟାଲ ଖୋଲୁ ନାହାନ୍ତି, ଯଦ୍ୱାରା ରୋଗୀମାନେ ବାଧ୍ୟ ହୋଇ ନକଲି ଡାକ୍ତର ମାନଙ୍କ ଆଶ୍ରୟ ନେଉଛନ୍ତି। ଏହା ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଇଛି।



# କଂଗ୍ରେସ ନେତା ବିଜୟ ପଟ୍ଟନାୟକଙ୍କ ପାରଳା ଗସ୍ତ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଗସ୍ତରେ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟ ଶାସନ ପ୍ରମୁଖ ବିଜୟ କୁମାର ପଟ୍ଟନାୟକ ଆସିଥିବାର ଜଣାପଡିଛି । ଏହି ଉପଲକ୍ଷେ ଶ୍ରୀ ପଟ୍ଟନାୟକଙ୍କୁ ପାରଳାଖେମୁଣ୍ଡି ସହରର ପ୍ରାରମ୍ଭରେ ଦଳୀୟ କର୍ମୀମାନେ ଏକ ପଟୁଆରେ ସ୍ଵାଗତ କରିଥିବା ବେଳେ ମୋଟର ସାଇକେଲ ରାଲି କରି ଜିଲ୍ଲା କଂଗ୍ରେସ ଭବନକୁ ଯାଇଥିଲେ । ପରେ ଗାନ୍ଧୀ ଛକଠାରେ ଥିବା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଶ୍ରୀ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିବା ବେଳେ ଗୌରହରି ପାଠାଗାରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟକୁ ମଧ ଯାଇଥିଲେ । ପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ କର୍ମୀ ଓ ନେତାମାନଙ୍କୁ ନେଇ ଦଳୀୟ ସାଂଗଠନିକ ବୈଠକରେ ଯୋଗଦେଇଥିଲେ । ଜିଲ୍ଲାରେ କଂଗ୍ରେସ ଦଳକୁ ଅଧିକା ମଜବୁତ କରାଇବା, ଏକଜୁଟ ହୋଇ କାମକରିବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକପରେ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ମୋହନା ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗ, ବରିଷ୍ଠ କଂଗ୍ରେସ ନେତା ଜୟ ମୋହନ ରାଓ, ଅଭିମନ୍ୟୁ ପଣ୍ଡା, ବସନ୍ତ କୁମାର ପଣ୍ଡା, ସଞ୍ଜୟ ଅଧିକାରୀ, ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖଙ୍କ ସହ ଶତାଧିକ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ ।

## ଆଦି ମହୋତ୍ସବ-୨୦୨୩ ଉଦ୍‌ଯାପିତ

# ଆଦିବାସୀ କଳାକାରଙ୍କ ନୃତ୍ୟରେ ମଞ୍ଚ ଦୁଲୁକିଲା




ରାଉରକେଲା(ପିପିଏସ୍): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏବଂ ଆଦିବାସୀ ସମବାୟ ମାର୍କେଟିଂ ଡେଭଲପମେଣ୍ଟ ଫାଉଣ୍ଡେସନ (ଟ୍ରାଇଫେଡ) ଦ୍ୱାରା ମିଳିତ ଭାବେ ଆୟୋଜିତ ୯ ଦିନିଆ ବିଶାଳ ଆଦିବାସୀ ପ୍ରଦର୍ଶନୀ 'ଆଦି ମହୋତ୍ସବ' ଗତ ୧୫ ତାରିଖରେ ସଫଳତାର ସହକାରେ ସମାପନ ହୋଇଛି । ସୁନ୍ଦରଗଡ ବିଧାୟିକା ସୁଶ୍ରୀ କୁସୁମ ଟେଟେ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପିକେ ଶତପଥୀ ଏବଂ ଟ୍ରାଇଫେଡର ଉପାଧକ୍ଷ ପିକେ କହଁର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ଆଦିବାସୀମାନଙ୍କ କଳା ଓ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆର୍‌ଏସ୍‌ପି ଏବଂ ଟ୍ରାଇଫାଇଡର ଏହି ଉଦ୍ୟମକୁ ବିଧାୟିକା ପ୍ରଶଂସା କରି କହିଥିଲେ ଯେ, ଆଦି ମହୋତ୍ସବ ପରି କାର୍ଯ୍ୟକ୍ରମ କଳା, ସଂସ୍କୃତି ଏବଂ ହସ୍ତତନ୍ତରେ ଆଦିବାସୀମାନଙ୍କ ଅପାର ପ୍ରତିଭା ଲୋକଲୋଚନକୁ ଆଣିବାରେ ସହାୟକ ହୋଇଥାଏ । ଶ୍ରୀ ଶତପଥୀ ନିଜର ବକ୍ତବ୍ୟରେ ବିଭିନ୍ନ ସିଏସ୍‌ଆର୍ ପଦକ୍ଷେପ ମାଧମରେ ପାରିପାର୍ଶ୍ୱିକ ଅଞ୍ଚଳରେ ବସବାସ କରିଥିବା ଆଦିବାସୀମାନଙ୍କ ଜୀବନଧାରଣ ମାନରେ ଅଧିକ ଉନ୍ନତି ପାଇଁ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି ସମାରୋହରେ ଏକ ଜିଲ୍ଲା ଏକ ସାମଗ୍ରୀ (ଓଡ଼ିଓପି) ର ଶୁଭାରମ୍ଭ କରାଯାଇଥିଲା । ଏଥିରେ ମନୋନୀତ ଉତ୍ପାଦଗୁଡିକ ମଧ୍ୟରେ ପୁରୀ ଜିଲ୍ଲାର ପଟ୍ଟଚିତ୍ର ପେଣ୍ଟିଂ (ଜିଆଇ) ଏବଂ ସୋନପୁର ଜିଲ୍ଲାର ବୋମକେଇ ଶାଢୀ କାରିଗରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ପ୍ରୟାସର ଶୁଭାରମ୍ଭ ହୋଇଥିଲା । ହସ୍ତଶିଳ୍ପ ଷ୍ଟଲ୍ ଏବଂ କାରିଗରମାନଙ୍କ ବ୍ୟତୀତ ଏହି କାର୍ଯ୍ୟକ୍ରମରେ ସାନ୍ତାଳ, ଧାରୁଆ, ପରଜା, ଓରାମ, କିସାନ୍, ପାଉଡି ଭୁୟାନ୍, ଡୋଙ୍ଗରିଆ କନ୍ଧ ଏବଂ କୁଟିଆ କାନ୍ଧ ଭଳି ବିଭିନ୍ନ ଜନଜାତିର ସାଂସ୍କୃତିକ ସନ୍ଧ୍ୟାରେ ପ୍ରାୟ ୧୪୦ ଜଣ ଆଦିବାସୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ନୃତ୍ୟ ପ୍ରଦର୍ଶନଗୁଡିକ ଆଦିବାସୀ ଜୀବନଶୈଳୀ ଏବଂ ପ୍ରକୃତି ସହିତ ସେମାନଙ୍କର ଘନିଷ୍ଠ ବନ୍ଧନର ଏକ ଉତ୍ସବ ଥିଲା । ଟ୍ରାଇଫେଡର ଆଞ୍ଚଳିକ ଅଧିକାରୀ ରାହୁଲ କୁମାର ପରିଶେଷରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଙ୍ଗରପାଲି ବ୍ଲକରେ ଯୁଗ୍ମ ଜନଶୁଣାଣି ଶିବିର



ରାଉରକେଲା(ପିପିଏସ): ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଙ୍ଗରପାଲି ବ୍ଲକ ପରିସରରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି ଓ ଏହି ଯୁଗ୍ମ ଜନଶୁଣାଣିରେ ଜିଲ୍ଲାପାଳ ଡା. ପରାଗ ଗଭାଲି ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଆଦିର ଶୁଣାଣି କରିଥିଲେ । ଏହି ଜନଶୁଣାଣିରେ ସମୁଦାୟ ୬୯ ଗୋଟି ଅଭିଯୋଗ ଆସିଥିଲା । ତନ୍ମଧ୍ୟରୁ ୫୦ ଗୋଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଆଦି ଥିବା ବେଳେ ୧୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା ଓ ସେହିଭଳି ୧୮ ଗୋଟି ଅଭିଯୋଗ ର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା । ଯେଉଁ ଥିରେ କି ୧୨ ଗୋଟି ଅଭିଯୋଗ ସିଏମ୍‌ଆରଏଫ ଆର୍ଥିକ ସହାୟତା ଯୋଗାଇବା ସମ୍ବନ୍ଧିତ ରହିଥିଲା ଓ ଏହି ଅଭିଯୋଗ ଗୁଡିକ ମଧ୍ୟରୁ ଆବାସ ଯୋଜନାରେ ଘର ସମ୍ବନ୍ଧିତ, ରାସ୍ତା ଘାଟ ଆଦିର ମରାମତି ତଥା ଉନ୍ନତିକରଣ, ଡ୍ରେନେଜ ସମସ୍ୟା, ଭତ୍ତା ଆଦି ରହିଥିଲା ଓ ବାକି ରହିଯାଇଥିବା ଅନ୍ୟାନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇ ତୁରନ୍ତ ତାହାର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ସଦର ଉପ ଜିଲ୍ଲାପାଳ ଦାଶରଥି ସରାବୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ଡେପୁଟି କଲେକ୍ଟର (ଆପାତକାଳୀନ) କୁନ୍ତୀ ନାୟକ, ଟାଙ୍ଗରପାଲି ଗୋଷ୍ଠି ଉନ୍ନୟନ ଅଧିକାରୀ ତଥା ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ୬୯ଟି ଅଭିଯୋଗ

# କୁଲୁତା ସମାଜର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ନିର୍ବାଚନ

ବଲାଙ୍ଗୀର, (ହି.ସ)- ଭଗବତି ନଗର ସ୍ଥିତ ସମାଜର କାର୍ଯ୍ୟାଳୟ ପରିସରରେ ସଭାପତି ସୁରଥ ପଧାନଙ୍କ ସଭାପତିତ୍ୱରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାପତିଙ୍କ ଅଭିଭାଷଣ ପରେ ସଂପାଦକ ଶାନ୍ତନୁ କୁମାର ଭୋଇ ସଂପାଦକିୟ ବିବରଣୀ ପ୍ରଦାନ କରିଥିଲେ ଓ ପରେ କୋଷାଧକ୍ଷ ଗୋବର୍ଦ୍ଧନ ପଧାନ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ । ସଭାରେ ବରଣ୍ୟ ସଭ୍ୟ ରାହାସ ବିହାରୀ ମାଝି, ମଧୁ ସାହୁ, ଶାନ୍ତନୁ କୁମାର ପାତ୍ର, ସଂକର୍ଷଣ ପଧାନ, ବୃଷଭ ସା, ଟଙ୍କଧର ଗଡତ୍ୟା, ବୁଡୁ ପଧାନ, ରବିନ୍ଦ୍ର ପଧାନ, ଜ୍ୟୋତ୍ସ୍ନାମୟୀ ପଧାନ, କୁନ୍ତଳା ଗଡତ୍ୟା, ପ୍ରହଲ୍ଲାଦ ଭୋଇ, ଶ୍ରୀ ନିବାସ ସାହୁ ନିଜ ନିଜର ବହୁମୁଲ୍ୟ ମତାମତ ପ୍ରଦାନ କରିଥିଲେ । ନିର୍ବାଚନ ଅଧିକାରୀ ଧାବ ଭୋଇ ଦାୟିତ୍ୱ ନେଇ କ୍ଷେତ୍ରେ ନୂତନ କର୍ମକର୍ତା ନିର୍ବାଚନ ହୋଇଥିଲା । ସଭାପତି ଭାବରେ ରବିନ୍ଦ୍ର କୁମାର ପଧାନ, ଉପ-ସଭାପତି ବଡୁ ପଧାନ ଓ ଜ୍ୟୋତ୍ସ୍ନାମୟୀ ପଧାନ, ସଂପାଦକ ବିଦେଶୀ ପଧାନ, ସହ-ସଂପାଦକ ମଧୁ ସାହୁ, କୋଷାଧକ୍ଷ ଅଜିତ କୁମାର ଭୋଇ, କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ସାହୁ, ଶାନ୍ତନୁ ପାତ୍ର, ବୃନ୍ଦାବନ ସାହୁ, ଶାନ୍ତନୁ କୁମାର ଭୋଇ ଓ ସୁଧିର ଭୋଇ । ଏହି କାର୍ଯ୍ୟକ୍ରମକୁ ଯୁବ ସଂଯୋଜକ ସୁଦର୍ଶନ ସାହୁ, ସୂର୍ଯ୍ୟ ଭୋଇ, ସଂଜିବ ସାମଲ, ସଂଜୟ ଶେଖର ଭୋଇ, ଜିତେନ୍ଦ୍ର ଭୋଇ, ଲକ୍ଷ୍ମଣ ବିଶ୍ୱାଳ, ନିରଞ୍ଜନ ଗଡତ୍ୟା, ଶୁଶାନ୍ତ ଭୋଇ, ସଚିକାନ୍ତ ପଧାନ, ସୁନିଲ କୁମାର ମାଝି ଆଦି ଶହ ଶହ ସଭ୍ୟ / ସଭ୍ୟା ଉପସ୍ଥିତ ଥିଲେ ଓ ପୂର୍ଣ୍ଣ ସହଯୋଗ କରିଥିଲେ ଶାନ୍ତନୁ କୁମାର ଭୋଇ ।

# ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ସୋମବାର ଦିନ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାନ ଜନନାୟକ, ପ୍ରବାଦ ପୁରୁଷ , କଳିଙ୍ଗର ବରପୁତ୍ର ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୬ ତମ ତିରୋଧାନ ତଥା ଶ୍ରାଦ୍ଧ ଦିବସ ପାଳନ ଅବସରରେ ଆଜି ଗଜପତି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପାରଳାଖେମୁଣ୍ଡି ସହର ଉପକଣ୍ଠରେ ପ୍ରବାହିତ ହେଉଥିବା ପୁଣ୍ୟତୋୟା ପବିତ୍ର ମହେନ୍ଦ୍ର-ତନୟା ନଦୀଘାଟ ଠାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସକାଳ ୭.୩୦ ସମୟରେ ଦଳୀୟ ନେତା ଓ କର୍ମୀ ମାନେ ତିଳଅର୍ପଣ ଓ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ କରି ପୁଷ୍ପ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ପାରଳାଖେମୁଣ୍ଡି ମୁଖ୍ୟ ବଜାର ଛକ ଠାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ମାନେ ଅଂଶଗ୍ରହଣ କରି ଝାଡୁ ଧରି ରାସ୍ତାର ଅଳିଆ ସଫା କରିଥିଲେ । ପରିଶେଷରେ କଲେଜ ଛକ ନିକଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ରହି ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ରାଜକୁମାରୀ କଲ୍ୟାଣୀ ଗଜପତି, ଯୁବନେତା ଇଂ. ରୂପେଶ କୁମାର ପାଣିଗ୍ରାହୀ , ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ , ମାରୁତ ପାଲ , ଲକ୍ଷ୍ମୀକାନ୍ତ ପରିଛା , ଜମିଦାର ପଟନାୟକ , ପାରଳା ପୌର ଅଧକ୍ଷା ନିର୍ମଳା ସେଠି, ପୌର ଉପାଧକ୍ଷ୍ୟ ଲେଙ୍କା ମଧୁ , ବରିଷ୍ଠ ନେତା ବସନ୍ତ ଦାସ, ପ୍ରଦୀପ କୁମାର ନାୟକ, ଯୁବ ବିଜେଡି ସଭାପତି ଏସ. ଲିଙ୍ଗାରାଜୁ , ପ୍ରନୋଜ ପଟନାୟକ ପ୍ରମୁଖଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ । ସେହିପରି କାଶୀନଗର ଠାରେ ମଧ ମହାନ ଜନନାୟକ ତଥା ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ଗଜପତି ଜିଲ୍ଲା କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମପଂଚାୟତ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗଜପତି ଜିଲ୍ଲା ଏସଡ଼ିସି ଅଧକ୍ଷା ମରିୟମ ରଇତ, କାଶୀନଗର ବ୍ଲକ ଅଧକ୍ଷା ବାଲ୍ଲା ସାୟମ୍ମା, ଗୁମ୍ମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ଭାରତ ଭୂଷଣ ମହାନ୍ତି, କାଶୀନଗର ବ୍ଲକ ବିଜେଡ଼ି ସଭାପତି ଅଖିଳ ପାତ୍ର ପ୍ରମୁଖଙ୍କ ସମେତ ଜିଲ୍ଲା ବିଜେଡ଼ି ନେତୃବୃନ୍ଦ ଓ ବିଜୁ ଜନତା ଦଳର ତଥା ବିଜୁ ପ୍ରେମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଫାର୍ମାସିଷ୍ଟଙ୍କ ତରଫରୁ ଡ୍ରଗ୍ ଇନ୍ସପେକ୍ଟରଙ୍କୁ ଦାବିପତ୍ର

ଜୟପୁର, (ହି.ସ.)- ଭେଶଜ ନିରୀକ୍ଷକ କାର୍ଯ୍ୟାଳୟ କୋରାପୁଟ ରେଞ୍ଜ ଡ୍ରଗ ଇନ୍ସପେକ୍ଟର ଜୟପୁରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଓଡିଶା ପଞ୍ଜିକୃତ ଫାର୍ମାସିଷ୍ଟ ମହାସଂଘର ୬୫ ହଜାର ଫାର୍ମାସିଷ୍ଟ ଏବଂ ଫାର୍ମାସୀ ଛାତ୍ର ଛାତ୍ରୀଙ୍କ ୧୨ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି ।

ଓଡିଶାରେ ଫାର୍ମାସିଷ୍ଟ ପୋଷ୍ଟକୁ ଗୋଟିଏ କ୍ୟାଡର କରି ଓଡିଶାରେ ୩୦ ହଜାର ନୂତନ ଫାର୍ମସିଷ୍ଟ ପଦବୀ ସୃଷ୍ଟି କରାଯାଉ, ଓଡିଶାରେ ଫାର୍ମା ଉଦ୍ୟୋଗ ନିୟମକୁ ସରଳ କରାଯାଉ, ଫାମାସିଷ୍ଟ ମାନଙ୍କ ଛଡା ଅନ୍ୟ କୌଣସି ଅଣ ଫାର୍ମା ଲୋକଙ୍କୁ ଔଷଧ ରକ୍ଷଣା ବେକ୍ଷଣ ଏବଂ ବିତରଣ ଦାୟିତ୍ୱ ଦିଆନଯାଉ, ସମସ୍ତ ପଞ୍ଜିକୃତ ଫାର୍ମାସିଷ୍ଟ ମାନଙ୍କ ପାଇଁ ଏବଂ ସେ ମାନଙ୍କ ପରିବାର ବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ, ସମସ୍ତ ଫାର୍ମାସିଷ୍ଟ ଙ୍କୁ ଏବଂ ସେ ମାନଙ୍କ ପରିବାରକୁ ବିଏସକେଓାଇ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଉ, ପଞ୍ଜିକୃତ ଫାର୍ମାସିଷ୍ଟ ମାନଙ୍କ ପାଇ ୫୦ଲକ୍ଷ ଟଙ୍କାର ଜୀବନ ବୀମା ଲାଗୁ କରାଯାଉ ଆଦି ଦାବି ରହିଛି ।

# ରାମ ନାରାୟଣ ଦାଶ ହେଲେ 'ଗୋଲଡେନ୍ ଆୱାର ହିରୋ'




ବଲାଙ୍ଗୀର,(ପିପିଏସ୍): ଓଡିଶା ସରକାରଙ୍କ ତରଫରୁ ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପ ଠାରେ ସଡକ ସୁରକ୍ଷା ସଂପର୍କିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ରେଡକ୍ରସ କର୍ମୀ, ରାଜ୍ୟସ୍ତରୀୟ ରକ୍ଷକ ମାଷ୍ଟର ଟ୍ରେନର ତଥା ସଇନ୍ତଳା ବ୍ଲକ ଅନ୍ତର୍ଗତ ଡେଙ୍ଗ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ରାଜ୍ୟ ପୁରସ୍କାରପ୍ରାପ୍ତ ସମାଜସେବୀ ଶିକ୍ଷକ ରାମ ନାରାୟଣ ଦାଶଙ୍କୁ ଗୋଲଡେନ ଆୱାର ହିରୋ ଭାବରେ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁଲତା ଦେଓ, କମିଶନର ପୋଲିସ ଆୟୁକ୍ତ (ଆଇପିଏସ) ଡ. ସୌମେନ୍ଦ୍ର ପ୍ରୀୟଦର୍ଶିନୀ, ଆଇପିଏସ୍ ସଂଜୀବ ପାଟଯୋଶୀ, ଆଇଏଏସ୍ ପାର୍ଥସାରଥି ମିଶ୍ର, ରାଜ୍ୟ ପରିବହନ ଯୁଗ୍ମ କମିଶନର ଆଇପିଏସ୍ ସଂଜୀବ କୁମାର ବିଶ୍ୱାଳ, କଳିଙ୍ଗ ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ଡ. ନୀଲାଞ୍ଜନ ମୁଖାର୍ଜି, ଆପୋଲୋ ହସ୍ପିଟାଲର ଚିଫ୍ ଏକ୍‌ଜ୍ୟୁକିଟିଭ ଅଫିସର ଡ. ଆଲୋକ ଶ୍ରୀବାସ୍ତବ, ଶୁଶ୍ରୁତ ହସ୍ପିଟାଲର ଡ. ଅକ୍ଷୟ କୁମାର ରାଉତ, କଳିଙ୍ଗ ଗୌରବ ଟ୍ରଷ୍ଟର ପ୍ରୟୋଜକ କେ. ତମନ୍ନା , ସଂପାଦିକା ଚିଦାତ୍ମିକା ଖଟୁଆ, ପ୍ରାକ୍ତନ ଓଡିଶା ରାଜ୍ୟ ରେଡକ୍ରସ ସୋସାଇଟିର ସଂପାଦିକା ମେଜର ଡ. କଳ୍ପନା ଦାଶ, ଓଲିଓଡ୍ ଅଭିନେତା ତଥା ପୂର୍ବତନ ଲୋକସଭା ସାଂସଦ ସିଦ୍ଧାନ୍ତ ମହାପାତ୍ର, ଅକ୍ଷୟ ଦାଶ ନାୟକ, ଶ୍ରାବଣୀ ପ୍ରମୁଖ ଉପସ୍ଥିତ ରହି ସଡକ ଦୁର୍ଘଟଣାରେ ଆହତ ବ୍ୟକ୍ତିବିଶେଷଙ୍କ ଅମୂଲ୍ୟ ଜୀବନ ବଂଚାଇବା ଦିଗରେ ମହାନ କାର୍ଯ୍ୟ ସଂପାଦନ କରିଥିବାରୁ ରାମ ନାରାୟଣ ଦାଶଙ୍କୁ ଗୋଲଡେନ ଆୱାର ହିରୋ ଭାବରେ ପୁରସ୍କୃତ କରି ପ୍ରମାଣପତ୍ର ସହ ଉପଢୌକନ ପ୍ରଦାନ କରିଥିଲେ । ଓଡିଶା ସରକାରଙ୍କ ତରଫରୁ ଆସନ୍ତା ଏକ ବର୍ଷ ପାଇଁ ରାମ ନାରାୟଣ ଦାଶ ସମଗ୍ର ରାଜ୍ୟର ୩୦ଟି ଜିଲ୍ଲାର ବିଭିନ୍ନ ଅଂଚଳରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ହାରକୁ ଜାତୀୟ ସ୍ତରଠାରୁ ରାଜ୍ୟର ଦୁର୍ଘଟଣା ମୃତ୍ୟହାର କମ୍ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ସେଥିପାଇଁ ଓଡିଶା ରାଜ୍ୟ ସରକାର ବିଭିନ୍ନ ଲଜିଷ୍ଟିକ ତଥା ଆର୍ଥିକ ସହଯୋଗ ପ୍ରଦାନ କରିବାକୁ ଯୋଜନା କରିଛନ୍ତି । ପ୍ରକାଶଥାଉକି, ଶ୍ରୀଦାଶ ପୂର୍ବରୁ ଓଡିଶା ସରକାରଙ୍କ ଠାରୁ ଏକମାତ୍ର ବ୍ୟକ୍ତି ଯିଏକି ରାଜ୍ୟ ସମାଜ ସେବୀ ଭାବରେ ପୁରସ୍କୃତ ହୋଇଥିଲେ ।

## ଗୌଡ଼ ଅଧିକାର ସମାବେଶ

ଜୟପୁର, (ହି.ସ.) - ଜୟପୁର ଦଶହରା ପଡ଼ିଆରେ ଗୌଡ଼ ଅଧିକାର ସମାବେଶ ଅନୁଷ୍ଠିତ ହେଉଛି, ପ୍ରଥମେ ଶୋଭାଯାତ୍ରା ପାୱାର ହାଉସ ଛକ ଠାରୁ ଆରମ୍ଭ ହୋଇ ସର୍ଦାର ବଲ୍ଲଭ ଭାଇ ପଟେଲ ମାର୍ଗ ଦେଇ ଟ୍ରାଫିକ ଛକ ଅତିକ୍ରାନ୍ତ ପରେ ଦଶହରା ପଡ଼ିଆରେ ପହଁଚିଥିଲା । ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଉଛନ୍ତି ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ । ଅନ୍ୟମାନଙ୍କ ମଧ୍ୟରେ ସଭାପତି ମଦନ ମୋହନ ନାୟକ, ପରମେଶ୍ୱର ପତ୍ର, ରାଜେନ୍ଦ୍ର ଗୌଡ଼ ସହ ହଜାର ହଜାର ଯାଦବ ମାନେ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ଛାତ୍ରର ଉଚ୍ଚଶିକ୍ଷା ପାଇଁ ସଂଘର୍ଷର ଅନ୍ତ ହେଲା

ମାଲକାନଗିରି, (ହି. ସ.)-ଭିନ୍ନକ୍ଷମ ପ୍ରମାଣ ପତ୍ର ଥିବାରୁ ବିଦ୍ୟାଳୟରୁ ବିଦାକରିଦେଲେ ଶିକ୍ଷକ । ପାଠ ପଢିବା ପାଇଁ ଛାତ୍ର ଜଣଙ୍କ ଭିଡିଓ ମାଧ୍ୟମରେ ଆକୁଳ ନିବେଦନ କରୁଥିବାର ଭିଡିଓ ଏବେ ଭାଇରଲ ହୋଇଛି । ଗତ କିଛିଦିନ ହେଲା ବିଭିନ୍ନ ବିଦ୍ୟାଳୟ ଓ ହଷ୍ଟେଲ ଗୁଡିକ ନାମ ଲେଖା ଚାଲିଛି । ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନାସ୍ଥ ପପୁଲୁର ପଂଚାୟତ ନିକଟ କମଳାପୁର ଗ୍ରାମର କମ୍ବଳ ହନ୍ତାଳଙ୍କ ପୁଅ ରଘୁରାମ ହନ୍ତାଳ ୫ମ ଶ୍ରେଣୀ ପାସ୍ କଲା ପରେ ସ୍ୱାଭିମାନ ଅଞ୍ଚଳ ବଡ଼ପଡା ହାଇସ୍କୁଲ ହଷ୍ଟେଲରେ ରହିବା ପାଇଁ ନାମ ଲେଖାଇବାକୁ ଯାଇଥିଲେ । ସେ ଜଣେ ଭିନ୍ନକ୍ଷମ ଥିବାରୁ ପରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସଦର ମହକୁମା ରେ ଦିବ୍ୟାଙ୍ଗ ମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ କରାଯାଇଛି ସେଠାକୁ ଯାଅ କହି ଫେରାଇ ଦେଇଥିଲେ । ଏବେ କୌଣସି ବିଦ୍ୟାଳୟ ହଷ୍ଟେଲରେ ସିଟ ନପାଇ ଛାତ୍ର ଓ ତାଙ୍କ ପରିବାର ହଇରାଣ ହୋଇଥିବା ବେଳେ ଛାତ୍ର ଜଣଙ୍କ ମୁଁ ପାଠ ପଢିବି ବୋଲି ଏକ ଭିଡିଓ ମୋବାଇଲ ଫୋନରେ ଘୁରିବୁଲୁଥିବାର ଦେଖିବାକୁ ମିଳିଥିଲା । ପରେ ରଘୁରାମ ହନ୍ତାଳ ର ଉଚ୍ଚ ଶିକ୍ଷା ପାଇଁ ସଂଘର୍ଷର ଶେଷରେ ଅନ୍ତ ହେଲା । ତାକୁ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମାରିବେଡା ଆଶ୍ରମ ସ୍କୁଲରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଯାଇଛି । ଏହି ଅବସରରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଶାନ୍ତ ବାଉରୀ, ପ୍ରଧାନଶିକ୍ଷକ ଆଶୁତୋଷ ମହାନ୍ତି, ମୀନକେତନ ସମରଥ, ଭୀମ ଭାଇ, ଟିମ ଓ ହେଲ୍ପ ଫର୍ ନିଡ୍ ଫାଉଣ୍ଡେସନ ର ସଦସ୍ୟ ଏବଂ ରଘୁରାମ ଙ୍କ ପିତା ରଘୁନାଥ ଉପସ୍ଥିତ ଥିଲେ ।

# ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘ ବୈଠକ

ମାଲକାନଗିରି, (ହି.ସ.) - ମାଲକାନଗିରି ଜିଲ୍ଲା ସିନ୍ଧ୍ରିମାଳ ଠାରେ ଆଜି ମାଲକାନଗିରି ଜିଲ୍ଲା ସ୍ତରୀୟ ଗ୍ରାମପଂଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘ ପକ୍ଷରୁ ଏକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ଜିଲ୍ଲାର ପ୍ରତ୍ୟକ ପଂଚାୟତରୁ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଯୋଗ ଦେଇଥିଲେ । ସର୍ବମୋଟ କର୍ମଚାରୀ ସଂଖ୍ୟା ୧୨୯ ଥିବା ବେଳେ ପିଅନ ୯୭ ଜଣ, ରାତ୍ରି ଜଗୁଆଳି ୨୮ ଜଣ ଓ ସୁଇପର ୦୪ ଜଣ ରହିଛନ୍ତି । ଆଜି ଏହି ସମ୍ମିଳନୀରେ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ସଭାପତି ଅନେକ ଗୁଡ଼ିଏ ଦାବି ଉପସ୍ଥାପନ କରିବା ସହ ପଂଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ନିଜର ଦାୟିତ୍ୱ ସୁଚାର ରୂପେ ପାଳନ କରିବାକୁ କହିଥିଲେ । କିପରି କର୍ମଚାରୀମାନେ ନିଜର ଅଧିକାର ପାଇବେ ତାହାନେଇ ଆଲୋଚନା କରାଯାଇଥିଲା । ୪ର୍ଥ ଶ୍ରେଣୀ କର୍ମଚାରୀମନେ ସରକାରଙ୍କ ନିକଟରେ ୮ଟି ଦାବି ଉପସ୍ଥାପନ କରିଛନ୍ତି । ସ୍ଥାୟୀ ନିଯୁକ୍ତି ସହ ନିୟମିତ ଦରମା ପ୍ରଦାନ, ସମାନ କାମ କୁ ସମାନ ଦରମା, ରାଜ୍ୟ ବଜେଟରେ ଏହି କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଦେବା ଭଳି ଅନେକ ଗୁଡ଼ିଏ ଦାବି ରଖାଯାଇଥିଲା । ଆଗାମୀ ଦିନରେ ସରକାର ଏହି ଦାବି ଗୁଡ଼ିକ ପୁରାଣ ନକରନ୍ତି ତାହାଲେ ପଂଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀମାନେ ରାଜଧାନୀ ର ରାଜରାସ୍ତାରେ ଓହ୍ଲାଇବେ ବୋଲି ଚେତାବନି ଦେଇଛନ୍ତି ।

# ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ

ଝାରସୁଗୁଡ଼ା , (ହି.ସ)- ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀମାନେ କିଭଳି ସେମାନଙ୍କର କାର୍ଯ୍ୟ ସୁଚାରୁ ରୂପେ ତୁଲାଇବେ ସେଥି ପାଇଁ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏହି ପ୍ରଶିକ୍ଷିତ ମାଷ୍ଟର ଟ୍ରେନରମାନେ ପର୍ଯ୍ୟାୟ କ୍ରମେ ଅନ୍ୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବେ । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ରାଜ୍ୟ ଯୁଗ୍ମ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶିକା ଅନୁସାରେ ସମସ୍ତେ ସତର୍କତା ଅବଲମ୍ବନ ପୂର୍ବକ ଦାୟିତ୍ୱ ନିର୍ବାହ ପାଇଁ ପରାମର୍ଶ ଦିଆଯାଇଛି । ଇ ଭି ଏମ୍ ଓ ଭିଭିପାଟ ସୁରକ୍ଷିତ ଭାବରେ ଷ୍ଟ୍ରଙ୍ଗ ରୁମରେ ରଖିବା, ସିସି ଟିଭି ସଂଯୋଗ, ଭୋଟଗ୍ରହଣ ପାଇଁ ଆନୁସଙ୍ଗିକ ସାମଗ୍ରୀର ତାଲିକା ପ୍ରସ୍ତୁତି ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ଯଥା ସମୟରେ ହସ୍ତାନ୍ତର, ଭିଭିପାଟ ମେସିନ ସହ ବେଲଟ ୟୁନିଟ ଓ କଂଟ୍ରୋଲ ୟୁନିଟର ସଂଯୋଗ, ଭୋଟ ସାମଗ୍ରୀ ବିତରଣ କେନ୍ଦ୍ରରେ ସମସ୍ତ ବ୍ୟବସ୍ଥାର ମ୍ୟାପ୍ ପ୍ରଦର୍ଶନ , ମତଦାନ ଦିନ ଓ ପୂର୍ବରୁ ମତଦାନ ଗ୍ରହଣ କରାଯାଉଥିବା କକ୍ଷରେ ଆନୁସଙ୍ଗିକ ବ୍ୟବସ୍ଥା ଓ ଛାୟା ଭୋଟ(ମକ୍ ପୋଲ ) ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ପ୍ରିଜାଇଡିଂ ତଥା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୋଲିଂ ଅଧିକାରୀମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଯୋଗ ଦେଇ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀ ମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ତ୍ରୁଟିଶୂନ୍ୟ ଭାବରେ ନିଜ ନିଜ ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ପ୍ରତ୍ୟେକ ପୋଲିଂ ପାର୍ଟି ପାଇଁ ମେଡ଼ିସିନ କିଟ ସହ ଓଆରଏସ ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରମାନେ ମାଷ୍ଟର ଟ୍ରେନର ଭାବରେ ପ୍ରଶିକ୍ଷଣ ନେଇଥିଲେ । ଆଇନ ଉଲଂଘନକାରୀଙ୍କ ପ୍ରତି ଦଣ୍ଡବିଧାନର ବିଭିନ୍ନ ଧାରା ସମ୍ପର୍କରେ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ନିର୍ବାଚନ ପରିପ୍ରେକ୍ଷୀରେ କଣ କରାଯିବ ଓ କଣ କରାନଯିବ ସେ ସମ୍ପର୍କରେ ବିସ୍ତୃତ ଭାବରେ ପ୍ରଶିକ୍ଷିତ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ, ରିଟର୍ଣ୍ଣିଂ ଅଧିକାରୀ ତଥା ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସାଇଁ , ଡେପୁଟି କଲେକ୍ଟର ସୁଚିତା ପୁଷ୍ପା , ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳିତ

ଚମ୍ପୁଆ, (ହି.ସ.) :ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୬ତମ ତି୍ ରୋଧାନ ଦିବସ ଚମ୍ପୁଆ ଏନଏସି କାର୍ଯ୍ୟାଳୟ ପରିସରରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଳା , ଧୂପ, ଦୀପ ଦେଇ ଭକ୍ତି ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଏକ ରାଲି ବାହାରି ପ୍ରଥମେ ଚମ୍ପୁଆ ବସଷ୍ଟାଣ୍ଡ ଠାରେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ପରେ ଚମ୍ପୁଆ ଗାନ୍ଧୀ ଛକ ଠାରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା । ପରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଠାରେ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କୁ ଫଳ ବଂଟନ କରାଯାଇଥିଲା । ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

# ଗଛବୋଝେଇ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ : ଡ୍ରାଇଭରର ମୃତ୍ୟୁ



ଖପ୍ରାଖୋଲ,(ପିପିଏସ) ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ କର୍ଲାବାହାଲି ଗ୍ରାମରେ ବଳି ଗଛ ବୋଝେଇ ଟ୍ରାକ୍ଟର ଓଲଟିବାରୁ ଡ୍ରାଇଭରର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ କର୍ଲାବାହାଲି ଗାଁ ନିକଟସ୍ଥ ଗୌଚର ଜମିରୁ କର୍ଲା ଏବଂ ସେନା ଗଛର ବଳି ବୋଝେଇ ଗୋଟିଏ ନମ୍ବର ବିହୀନ ଟ୍ରାକ୍ଟର ବୟଲସାଗର ଗ୍ରାମର ନୀଳାମ୍ବର ସାହୁଙ୍କ ପାଖକୁ ଯାଉଥିଲା । ଅତ୍ୟନ୍ତ ଦ୍ରୁତ ଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ବୁଢ଼ୀବାହାଲ ଓ କର୍ଲାବାହାଲି ରାସ୍ତା ମଝିରେ ଓଲଟି ପଡିଥିଲା । ଟ୍ରାକ୍ଟର ତଳେ ଚାପି ହୋଇଯାଇଥିବାରୁ ଘଟଣାସ୍ଥଳରେ ହିଁ ଟ୍ରାକ୍ଟର ଡ୍ରାଇଭରର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣଙ୍କ ହେଉଛନ୍ତି ବୟଲସାଗର ଗ୍ରାମର କରୁଣାକର ଛତ୍ରିଆ (୩୬) ଏବଂ ଟ୍ରାକ୍ଟରଟି ତାଙ୍କ ନିଜର ବୋଲି ଜଣାପଡିଛି । ଖବର ପାଇ ଦୂର୍ଘଟଣା ସ୍ଥଳରେ ଖପ୍ରାଖୋଲ ପୋଲିସ ପହଞ୍ଚି ଶବ ସହ ଟ୍ରାକ୍ଟରକୁ ଜବତ କରିଥିବା ବେଳେ ଖପ୍ରାଖୋଲ ଅଗ୍ନିଶମ ବିଭାଗର ଗାଡ଼ିରେ ମୃତ ବ୍ୟକ୍ତିର ଶବ ଲଦା ହୋଇ ଖପ୍ରାଖୋଲ ଡାକ୍ତରଖାନାକୁ ଅଣାଯାଇଥିଲା । ପରେ ଜେସିବି ସାହାଯ୍ୟରେ ଟ୍ରାକ୍ଟର କୁ ଉଦ୍ଧାର କରାଯାଇଥିବା ଜଣାଯାଇଛି । ଏନେଇ ଖପ୍ରାଖୋଲ ଥାନା କକ କେସ ନଂ ୫୫/୨୦୨୩ ରେ ଗୋଟିଏ ମାମଲା ରଜୁ ହୋଇଥିବା ବେଳେ ମୃତ ବ୍ୟକ୍ତିର ଶବ କୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଖପ୍ରାଖୋଲ ଥାନା ଏଏସଆଇ ଗୋପାଲ କୃଷ୍ଣ କୁମୁରା ସୂଚନା ଦେଇଛନ୍ତି କ୍ଷ ଜଙ୍ଗଲ ଗୌଚର ଜମିରେ ଥିବା ଗଛକୁ ବେଆଇନ ଭାବେ କର୍ଲାବାହାଲି ଗ୍ରାମର ୱାର୍ଡ ସଭ୍ୟା ଶୁକ କୁମ୍ଭାର କିପରି ଭାବେ ବୟଲସାଗର ଗ୍ରାମର ନୀଳାମ୍ବର ସାହୁ କୁ ବିକ୍ରି କଲେ ତାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି କ୍ଷ ଘଟଣାର ଅଧିକ ତଦନ୍ତ ଜାରିରଖିଥିବା ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି ।

# ଅଘୋଷିତ ବିଦ୍ୟୁତ୍ କାଟ, ବଢୁଛି ଅସନ୍ତୋଷ

**ଭୁବନେଶ୍ୱର (ପିପିଏସ୍):** ଖୋଦ୍ ରାଜଧାନୀରେ ବି ବିଜୁଳି କାଟ। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳି କାଟ୍ ସମସ୍ୟା ଲୋକଙ୍କୁ ଅତିଷ୍ଠ କରୁଛି। ପ୍ରତିଦିନ ପାରଦ ୪୦ ଡିଗ୍ରୀ ଛୁଉଁଥିବାବେଳେ ଲୋକେ ଅତି ଆବଶ୍ୟକ ନଥିଲେ ପଦାକୁ ବାହାରିବାକୁ ଉଚିତ୍ ମଣୁନାହାନ୍ତି। ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁଁ ଲୋକେ ସନ୍ତୁଳି ହେଉଥିବା ବେଳେ ଅଘୋଷିତ ବିଜୁଳି କାଟ୍ ଏବେ ବୋଝ ଉପରେ ନଳିତା ବିଡ଼ା ସାଜିଛି। ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଘୋଷିତ ବିଜୁଳି କାଟ୍ ନେଇ ସାଧାରଣରେ ପୁଳାପୁଳା ଅଭିଯୋଗ ବାଢୁଛନ୍ତି। ସ୍ଥାନୀୟ ବିଦ୍ୟୁତ୍ ବିତରକ କମ୍ପାନୀ ପକ୍ଷରୁ ଜାରି କରାଯାଇଥିବା ହେଲ୍ପଲାଇନ୍ ନମ୍ବରରେ ଅଭିଯୋଗ କଲେ, ମେଣ୍ଟେନାନ୍ସ ତଥା ଅନ୍ୟ ବୈଷୟିକ କାରଣ ପାଇଁ ବିଜୁଳି କଟା ଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଉଛି। ବିନା ଘୋଷଣାରେ ଏକାଧିକବାର ବିଜୁଳି କାଟକୁ ନେଇ ସାଧାରଣ ଲୋକେ ନିଜର ଅସନ୍ତୋଷ ପ୍ରକାଶ କରିଥିବା ବେଳେ ତୁରନ୍ତ ଏନେଇ ସମାଧାନର ରାସ୍ତା ବାହାର କରିବାକୁ ଦାବି କରୁଛନ୍ତି। ଏପଟେ ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମଧ୍ୟ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ପାୱାର କଟ୍ ଆରମ୍ଭ ହୋଇନାହିଁ କିମ୍ବା ଏନେଇ ସମ୍ଭାବନା ମଧ୍ୟ ନାହିଁ। ରାଜ୍ୟରେ ପର୍ଯ୍ୟାପ୍ତ ମାତ୍ରାରେ ବିଦ୍ୟୁତ୍ ମହଜୁଦ୍ ରହିଛି। ଯାହା ରାଜ୍ୟର ଚାହିଦା ମେଣ୍ଟାଇବା ପାଇଁ ସମର୍ଥ। ତେବେ ରାଜ୍ୟରେ ପର୍ଯ୍ୟାପ୍ତ ବିଦ୍ୟୁତ୍ ମହଜୁଦ୍ ଥିବାବେଳେ କ'ଣ ପାଇଁ ଅଘୋଷିତ ବିଦ୍ୟୁତ୍ କାଟ ଜାରି ରହିଛି, ତାହାକୁ ନେଇ ଏବେ ବିଦ୍ୟୁତ୍ ଉପଭୋକ୍ତାଙ୍କ ମନରେ ପ୍ରଶ୍ନ। ବିତରକ କମ୍ପାନୀ ବିଦ୍ୟୁତ୍ ଭିତ୍ତିଭୂମି ସଜାଡ଼ିବାରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାର ତ୍ୱରିତ୍ ସଫଳତା କ'ଣ ପାଇଁ ଉପଭୋକ୍ତାଙ୍କୁ ମିଳୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବ୍ୟବସାୟୀଙ୍କ ଉପରେ ରାତିଅଧିଆ ଚଢ଼ଉ, ଜରିମାନା



**ଭୁବନେଶ୍ୱର (ପିପିଏସ୍):** ପରିମଳକୁ ନେଇ ବିଏମ୍ସି ତନାଘନା ଆରମ୍ଭ କରିଛି। ଗତକାଲିଠାରୁ ରାତିଅଧିଆ ଚଢ଼ଉ ଆରମ୍ଭ ହୋଇଛି। ରାତି ୯ରୁ ରାତି ୧୨ଟା ଯାଏଁ ଏଥର ୱାର୍ଡ ଅଫିସର ଓ ଏସ୍ଆଇମାନେ ଗଳି ଗଳି ବୁଲିବେ। ଆବର୍ଜନା କିଏ କେଉଁଠି ପକାଇଛି, ତାହା ଯାଞ୍ଚ କରିବେ। ଏହାକୁ ବିଏମ୍ସିକୁ ରିପୋର୍ଟ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଚଢ଼ଉରେ ୩ଜଣଙ୍କଠାରୁ ୧୦ ହଜାର ଜରିମାନା କରାଯାଇଛି। ଆବର୍ଜନା ଏଣେତେଣେ ନ ଫିଙ୍ଗିବା ପାଇଁ ବିଏମ୍ ?ସି ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ରାତିଅଧରେ ଏଭଳି ଡ୍ୟୁଟିକୁ ନେଇ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ସାରା ଦିନ ବିଭିନ୍ନ କାମ କରିବା ପରେ ପୁଣି ରାତି ୧୨ଟା ଯାଏ କାମ କରିବାକୁ ନେଇ କର୍ମଚାରୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦିନରେ ହୋଲ୍ଡିଂ ଟ୍ୟାକ୍ସ ସମେତ ବିଭିନ୍ନ ରାଜସ୍ୱ ଆଦାୟ ଓ ଅନ୍ୟାନ୍ୟ କାର୍ଯ୍ୟ ରହୁଥିବାରୁ ପୁଣି ରାତି ୯ରୁ ଫିଲ୍ଡରେ ବୁଲିବାକୁ ସେମାନେ ବିରୋଧ କରିଛନ୍ତି। ରାତିରେ ବୁଲିବା ମଧ୍ୟ ବିପଜ୍ଜନକ। କୌଣସି ଅଘଟଣ ଘଟିଲେ କିଏ ଦାୟୀ ରହିବ କେଉଁ ପରିସ୍ଥିତିରେ ଅଧିକାରୀମାନେ ଏଭଳି ନିଷ୍ପତ୍ତି ନେଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

# ରାସ୍ତା ଉପରେ ପ୍ରେମିକଙ୍କୁ ପିଟିଲେ ପ୍ରେମିକା

**ଭୁବନେଶ୍ୱର (ପିପିଏସ୍):** ପ୍ରେମୀଯୁଗଳଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଜଣେ ପ୍ରେମିକା ତାଙ୍କ ପ୍ରେମିକଙ୍କୁ ପିଟିଥିବା ଭଳି ଘଟଣା ଚନ୍ଦ୍ରଶେଖର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ରାତି ପ୍ରାୟ ୮ଟା ୧୦ ବେଳକୁ ରେଳ କଲୋନି ନିକଟ ୨୦୦ ଫୁଟିଆ ରାସ୍ତାପାର୍ଶ୍ୱରେ ହଠାତ୍ ଜଣେ ଯୁବତୀଙ୍କ ଚିତ୍କାର ଶୁଣାଯାଇଥିଲା। ନିକଟରେ ଥିବା ଜଣେ ଯୁବକଙ୍କୁ ସମ୍ପୃକ୍ତ ଯୁବତୀ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଠୋ-ଠୋ ଚାପୁଡ଼ା କଷି ଚାଲିଥିଲା। ରାସ୍ତା ଉପରେ ଯୁବକ/ଯୁବତୀଙ୍କ ଏଭଳି କାଣ୍ଡ ଦେଖି ପ୍ରଥମେ କେହି କିଛି ବୁଝିପାରି ନ ଥିଲେ। ରାସ୍ତାରେ ଯାଉଥିବା କେତେଜଣ ଗାଡ଼ିଚାଳକ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଯୁବତୀଜଣଙ୍କ ଆଦୌ ଥୟ ଧରି ନଥିଲେ, ବରଂ ଅଧିକ ଉଗ୍ର ହୋଇ ଉଠିଥିଲେ। ଅଟକାଇବାକୁ ଆସୁଥିବା ପଥଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଯୁବତୀଙ୍କ ଏଭଳି ଆଚରଣ ଦେଖି ଅଧିକାଂଶ ଛତ୍ରଭଙ୍ଗ ଦେଇ ନିଜ ବାଟରେ ଚାଲି ଯାଇଥିଲେ। ତେବେ କିଛି ଲୋକ ପୁଲିସକୁ ଫୋନ୍ କରିବାକୁ ଧମକ ଦେବାରୁ ଯୁବତୀଜଣଙ୍କ ସେ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। ତାଙ୍କ ପଛେ ପଛେ ଯୁବକଜଣଙ୍କ ବି କାନମୁଣ୍ଡା ଆଉଁସି ଆଉଁସି ଉତ୍କଳ ହସ୍ପିଟାଲ ଆଡ଼କୁ ଗାଡ଼ି ନେଇ ପଳାଇଥିଲେ।

# 'ମହାରାଜା'ରୁ ହଟିଲା 'ଡେଲିଭରି ବୟ'




**ଭୁବନେଶ୍ୱର (ପିପିଏସ୍):** ଏକ ବିବାଦୀୟ ପରିସ୍ଥିତିରେ ମହାରାଜା ସିନେମା ହଲ୍‌ରୁ ଚଳଚ୍ଚିତ୍ର 'ଡେଲିଭରି ବୟ' ଉଠିଯାଇଛି। ହଲ୍‌କୁ ନେଇ ପ୍ରଯୋଜକ ଜ୍ୟୋତିରଂଜନ ମହାନ୍ତିଙ୍କ ବିବାଦୀୟ ମନ୍ତବ୍ୟର ଫଳସ୍ୱରୂପ ହଲ୍ ମାଲିକ ଚଳଚ୍ଚିତ୍ରକୁ ହଟାଇ ଦେଇଛନ୍ତି। ଭଲ ପ୍ରଦର୍ଶନ ଓ ଦର୍ଶକଙ୍କ ଆଦର ପାଇବା ସତ୍ତ୍ୱେ ଚଳଚ୍ଚିତ୍ରକୁ କାହିଁକି ହଲ୍‌ରୁ ହଟାଗଲା ବୋଲି ପ୍ରଯୋଜକ ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ମହାରାଜା ହଲ୍ ସମ୍ପର୍କରେ ଏକ ମନ୍ତବ୍ୟ ଦେଇ ପ୍ରଯୋଜକ ଶ୍ରୀ ମହାନ୍ତି କହିଥିଲେ ଯେ ଏହି ହଲ ହେଉଛି ଦିବ୍ୟାଙ୍ଗ ହଲ୍, ଯେଉଁଠି ସିନେମା ଚାଲିବା ପାଇଁ ଭିତ୍ତିଭୂମି ନାହିଁ। ଏଠାରେ ଦିବ୍ୟାଙ୍ଗ ଦର୍ଶକଙ୍କ ପାଇଁ କୌଣସି ସୁବିଧା ନାହିଁ। ଏଣୁ ଏଭଳି ଦିବ୍ୟାଙ୍ଗ ହଲ୍‌ରେ ମୁଁ ମୋ ଚଳଚ୍ଚିତ୍ର ପକାଇବାକୁ ଚାହୁଁ ନାହିଁ। ୭ ଦିନ ପରେ ମୋ ଚଳଚ୍ଚିତ୍ର ମୁଁ ଏହି ହଲ୍‌ରୁ ଉଠାଇଦେବି। ଏ ସମ୍ପର୍କରେ ହଲ୍ ମାଲିକ ଲିଙ୍ଗରାଜ ପଣ୍ଡା କହିଛନ୍ତି, ମହାରାଜା ହଲ୍‌କୁ 'ଦିବ୍ୟାଙ୍ଗ ହଲ୍' କୁହାଯିବା ଆମକୁ ଭାରି ବାଧିଛି। ତାଙ୍କ ସହ ଆମର ୭ ଦିନର ଚୁକ୍ତି ହୋଇଥିଲା। ଆଉ ୩ ଦିନ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶନ କରି ଆମେ ଏହାକୁ ହଲ୍‌ରୁ ଉଠାଇ ଦେଇଛୁ। ସେ ଯଦି ଆମ ହଲ୍‌ରେ ସିନେମା ପକାଇବାକୁ ଚାହୁଁନାହାନ୍ତି, ତା ହେଲେ ଆମେ କାହିଁକି ପକାଇବୁ ବୋଲି ସେ ପ୍ରଶ୍ନ କରିଛନ୍ତି।

# ପଦ୍ମଶ୍ରୀ ଆନନ୍ଦକୁମାରଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର (ପିପିଏସ୍):** ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଖ୍ୟାତିସମ୍ପନ୍ନ ଗଣିତଜ୍ଞ ପଦ୍ମଶ୍ରୀ ଆନନ୍ଦ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଆ ନବବର୍ଷ ଅବସରରେ ସ୍କୁଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ରିଙ୍କୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଆଦ୍ୟାନ୍ତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ୍ ଅଜୟ ବାହାଦୂର୍ ସିଂ ପଦ୍ମଶ୍ରୀ ଆନନ୍ଦ କୁମାରଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶ୍ରୀ ସିଂ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରେରଣା ଏବଂ ପରାମର୍ଶଦାତା ପଦ୍ମଶ୍ରୀ ଆନନ୍ଦ କୁମାର ତାଙ୍କର ସଂଘର୍ଷ, ସାଧନା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ସମ୍ବର୍ଦ୍ଧନାର ଉତ୍ସବରେ ପଦ୍ମଶ୍ରୀ ଆନନ୍ଦ କୁମାର ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଦୃଢ଼ ପ୍ରତିଜ୍ଞା, ଅଟଳ ବିଶ୍ୱାସ ଏବଂ ପରିଶ୍ରମ ମାଧ୍ୟମରେ ସଫଳତାର ଶୀର୍ଷକୁ ପହଞ୍ଚିପାରିବେ ବୋଲି ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ଇତିହାସ ଏବଂ ତାଙ୍କ ନିଜ ଜୀବନର ବିଭିନ୍ନ ଘଟଣାର ସ୍ମୃତି ରୋମନ୍ଥନ କରି ସେ ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ନିଜେ ଆସି 'ଆଦ୍ୟାନ୍ତ'ରେ ଶିକ୍ଷାଦାନ ଦେବେ ବୋଲି ପ୍ରତିଶ୍ରୁତି ଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ।

# ବିରୋଧ ସତ୍ତ୍ୱେ ଜବରଦଖଲ ଉଚ୍ଛେଦ, ହଟିଲାନି ମଦ ଦୋକାନ



**ଭୁବନେଶ୍ୱର (ପିପିଏସ୍):** ପ୍ରବଳ ବିରୋଧ ସତ୍ତ୍ୱେ ଜବରଦଖଲ ଉଚ୍ଛେଦ କରିଛି ବିଡିଏ। ମାତ୍ର ମଦ ଦୋକାନକୁ ହଟାଇ ପାରିନାହିଁ। ବିଡିଏ ପକ୍ଷରୁ ଦୁଇଟି ସ୍ଥାନରେ ଉଚ୍ଛେଦ ହୋଇଥିଲା। ପ୍ରଥମଟି ବିଡିଏ ନିକୋ ପାର୍କ କଡ଼ ଓ ଦ୍ୱିତୀୟଟି ଖାରବେଳ ନଗର ମୌଜାରେ ହୋଇଛି। ବିଡିଏ ନିକୋ ପାର୍କରୁ ଡ୍ରେନ୍ ନଂ ୧୦ ଓ ଲେକ୍ ଜୋନ୍-୧ରୁ ଜବରଦଖଲ ଉଚ୍ଛେଦ ହୋଇଛି। ଏଠାରେ ୬ଟି ଛାତଘର, ୨ଟି ଶୌଚାଳୟ ସହିତ ୩୦ ଫୁଟ ଲମ୍ବର ପାଚେରି ଭଙ୍ଗା ଯାଇଛି। ତେବେ ନିକୋ ପାର୍କ ଭିତରେ ଜବରଦଖଲରେ ଏକ ମଦ ଦୋକାନ ହୋଇଛି। ହେଲେ ବିଡିଏର ଟିମ୍ ପ୍ରାଇଭ୍ ଏହାକୁ ଉଚ୍ଛେଦ କରିପାରି ନାହିଁ। ଯେଉଁଥିପାଇଁ ସମ୍ପୃକ୍ତ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଛି। ସାଧାରଣ ଲୋକଙ୍କୁ ନାଲି ଆଖି ଦେଖାଇ ବିଡିଏ ଘର ଭାଙ୍ଗି ଦେଉଥିବା ବେଳେ ବଡ଼ ବଡ଼ିଆଙ୍କ ଜବରଦଖଲରେ ହାତମାରି ପାରୁନାହିଁ। ବିଏମ୍ସି ଓ ବିଡିଏର ଅଧିକାରୀମାନଙ୍କୁ ପ୍ରଲୋଭିତ କରି ବହୁ ଦିନ ଧରି ଏହି ମଦ ଦୋକାନ ଚାଲିଥିବା ଅଭିଯୋଗ ହୋଇଛି। ଏହି ଜବରଦଖଲ ଉଚ୍ଛେଦ ହେଉନଥିବାରୁ ବିଏମ୍ସି ଏଠାରେ ପାଚେରି କରିପାରୁ ନାହିଁ। ପ୍ରାୟ ୭୧ ଲକ୍ଷ ଟଙ୍କା ବ୍ୟୟରେ ବିଏମ୍ସି ଏଠାରେ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ପାଚେରି କରିବାକୁ ଟେଣ୍ଡର କରିଥିଲେ ମଧ୍ୟ କାମ ଆରମ୍ଭ ହୋଇପାରୁ ନାହିଁ। କିଏ ଏହି ମଦ ଦୋକାନକୁ ସୁରକ୍ଷା ଦେଉଛି ବିଡିଏର ଜାଗା ହୋଇଥିବାରୁ ଯେତିକି ଜାଗା ଚିହ୍ନଟ ହେବ ସେତିକି ଜାଗାରେ ବିଏମ୍ସି ପାଚେରି କରି ଦେବାକୁ ବସିଛି। ମଦ ଦୋକନ ନ ଭାଙ୍ଗି ପାଚେରି କରି ଦେବାକୁ ଭିତିରିଆ ଯୋଜନା ହୋଇଥିବା ଜଣାପଡ଼ିଛି। ଖାରବେଳ ନଗର ମୌଜାର ପ୍ଲଟ୍ ନଂ ଏସସିଆର -୫୩ ପଛରେ ଥିବା ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବା ସହ ଘର ଭାଙ୍ଗିବା ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ନୟାନ୍ତ ହେବାକୁ ପଡ଼ିଥିଲା। ପୂର୍ବରୁ ଖବର ପାଇ ସେଠାରେ ୨୦ରୁ ଊର୍ଦ୍ଧ୍ୱ ମହିଳା ଜଗି ରହିଥିଲେ। ଉଚ୍ଛେଦ ପାଇଁ ଟିମ୍ ପହଞ୍ଚିବା ପରେ ମହିଳାମାନେ ଜେସିବି ଉପରେ ବସି ଯିବାରୁ ସେମାନଙ୍କୁ ହଟାଇବା କାଠିକର ପାଠ ହୋଇଥିଲା। ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ତେବେ ମହିଳା ପୁଲିସ୍ ଓ ଟିମ୍ ପ୍ରାଇଭ୍‌ରେ ଥିବା ମହିଳା କର୍ମଚାରୀ ସମ୍ପୃକ୍ତ ମହିଳାମାନଙ୍କୁ କାବୁ କରି ନେଇଥିଲେ। ପରେ ଜେସିବି ସମ୍ପୃକ୍ତ ଘରକୁ ମାଟିରେ ମିଶାଇ ଦେଇଥିଲା। ଘର ଭିତରେ ଥିବା ସିଲାଇ ମେସିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇ ଯାଇଥିବାରୁ ସେମାନେ କ୍ଷତିପୂରଣ ଦାବି କରିବା ସହ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶ୍ୱେତ କୁମାର ଦାସଙ୍କୁ ଘେରି ଯାଇଥିଲେ। ତେବେ ସେମାନଙ୍କୁ ବୁଝାସୁଝା ପରି ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏଥିରେ ଦୁଇଟି ଆଜବେଷ୍ଟସ୍ ଘର ସମେତ ୩୦ ଫୁଟର ପାଚେରି ଭଙ୍ଗାଯାଇଥିଲା। ପ୍ରାୟ ୧ ହଜାର ବର୍ଗଫୁଟ ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇଛି। ଏହି ସରକାରୀ ଜାଗାରେ ଏକ ମହିଳା ସମିତି ଘର ତିଆରି ହୋଇଥିଲା। ବିଧାୟକ ପାଣ୍ଠିରୁ ଏହା ନିର୍ମାଣ ହୋଇଥିବା ଏକ ବୋର୍ଡ ରହିଥିଲା। ତେବେ ଏହି ଜବରଦଖଲ ପଛରେ ଜଣେ ନେତ୍ରୀଙ୍କ ହାତ ଥିବା ନେଇ ଚର୍ଚ୍ଚା ହୋଇଥିଲା। ସକାଳେ ଏହି ଉଚ୍ଛେଦ ହେବାକୁ ଯୋଜନା ହୋଇଥିଲେ ମଧ୍ୟ ନେତ୍ରୀଙ୍କ ପ୍ରବଳ ଚାପ ଯୋଗୁଁ ଟିମ୍ ଫେରି ଆସିଥିଲା। ହେଲେ ଅପରାହ୍ନରେ ପୁଣି ଥରେ ଉଚ୍ଛେଦ ଯୋଜନା ହୋଇଥିଲା। ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ୱେତ କୁମାର ଦାସଙ୍କ ସହ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏର ସହକାରୀ ନିର୍ଦ୍ଦେଶକ ଅମିୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୋବାଇଲ୍ ଚୋରି, ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ମୋବାଇଲ୍ ଚୋରି କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଧଉଳି ଥାନା ପୁଲିସ। ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଜଣେ ମହିଳାଙ୍କ ଲିଙ୍ଗିପୁର ଛକରେ ଏକ ଦୋକାନ ଅଛି। ଘଟଣା ଦିନ ଅଭିଯୁକ୍ତ ଜଣକ ଆରିପାତ କିଣିବା ନିମନ୍ତେ ତାଙ୍କ ଦୋକାନକୁ ଯାଇଥିଲେ। ସେଠାରୁ ଆରିପାତ କିଣି ଘରକୁ ଫେରିବା ସମୟରେ ଦୋକାନରେ ରଖାଯାଇଥିବା ଦୋକାନୀଙ୍କ ଏକ ମୋବାଇଲ ଫୋନକୁ ଚୋରିକରି ନେଇଆସିଥିଲେ। ଅଭିଯୋଗ ପରେ ଧଉଳି ଥାନା ପୁଲିସ ମାମଲାର ତଦନ୍ତ କରି ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ଦୁଇଟି ଆରିପାତ ଏବଂ ଅଭିଯୋଗକାରିଣୀଙ୍କ ମୋବାଇଲ ଫୋନକୁ ଉଦ୍ଧାର କରାଯାଇଛି। ପଚରାଉଚରା ସମୟରେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରିରହିଛି।

# ପ୍ରତିଶ୍ରୁତି ପତ୍ରିକାର ପଞ୍ଚମ ସଂସ୍କରଣ ଉନ୍ମୋଚିତ

**ଭୁବନେଶ୍ୱର (ପିପିଏସ୍):** ପ୍ରତିଶ୍ରୁତି ପତ୍ରିକାର ପଞ୍ଚମ ସଂସ୍କରଣ ରେଡକ୍ରସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସଂସ୍କରଣକୁ ଉନ୍ମୋଚିତ କରିଥିଲେ। କବି ଓ ଅଧ୍ୟାପିକା ଇପ୍ସିତା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଅତିଥିମାନେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତରେ ଆଗାମୀ ସାହିତ୍ୟର ରୂପରେଖ ବିଷୟରେ ଆଲୋକପାତ କରିଥିଲେ। ଏଥିରେ କବି ପ୍ରଭାସିନୀ ମହାକୁଡ଼, କବି ରାଜ କିଶୋର ଦାସ, କବି ସ୍ୱପ୍ନା ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଉପରେ ଆଲୋଚନା କରିଥିଲେ। ଏହାପରେ କମିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ କବି କୃଷ୍ଣଚନ୍ଦ୍ର ମହଲା ସଭାପତିତ୍ୱ କରିଥିବା ବେଳେ ପଣ୍ଡିତ ରମାକାନ୍ତ ମିଶ୍ର, କବିହରେକୃଷ୍ଣ ଦାସ, ବ୍ୟଙ୍ଗ କବି ଆବାଗିଆ ମଲ୍ଲିକ, କବୟିତ୍ରୀ ବିନ୍ଦୁ ନିବେଦିତା ପ୍ରମୁଖ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ନିରୁପମା କର ଓ ଜୟଶ୍ରୀ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ପତ୍ରିକାର ପ୍ରତିଷ୍ଠାତା ସ୍ମୃତି ରଞ୍ଜନ ତ୍ରିପାଠୀ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଶେଷରେ ଜଗନ ପାଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ମହର୍ଷି କଲେଜରେ ଅଣଛାତ୍ରଙ୍କ ଗଣ୍ଡଗୋଳ, ୩ ଛାତ୍ର ଆହତ






**ଭୁବନେଶ୍ୱର (ପିପିଏସ୍):** ମହର୍ଷି କଲେଜରେ ତୁମୂଳକାଣ୍ଡ। ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ୍ ହୋଇଛି। କଲେଜ କ୍ୟାମ୍ପସରୁ ଛାତ୍ରଙ୍କୁ ଘୋଷାରି ନେଇ ପିଟିଛନ୍ତି ଅଣଛାତ୍ର। ଅଣଛାତ୍ରଙ୍କ ଆକ୍ରମଣରେ ଯୁକ୍ତଦୁଇ ପ୍ରଥମ ବର୍ଷର ୩ଜଣ ଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ କଲେଜ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ଘଟଣାସ୍ଥଳରେ ସହିଦନଗର ଥାନା ପୁଲିସ ପହଞ୍ଚି ଛାତ୍ରଙ୍କୁ ବୁଝାସୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମାତ୍ର କଲେଜ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରି ନ ଥିବା ସହିଦ ନଗର ଥାନା ଅଧିକାରୀ ମନୋଜ କୁମାର ଶତପଥୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଦୁଇଦିନ ତଳେ କିଛି ଅଣଛାତ୍ର ମହର୍ଷି କଲେଜ କ୍ୟାମ୍ପସରେ ପଶି କିଛି ଛାତ୍ରୀଙ୍କୁ କମେଣ୍ଟ ମାରିଥିଲେ। ସେଠାରେ ଉପସ୍ଥିତ ଥିବା କିଛି ଛାତ୍ର ଏହାକୁ ବିରୋଧ କରିଥିଲେ। ପରେ ଅଣଛାତ୍ରଙ୍କୁ ଧରି କଲେଜ ଅଧ୍ୟକ୍ଷଙ୍କ ନିକଟକୁ ନେଇଥିଲେ। ଏନେଇ କଲେଜ ଅଧ୍ୟକ୍ଷ ପୁଲିସ୍ ଓ ଅଣଛାତ୍ରଙ୍କ ଅଭିଭାବକଙ୍କୁ ଖବର ଦେଇଥିଲେ। ଭବିଷ୍ୟତରେ ଆଉ ଏପରି ଗଣ୍ଡଗୋଳ କରିବେ ନାହିଁ ବୋଲି ସେମାନେ ପୁଲିସ୍ ଉପସ୍ଥିତିରେ ଅଣ୍ଡରଟେକିଂ ଦେଇଥିଲେ। ହେଲେ ଏହି ଶତ୍ରୁତା ଆଜି ବଡ଼ଧରଣ ଗଣ୍ଡଗୋଳ ରୂପ ନେଇଥିଲା। ଉକ୍ତ ରାଗ ଶୁଝାଇବା ଲାଗି ଆଜି ପୂର୍ବାହ୍ନରେ ୧୦ ରୁ ଊର୍ଦ୍ଧ୍ୱ ଯୁବକ କଲେଜ କ୍ୟାମ୍ପସକୁ ଆସିଥିଲେ। ସେମାନେ ହାତରେ ବ୍ୟାଟ, ଲୁହାଛଡ଼, ହକି ଷ୍ଟିକ ଧରି କଲେଜ କ୍ୟାମ୍ପସରେ ପଶିଥିଲେ। ପରେ କଲେଜ ଭିତରୁ ୩ ଛାତ୍ରଙ୍କୁ ବାହାରକୁ ଟାଣି ଆଣି ପ୍ରବଳ ପିଟିଥିଲେ। ଏହାଦେଖି କଲେଜ ସୁରକ୍ଷାକର୍ମୀଙ୍କ ସମେତ ଅନ୍ୟ ଛାତ୍ରମାନେ ଘଟଣାସ୍ଥଳକୁ ଦୌଡ଼ି ଯିବାରୁ ସେମାନେ ଫେରାର୍ ହୋଇ ଯାଇଥିଲେ। ସମସ୍ତଙ୍କ ଉପସ୍ଥିତିରେ କଲେଜର ସୁରକ୍ଷା ବଳୟକୁ ଭେଦ କରି କ୍ୟାମ୍ପସ୍ ଭିତରୁ ଛାତ୍ରଙ୍କୁ ବାହାରକୁ ଟାଣି ଆଣି ପିଟିଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଉ ଆକ୍ରମଣ କରିଥିବା ୧୦ରୁ ଊର୍ଦ୍ଧ୍ୱ ଅଣଛାତ୍ର ଝାରପଡା ଅଞ୍ଚଳର ହୋଇଥିବା ସୂଚନା ମିଳିଛି। ପୁଲିସ ନିଜ ଆଡୁ ମାମଲା ରୁଜୁକରି ତଦନ୍ତ କରୁଛି। ସେପଟେ ଗତ ଶୁକ୍ରବାର ସମାନ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ କଲେଜ କର୍ତ୍ତୃପକ୍ଷ ପୁଲିସକୁ ଜଣାଇଥିଲେ। ଆଉ ପୁଲିସ୍ ଉପସ୍ଥିତିରେ ଘଟଣାର ସମାଧାନ ହୋଇଥିଲା। ଏବେ ପୁଣି ଥରେ ବିବାଦ ମୁଣ୍ଡ ଟେକିଥିବାରୁ ପୁଲିସକୁ ସୂଚନା ଦିଆଯାଇଛି। ଆଇନ୍ ଅନୁଯାୟୀ, ପଦକ୍ଷେପ ନିଆଯିବ ବୋଲି କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଆବାସ ଯୋଜନାରେ ଘର ଆସିଛି କହି ଦମ୍ପତିଙ୍କଠାରୁ ଅଭିନବ ଠକେଇ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠ ଇନ୍‌ଫୋଭ୍ୟାଲି ଯାଁଳା ପଞ୍ଚାୟତର ରାଧାଚରଣପୁର ଗ୍ରାମର ବୃଦ୍ଧ ଦମ୍ପତିଙ୍କଠାରୁ ଅଭିନବ ଉପାୟରେ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ରାଧାଚରଣପୁର ଗ୍ରାମରେ ଉଲାସ ବେହେରା ଏକ ଦୋକାନ କରିଛନ୍ତି। ହଠାତ୍ ଏକ ହଳଦିଆ ଗାଡ଼ିରେ ଜଣେ ବ୍ୟକ୍ତି ଆସି ଏକ ଗୁଟ୍‌ଖା ନେଇଥିଲେ। ପରେ ପରିବାର ବିଷୟରେ ପଚାରିଥିଲେ। ଏପରିକି ଆଗୁଆ ତାଙ୍କ ପତ୍ନୀ ରାଧାରାଣୀଙ୍କ ସମ୍ପର୍କରେ କହିଥିଲେ। ତା' ପରେ ବୃଦ୍ଧ ଜଣକ କହିଥିଲେ, ସେ ମୋ ସ୍ତ୍ରୀ, କାମ କ'ଣ ଅଛି କୁହ। ଯୁବକ ଜଣକ କହିଥିଲେ ତାଙ୍କ ନାମରେ ଇନ୍ଦିରା ଆବାସ ଆସିଛି। ବୃଦ୍ଧ ଜଣକ ଖୁସି ହୋଇଯାଇ ତାଙ୍କ ଘର କେଉଁଠି ବୋଲି ପଚାରିଥିଲେ ସେ କହିଥିରେ ଯେ - ଛଣଗିରି। ବୃଦ୍ଧଙ୍କ ଶ୍ୱଶୁର ଘର ଛଣଗିରି ହୋଇଥିବାରୁ ସେ ତାଙ୍କ ଶଳା ପ୍ରମୋଦକୁ ଚିହ୍ନିଛ କି ବୋଲି ପଚାରିବାରୁ ସେ ତାଙ୍କ ଶଳାର ସଙ୍ଗାତ ବୋଲି କହିଥିଲେ। ବୁଢ଼ା ଆହୁରି ଖୁସି ହୋଇ ଯାଇଥିଲେ। ବ୍ୟକ୍ତି ଜଣକ କହିଥିଲେ ୨୦ହଜାର ଆଣିକି ମୋ ସଙ୍ଗେ ଆସ। ଏହି ଦମ୍ପତି ସୁଧକୁ ଟଙ୍କା ଆଣି ଖୋରଧା ଅଭିମୁଖେ ଯାଇଥିଲେ। ବ୍ୟକ୍ତି ଜଣକ ଏକ ପଞ୍ଚାୟତ ଅଫିସ୍ ପାଖକୁ ନେଇ ଆଧାର କାର୍ଡ ଜେରକ୍ସ କରିବା ପାଇଁ କହିଥିଲେ। ସେହି ସମୟରେ ୨୦ହଜାର ଟଙ୍କା ହାତେଇ ଥିଲେ। ରାଧାରାଣୀଙ୍କୁ ସେହିଠାରେ ଛାଡି ବ୍ୟକ୍ତି ଜଣଙ୍କ ସଙ୍ଗେ କିଛି ଦୂର ଯାଇ ସେଠାରେ ଉଲ୍ଲାସକୁ କହିଥିଲେ ତୁମେ ଏହି ଗଛମୂଳେ ଛିଡ଼ା ହୋଇଥାଅ, ମୁଁ ଆଗ ଛକରୁ ଜେରକ୍ସ କରି ଆସୁଛି। ବୃଦ୍ଧଜଣକ କିଛି ନ ଜାଣି ପାରି ଉକ୍ତ ଜାଗାରେ ଓହ୍ଲାଇ ପଡ଼ିଥିଲେ। ବ୍ୟକ୍ତି ଜଣକ ଜେରକ୍ସ ନାମରେ ଯାଇ ଆଉ ଫେରି ନ ଥିଲେ। ୬/୭ ଘଣ୍ଟା ଅପେକ୍ଷା କରିବା ପରେ ଛଣଗିରି ନିଜ ଶଳାକୁ ପଚାରିଥିଲେ। ତାଙ୍କ ଶଳା ଏଭଳି ଲୋକ ସହିତ ସମ୍ପର୍କ ନ ଥିବା କହିବା ପରେ ଦମ୍ପତିଙ୍କ ଚେତା ପଶିଥିଲା ଏବଂ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ କୌଣସି ଅଭିଯୋଗ ଥାନାରେ କରି ନ ଥିବା ଜଣାପଡ଼ିଛି।

# ଏମ୍ସରୁ ମୋବାଇଲ୍ ଚୋରି, ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଏମ୍ସ ଭୁବନେଶ୍ୱର ପରିସରରୁ ରୋଗୀ ସମ୍ପର୍କୀୟଙ୍କ ମୋବାଇଲ ଫୋନ ଚୋରି କରିଥିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାହାଦଲପୁର ଗାଁର ଜଗା ଓରଫ୍ ଆନନ୍ଦ ରାଉତରାୟ (୨୧) ଓ ଅନୀଲ କୁମାର ସ୍ୱାଇଁ (୨୨)। କଟକ ଜିଲ୍ଲା ବୈଦେଶ୍ୱର ଥାନା କଳାପଥର ଗାଁର ସୁମିତ୍ରା ସାହୁ ତାଙ୍କ ଶାଶୂ ମନ୍ଦୋଦରୀ ସାହୁଙ୍କ ଚିକିତ୍ସା ପାଇଁ ଏମ୍ସ ଡାକ୍ତରଖାନାକୁ ଆସିଥିଲେ। ସୁମିତ୍ରା ତାଙ୍କ ମୋବାଇଲ ଫୋନକୁ ଚାର୍ଜରେ ବସାଇ ଔଷଧ ଆଣିବାକୁ ଯାଇଥିଲେ। ସେହି ସମୟରେ ଜଗା ଓ ଅନୀଲ ତାଙ୍କ ମୋବାଇଲ ଫୋନ୍ ଚୋରିକରି ନେଇଥିଲେ। ସୁମିତ୍ରା ଔଷଧ ଆଣିସାରି ମୋବାଇଲ ନ ପାଇବାରୁ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜଗା ଓ ଅନୀଲ କସମୋପଲିସ ଛକ ନିକଟରେ ମୋବାଇଲ ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ସମୟରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଥିଲା। ଏଥିସହିତ ତାଙ୍କଠାରୁ ସୁମିତ୍ରାଙ୍କ ମୋବାଇଲ ଫୋନ୍ ଜବତ କରିଥିଲା। ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ। ଅଭିଯୁକ୍ତ ଜଗା ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ୩ଟି ଚୋରି ଜନିତ ମାମଲା ରହିଛି।

# ଉଜୁଡ଼ା ସଂସାର ଯୋଡ଼ିଲା 'ମାଧ୍ୟମ'

**ଭୁବନେଶ୍ୱର (ପିପିଏସ୍):** ମୋନାଲି ଏମ୍‌ବିଏ ପଢୁଥିବା ସମୟରେ ପରିବାର ଲୋକେ ସୁରଜଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ। ସୁରଜ ରାୟଗଡ଼ାରେ ଥିବା ଏକ କମ୍ପାନୀରେ ଚାକିରି କରୁଛନ୍ତି। ବିବାହ ପରେ ଉଭୟ ଏକାଠି ରହିଲେ। ବିବାହର କିଛିଦିନ ପରେ ତାଙ୍କର ଏକ ଝିଅ ହୋଇଥିଲା। ପୁଅ ଜନ୍ମ ନ ହେବାରୁ ମୋନାଲିଙ୍କୁ ନିର୍ଯାତନା ସହିବାକୁ ପଡ଼ିଥିଲା। ଆଉ ୫ବର୍ଷର ଝିଅକୁ ପରିବାର ଲୋକେ ଭଲ ପାଉ ନ ଥିଲେ। ଏମିତିକି ଝିଅକୁ ବାପା ସୁରଜ ଭଲ ପାଉ ନ ଥିଲେ କି ସ୍ନେହ କରୁ ନ ଥିଲେ। ଏହାରି ଭିତରେ ଝିଅକୁ କରୋନା ଆକ୍ରାନ୍ତ ହୋଇଥିଲା। ପରେ ଡାକ୍ତର ଝିଅକୁ ଆଡ୍‌ମିସନ କରିବା ପାଇଁ କହିଥିଲେ। ଏବିଷୟରେ ମୋନାଲି ତାଙ୍କ ସ୍ୱାମୀ ସୁରଜଙ୍କୁ ଜଣାଇଥିଲେ। ମାତ୍ର ସେ ଶୁଣି ନ ଥିଲେ କି ଚିକିତ୍ସା ଲାଗି ଟଙ୍କା ଦେଇ ନ ଥିଲେ। ଏଣୁ ଝିଅର ଚିକିତ୍ସା ଲାଗି ମୋନାଲି ନିଜର ସମସ୍ତ ଗହଣା ବିକି ଏକ ଘରୋଇ ହସ୍ପିଟାଲରେ ଝିଅକୁ ଆଡମିସନ କରାଇଲେ। ପରେ ଝିଅ ନିମୋନିଆରେ ପୀଡ଼ିତ ହୋଇଥିଲେ। ଦୁଇ କିମ୍ବା ୩ ଦିନ ଚିକିତ୍ସା ପରେ ଝିଅର ମୃତ୍ୟୁ ହୋଇଯାଇଥିଲା। ପରେ ଶାଶୂଘର ଲୋକ ମୃତ ଝିଅର ଶବକୁ ଶ୍ମଶାନରେ ଦାହ କରିଦେଇ ମୋନାଲିଙ୍କୁ ଛାଡ଼ିଦେଇ ଚାଲିଯାଇଥିଲେ। ଆଉ ଝିଅ ମୃତ୍ୟୁର ଠିକ୍ ୧୧ଦିନ ପରେ ଛାଡପତ୍ର ପେପରରେ ଦସ୍ତଖତ କରିବା ପାଇଁ ଶାଶୂଘର ଲୋକ ମୋନାଲିଙ୍କୁ ବାଧ୍ୟ କରିଥିଲେ। ଝିଅର ମୃତ୍ୟୁ ପରେ ମୋନାଲି ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଏଣୁ ପତି-ପତ୍ନୀ ଏବଂ ଉଭୟଙ୍କ ପରିବାର ବର୍ଗଙ୍କୁ 'ମାଧ୍ୟମ' କାର୍ଯ୍ୟାଳୟକୁ ଡକାଯାଇ କାଉନସେଲିଂ କରାଯାଇଥିଲା। ଏଥିରେ ସୁରଜଙ୍କ ନିଜ ଝିଅ ଚାଲିଯିବାର ମନରେ କୌଣସି ଦୁଃଖ ନ ଥିଲା। ତାଙ୍କର ଆଉ ଗୋଟିଏ ପିଲା ଦରକାର ନ ହେଲେ ମୁଁ ତାକୁ ନେବିନି ବୋଲି କହିଥିଲେ। ମୋନାଲି ଓ ସୁରଜଙ୍କୁ ୭ରୁ ୮ଥର କାଉନସେଲିଂ କରିବା ପରେ ମାମଲା ସମାଧାନର ବାଟ ବାହାରିଥିଲା। ସେମାନେ ଏବେ ରାୟଗଡ଼ାରେ ଏକାଠି ହସଖୁସିରେ ରହୁଛନ୍ତି।

# ଅବ୍ୟବସ୍ଥାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର




**ଭୁବନେଶ୍ୱର (ପିପିଏସ୍):** ଚିକିତ୍ସାଳୟ ପରିସରରେ ରହିଛି ବିଭିନ୍ନ ଆବଶ୍ୟକ ସାମଗ୍ରୀ। ହେଲେ ଏହାର ସଦୁପଯୋଗ ହୋଇପାରୁନାହିଁ। ଚାରିଆଡ଼େ ଦେଖିବାକୁ ମିଳିଛି ସ୍ୱଚ୍ଛତାର ବାର୍ତ୍ତା, କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରବେଶ ଦ୍ୱାର ନିକଟରେ ରହିଥିବା ମୁକୁଳା ଡ୍ରେନ୍‌ରେ ଭର୍ତ୍ତି ହୋଇଛି ଆବର୍ଜନା। ସେହିପରି ନିୟମିତ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଥିବା ବେଳେ ଡାକ୍ତରଙ୍କ ଦେଖାନାହିଁ। ଅଧିକାଂଶ ବିଭାଗରେ ଡାକ୍ତରଙ୍କ ସମୟସୀମା ଲେଖା ରହିଥିଲେ ବି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର କହିଲେ ମାତ୍ର ଜଣେ। ସେ ମଧ ନିୟମିତ ସମୟରେ ଆସୁ ନ ଥିବାରୁ ଫେରି ଯାଉଛନ୍ତି ରୋଗୀ। ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ରସୁଲଗଡ଼, ଜିଜିପି କଲୋନୀ ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ପ୍ରାୟ ୩୦ ବର୍ଷ ପୁରୁଣା ହୋଇଥିବା ବେଳେ ୨୦୨୨ ମସିହାରେ ଏହାର ନବୀକରଣ କରାଯାଇଥିଲା। ନୂଆ ଗେଟ୍ ନିର୍ମାଣ କରାଯିବା ସାଙ୍ଗକୁ ଆବଶ୍ୟକ ଉପକରଣ ମଧ୍ୟ ରଖାଯାଇଛି। ଦେଢ଼ କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇ ଏକ ନୂତନ ୩୦ ଶଯ୍ୟା ବିଶିଷ୍ଟ ବିଲ୍ଡିଂ ନିର୍ମାଣ କାମ ବି ଚାଲିଛି। ପରିସରରେ ମଧ୍ୟରେ ଯେଉଁଆଡ଼େ ଚାହିଁଲେ ପରିମଳ ଓ ସ୍ୱଚ୍ଛତାର ସଚେତନତା ବାର୍ତ୍ତା ଦେଖିବାକୁ ମିଳୁଛି। ରସୁଲଗଡ଼, ଜଗନ୍ନାଥ ବିହାର, ପଳାଶୁଣି, ପାଣ୍ଡରା, ଝାରପଡ଼ା, ମଞ୍ଚେଶ୍ୱର ଆଦି ଅଞ୍ଚଳର ପ୍ରାୟ ୧ଲକ୍ଷ ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିର୍ଭର କରିଥାନ୍ତି। ହେଲେ ଏଠାରେ ରୋଗୀମାନେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ପ୍ରତିଦିନ ଛୋଟ ପିଲାଙ୍କ ଠାରୁ ମହିଳା ଓ ବୟସ୍କ ବ୍ୟକ୍ତିମାନେ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଅପେକ୍ଷା କରି ନିରାଶ ହେଉଛନ୍ତି। ନିର୍ଦ୍ଧାରିତ ସମୟରେ ଯଦିଓ ସ୍ୱାସ୍ଥ୍ୟକେନ୍ଦ୍ରର ତାଲା ଖୋଲା ଯାଉଛି କିନ୍ତୁ ସେବା ମିଳୁ ନ ଥିବା କୁହାଯାଉଛି। ଫଳରେ ବାଧ୍ୟ ହୋଇ ଅନ୍ୟତ୍ର ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି ଲୋକେ। ବିଶେଷକରି ବସ୍ତି ବାସିନ୍ଦାମାନେ ଏଠାକୁ ଚିକିତ୍ସା ପାଇଁ ଧାଇଁ ଆସନ୍ତି। ହେଲେ ବିଡ଼ମ୍ବନାର ବିଷୟ ଏହି ହସ୍ପିଟାଲରେ ଜଣେ ଡାକ୍ତରଙ୍କ ସମେତ ଜଣେ ଫାର୍ମାସିଷ୍ଟ ଓ ଜଣେ ପିଏଚଏମ୍ ରହିଥିଲେ ମଧ୍ୟ ଡାକ୍ତରଙ୍କ ଦେଖା ମିଳୁ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ ଏଠାରେ ବ୍ୟାହତ ହୋଇଛି ରୋଗୀ ସେବା। ସେହିପରି ପରିମଳ ବ୍ୟବସ୍ଥା ମଧ୍ୟ ଶୋଚନୀୟ ହୋଇଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ କ୍ରମେ ନିକଟରେ ମେୟର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଥିଲେ। ଅନ୍ତତଃ ଆଉ ୨ଜଣ ଡାକ୍ତରଙ୍କୁ ନିୟୋଜିତ କରିବାକୁ ମେୟରଙ୍କୁ ଦାବୀ କରିବା ପରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ଦିନ ପରେ ଦିନ ବିତୁଛି, କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଏଠାକୁ ଚିକିତ୍ସା ପାଇଁ ଆସି ଫେରି ଯାଉଛନ୍ତି ରୋଗୀ। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ବିଏମ୍ସି ୱାର୍ଡ ନମ୍ବର ୧୮ ଅଧୀନରେ ରହିଥିବାରୁ ୱାର୍ଡର କର୍ପୋରେଟର ବିପ୍ଳବ ବେହେରାଙ୍କୁ ଯୋଗଯୋଗ କରାଯିବା ପରେ ସେ କହିଥିଲେ ଯେ, ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ସମସ୍ୟା ପାଲଟିଛି ଡାକ୍ତରଙ୍କ ଅଭାବ। ଏଥିପାଇଁ ଯଥାଶୀଘ୍ର ବ୍ୟବସ୍ଥା କରାଯିବାର ମଧ୍ୟ ଆବଶ୍ୟକତା ରହିଛି। ଏଥିପାଇଁ ମେୟରଙ୍କୁ ଅବଗତ କରାଯାଇଛି। ସମସ୍ୟାର ସମାଧନ ହୋଇଯିବ ବୋଲି ଆଶା ରହିଛି।

# ହତ୍ୟା ଉଦ୍ୟମକାରୀଙ୍କୁ ଦଣ୍ଡିତ ପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା, (ହି.ସ.): ଗତ ହନୁମାନ ଜୟନ୍ତୀ ପାଳନ ଅବସରରେ ସମ୍ବଲପୁର ଠାରେ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା କାର୍ଯ୍ୟକର୍ତ୍ତାଙ୍କ ଉପରେ ଆକ୍ରମଣ ଓ ହତ୍ୟା ଉଦ୍ୟମକାରୀଙ୍କୁ ଦଣ୍ଡିତ କରିବା ପାଇଁ ମହାମହିମ ରାଜ୍ୟପାଳଙ୍କୁ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ଗୁରୁବାର ଶୋଭାଯାତ୍ରା ସହର ପରିକ୍ରମା କରୁଥିବା ବେଳେ କେତେକ ଅରାଷ୍ଟ୍ରୀୟ ଓ ଧାର୍ମିକ ଅସହିଷ୍ଣୁତା ମନୋଭାବ ରଖିଥିବା ଗୋଟିଏ ସଂପ୍ରଦାୟର ବ୍ୟକ୍ତି ମାନେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଯୋଜନା ବଦ୍ଧ ଭାବରେ ଦେଶର ସାମାଜିକ, ଧାର୍ମିକ ଓ ଆର୍ଥିକ ଓ ରାଜନୈତିକ ସ୍ଥିତିକୁ ନଷ୍ଟ କରିବା ପାଇଁ ଉଦ୍ୟମ କରିଛନ୍ତି । ଏମନେଇ କେନ୍ଦ୍ରାପଡା ଜିଲ୍ଲାର ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ଅଭିଯୋଗ କରାଯିବା ସହ ହତ୍ୟା ଉଦ୍ୟମକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଡେପୁଟି କଲେକ୍ଟର ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ବିଶ୍ୱହିନ୍ଦୁ ପରିଷଦ ବିଭାଗ ସଭାପତି ବାନାମ୍ବର ସାହୁଙ୍କ ସମେତ ବିରେନ୍ଦ୍ର କୁମାର ସମାଲ, ସତ୍ୟପ୍ରିୟ ଜେନା, ଯଶପାଳ ସୁତାର, ପ୍ରସନ୍ନଜିତ ଦାସ, ସାଗର କୁମାର ସାହୁ, ସାରଦା ଲେଙ୍କା, ଦିପକ କୁମାର ମଲିକ, କାହ୍ନୁ ଚରଣ ପରିଡା, ଲକ୍ଷଣ ମଲିକ, ଆଲୋକ ମହିଲି ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋବରୀ ନଦୀରୁ ଅଜଣା ଶବ ଉଦ୍ଧାର

କେନ୍ଦ୍ରାପଡ଼ା, (ହି.ସ.): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ସାହାବାଜପୁର ଗ୍ରାମ ନିକଟରେ ଥିବା ଗୋବରୀ ଯୋଡ ମଧରୁ ପାଣିରେ ଭାସୁଥିବା ଅଜଣା ମହିଳାଙ୍କ ଶବ ଉଦ୍ଧାର କରାଯାଇଛି । ସେହି ଗ୍ରାମର ମଙ୍ଗୁଳି ମଲିକ ଙ୍କ ସୂଚନା ଅନୁଯାୟୀ ମହାକାଳପଡା ଥାନା ପୋଲିସ ୟୁଡି କେଶ ନଂ-୦୫ ତା-୧୨.୦୪.୨୦୨୩ ରେ ମାମଲା ରୁଜୁ କରି ଶବ ଚିହ୍ନଟ ଆରମ୍ଭ କରିଥିଲେ ମଧ ସଂପୂର୍ଣ୍ଣ ପରିଚୟ ପାଇପାରି ନାହାଁନ୍ତି । ମୃତକ ଜଣକ ଛିଟା ନାଲି ରଙ୍ଗର ଶାଢୀ ପିନ୍ଧିଥିବା ବେଳେ କଳା ରଙ୍ଗର ବ୍ଲାଉଜ ପିନ୍ଧିଛନ୍ତି । ଉଚ୍ଚତା ୫ ଫୁଟ । ଓ ବୟସ ଆନୁମାନିକ ୬୦ ବୋଲି ଜଣାପଡିଛି । ଥାନା ଅଧିକାରୀଙ୍କ ସୂଚନା କ୍ରମେ ଏହି ମୃତକଙ୍କ ସଂପୂର୍ଣ୍ଣ ପରିଚୟ ଜାଣିବା ପାଇଁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ମାଧମରେ ଉଦ୍ୟମ କାରଯାଇଛି । କୌଣସି ବ୍ୟକ୍ତି ପରିଚୟ ପାଇଲେ ମହାକାଳପଡା ଥାନାକୁ ଜଣାଇବା ପାଇଁ ସୂଚନା ଦିଆଯାଇଛି ।

# ଭଦ୍ରକ ବିଶ୍ୱବିଦ୍ୟାଳୟ ଦାବି ଜୋର୍ ଧରିଲା



ଭଦ୍ରକ, (ପିପିଏସ୍): ବିଦ୍ୟାର୍ଥୀ ବିକାଶ ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧକ୍ଷତାରେ ଜାନୁଗଞ୍ଜସ୍ଥିତ ଦିବ୍ୟମ୍ ପରିସରରେ ପାରମ୍ପରିକ ଢଙ୍ଗରେ ପଣା ବଣ୍ଟନ ସହିତ ବନ୍ଧୁମିଳନ ଓ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମଂଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡ. ଦେବେନ୍ଦ୍ରନାଥ ରାଉତ ଯୋଗଦେଇ ନିଜର ସଂସ୍କୃତି ଓ ମୌଳିକ ପରମ୍ପରାକୁ ବଜାୟ ରଖିବା ସହିତ ଆମେ ଓଡ଼ିଆ - ଭାରି ବଢିଆ ଶବ୍ଦର ମର୍ମ ବୁଝି ଗର୍ବର ସହିତ ଆଗକୁ ବାଟ ଚାଲିବା ପାଇଁ ମତବ୍ୟକ୍ତ କରିଥିଲେ । ଅନ୍ୟ ବକ୍ତାମାନଙ୍କ ମଧରେ ଡାକ୍ତର ଦୁର୍ଯ୍ୟୋଧନ ଦାସ, ଡାକ୍ତର ରବିନ୍ଦ୍ର କୁମାର ନାୟକ, ଉଦ୍ୟାନବିତ୍ ବିଚିତ୍ରାନନ୍ଦ ମହାନ୍ତି ନିଜ ନିଜର ବଳିଷ୍ଠ ବକ୍ତବ୍ୟ ମାଧମରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ମୂଲ୍ୟବାନ ଉପଦେଶମାନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶେଷ ପର୍ଯ୍ୟାୟରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଅନୁଷ୍ଠାନର ଉପଦେଷ୍ଟା ଓ ସଚେତନ ନାଗରିକ ଗଣ ମିଳିତ ଭାବରେ ବିଦ୍ୟାର୍ଥୀ ବିକାଶ ମଂଚର ପ୍ରଥମ ମୁଖ୍ୟ ଉପଦେଷ୍ଟା ସ୍ୱର୍ଗତଃ ପ୍ରଫେସର ଡଃ ସନାତନ ମହାନ୍ତିଙ୍କ ପ୍ରତିମୂର୍ତ୍ତି ପାଖକୁ ଯାଇଥିଲେ । ପ୍ରଫେସର ମହାନ୍ତି ଭଦ୍ରକରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଯେଉଁ ସୁଦୀର୍ଘ ନିରନ୍ତର ପ୍ରୟାସ ଜାରି ରଖିଥିଲେ । ସେ ସଂପର୍କରେ ବକ୍ତାମାନେ ସ୍ମରଣ କରିବା ସହିତ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ସାମୂହିକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତେ ପରମପିତା ପରମେଶ୍ୱରଙ୍କ ନିକଟରେ ପବିତ୍ର ପ୍ରାର୍ଥନା ଜଣାଇଥିଲେ ଯେ ଅବିଳମ୍ବେ ପ୍ରଫେସର ମହାନ୍ତିଙ୍କ ସ୍ୱପ୍ନ ପୂରଣ ହେଉ ଏବଂ ଭଦ୍ରକରେ ସରକାରୀ ଭାବେ ବିଶ୍ୱବିଦ୍ୟାଳୟ ସ୍ଥାପନା ପାଇଁ ସରକାର ନିଷ୍ପତ୍ତି ନିଅନ୍ତୁ । ନଚେତ୍ ଆଗାମୀ ଦିନରେ ମିଳିତ ସାମାଜିକ ପ୍ରୟାସକୁ ଏକ ବଳିଷ୍ଠ ସଂଗ୍ରାମ ରୂପରେ ଗଢିତୋଳିବା ସହିତ ଭଦ୍ରକ ଜିଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତ ଯାଏ ଉକ୍ତ ଆନ୍ଦୋଳନକୁ ବ୍ୟାପକ ରୂପ ଦେଇ ଭଦ୍ରକରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ନହେବା ପର୍ଯ୍ୟନ୍ତ ବିଦ୍ୟାର୍ଥୀ ବିକାଶ ମଂଚ ସଂଗ୍ରାମ ଜାରି ରଖିବା ପାଇଁ ସମସ୍ତ ସଦସ୍ୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଜ୍ଞା କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧକ୍ଷ ଲକ୍ଷ୍ମୀଧର ରାଉତ, ସମାଜସେବୀ ଅନିଲ ଦେ, ପ୍ରାକ୍ତନ ପ୍ରଧାନଶିକ୍ଷକ ଅକ୍ଷୟ ଜେନା, ଯୋଗଗୁରୁ ସୁରେନ୍ଦ୍ର ପ୍ରସାଦ ଦାସ, ରୋଟାରିଆନ ଅଭିଜିତ୍ ନାୟକ, ରତିକାନ୍ତ ବେହେରା, ପ୍ରେମାନନ୍ଦ ମହାନ୍ତି ଓ ୪୦ ରୁ ଉର୍ଦ୍ଧ୍ୱ ଅନୁଷ୍ଠାନର ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ ।

# ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେମିନାର ଉଦ୍‌ଯାପିତ

ଭୁବନ, (ହି.ସ.)- ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଦୁଇ ଦିନିଆ ଜାତୀୟ ସେମିନାର ଉଦଯାପିତ ହୋଇଯାଇଛି । ରାଜା ରାମମୋହନ ରାୟ ଲାଇବ୍ରେରୀ ପ୍ରତିଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ସେମିନାରର ପ୍ରଥମ ସତ୍ରରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସୁପ୍ରସିଦ୍ଧ ଲେଖିକା ପ୍ରଫେସର ଶକୁନ୍ତଳା ବଳିଆରସିଂହ ଉପସ୍ଥିତ ରହି ଲାଇବ୍ରେରୀର ଉପକାରିତା ଓ ଏହାଦ୍ୱାରା ସାଂସ୍କୃତିକ ଜାଗରଣ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ସୁପରିଚିତ ସ୍ତମ୍ଭକାର ତଥା ପ୍ରକାଶକ ସୌମେନ୍ଦ୍ର ଜେନା ସାଂପ୍ରତିକ ପରିସ୍ଥିତିରେ ଗ୍ରନ୍ଥାଗାରର ଆବଶ୍ୟକତା ଓ ଗ୍ରନ୍ଥାଗାରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଜାତୀୟ ବିଜ୍ଞାନ, ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ବ୍ରହ୍ମପୁରର ଲାଇବ୍ରେରୀଆନ ଡ.ନିହାରକାନ୍ତ ପାତ୍ର ଲାଇବ୍ରେରୀର ଡିଜିଟାଇଜେସନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମଠକରଗୋଲା କଲେଜ ଅଧ୍ୟକ୍ଷ ପ୍ରଫେସର ଚିତରଞ୍ଜନ ଦାଶ ଭାଷାର ଭିନ୍ନତାକୁ ଲାଇବ୍ରେରୀ ହିଁ ଏକତା ସୂତ୍ରରେ ବାନ୍ଧି ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ । ବାଙ୍କି ରାଉତ କଲେଜ ଲାଇବ୍ରେରୀଆନ ନନ୍ଦକିଶୋର ଧଳ, ପଣ୍ଡିତ ପ୍ରମୋଦ କୁମାର ଓଝା, ଶ୍ରୀଧର ସ୍ୱାମୀ ମହାବିଦ୍ୟାଳୟ ଷଡ଼ଙ୍ଗୀ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସଂଯୋଜିକା ଡଃ. ମମତା ପାତ୍ର ସଂଯୋଜନା କରିଥିବା ବେଳେ ସହ ସଂଯୋଜକ କୈଳାସ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ପ୍ରାଚୀନ କାଳରେ ଲୋକମାନେ ନିଜ ଜ୍ଞାନ ଓ ସଂସ୍କୃତିକୁ ସାଇତି ରଖିବା ପାଇଁ ପଥର ଖୋଳେଇ କରି ରଖିଥିଲେ ଯାହାକି ପୂର୍ବକାଳର ଲାଇବ୍ରେରୀ ଥିଲା । ଆଜି ତାହାର ଡିଜିଟାଇଜେସନ ହୋଇଛି । ଏହାର ଉପଯୋଗ ଜ୍ଞାନ ବୃଦ୍ଧି ହେବାରେ ସହାୟକ ହେବ ସହ ଆଗାମୀ ପିଢ଼ିକୁ ଉନ୍ନତିର ବାର୍ତ୍ତା ଦେଇ ପାରିବ ବୋଲି ଆହ୍ୱାନ କରିଥିଲେ । କାମାକ୍ଷୀ ନଗର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।

# ରୋଟାରୀ କ୍ଲବ୍ ଗ୍ରୀନଫିଲ୍ଡ ଓ ପୂର୍ବାଞ୍ଚଳ କଲ୍ୟାଣ ସମିତିର ବିଷୁବ ସାହିତ୍ୟ ସନ୍ଧ୍ୟା

କଟକ ସଦର, (ପିପିଏସ୍): ସାମାଜିକ ଅନୁଷ୍ଠାନ ରୋଟାରୀ କ୍ଲବ୍ ଅଫ୍ କଟକ ଗ୍ରୀନ ଫିଲ୍ଡ ଓ ପୂର୍ବାଞ୍ଚଳ କଲ୍ୟାଣ ସମିତି ନୂଆବଜାର ତରଫରୁ ବିଷୁବ ମହୋତ୍ସବ କବିତା ପାଠୋ ଉତ୍ସବ, ସାହିତ୍ୟ ସମ୍ମାନ ଉତ୍ସବ ଓ ପୁସ୍ତକ ଉନ୍ମୋଚନ ନୂଆବଜାରଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବାଞ୍ଚଳ କଲ୍ୟାଣ ସମିତିର ସଭାପତି ତୁଷାର ରଂଜନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ତରୁଣ କୁମାର ସାହୁଙ୍କୁ ସାହିତ୍ୟ 'ଗୌରବ ସମ୍ମାନ-୨୦୨୩' ଏବଂ ଡକ୍ଟର ପ୍ରତିଭା ମହାରଥୀଙ୍କୁ ରୋଟାରୀ 'ସାରସ୍ୱତ ସମ୍ମାନ-୨୦୨୩'ରେ ସମ୍ମାନିତ କରାଯାଇଥିଲା । ଏହାଛଡ଼ା ଡଃ ଅର୍ଜୁନ ଚରଣ ମଲ୍ଲିକଙ୍କୁ 'ସାହିତ୍ୟ ଗୌରବ ପୁରସ୍କାର' ଓ ଇଂ. ମନମୋହନ ପତିଙ୍କୁ 'ରୋଟାରୀ ସାରସ୍ୱତ ପୁରସ୍କାର' ପ୍ରଦାନ କରାଯାଇଥିଲା । ରୋଟାରୀ କ୍ଲବ୍ ଅଫ୍ କଟକ ଗ୍ରୀନ ଫିଲ୍ଡର ସଭାପତି ମେଜର ପୂର୍ଣ୍ଣ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଡଃ ଅର୍ଜୁନ ଚରଣ ମଲ୍ଲିକଙ୍କ ଲିଖିତ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଜୀବନ ଓ ଦର୍ଶନ ପୁସ୍ତକକୁ ଡଃ ପ୍ରତିଭା ମହାରଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା କାର୍ଯ୍ୟକ୍ରମରେ ନିମନ୍ତ୍ରିତ କବି ଓ କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ରୋଟାରିଆନ୍ ସୌଦାମିନୀ ମହାରଣା, ରବିନ୍ଦ୍ରନାଥ ସୁତାର, ଡଃ ସଂଯୁକ୍ତା ଦାସ, ନିରୋଧ କୁମାର ସ୍ୱାଇଁ, ସୁଜାତା ପତି, ବିଜ୍ଞାନାନନ୍ଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ପ୍ରାକ୍ତନ ବିଚାରପତି ମଧୁସୂଦନ ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୌଦ୍ୱାର-କଟକ ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ



କଟକ ସଦର, (ପିପିଏସ୍): ମହାନ ଜନନାୟକ ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧ ଦିବସ ନିରାଡ଼ମ୍ବର ଭାବେ ଚୌଦ୍ୱାର-କଟକ ବିଜୁଜନତା ଦଳ ତରଫରୁ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଂଜନ ବିଶ୍ୱାଳଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିରୂପା ନଦୀରେ ତୀଳ ତର୍ପଣ କରାଯାଇ ଯୋବ୍ରା ଆନିକୋଟଠାରେ ସ୍ଥାପିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ମହାନଦୀ ବିହାରସ୍ଥ ସେଲିବ୍ରେସନ ମଣ୍ଡପଠାରେ ଆୟୋଜିତ ସ୍ମୃତି ସଭାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ସଭାରେ ଉପସ୍ଥିତ ଦଳର ନେତା ଓ କର୍ମୀମାନେ ବିଜୁ ଜନତା ଦଳରେ ଶୃଙ୍ଖଳିତ ସଦସ୍ୟଭାବେ କାର୍ଯ୍ୟ କରିବା ସହିତ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ଚୌଦ୍ୱାର ନଗରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପନଗରପାଳ ସୁଭେନ୍ଦୁ ସାମଲ, କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଝିଲି ବିହାରି, ପ୍ରମିଳା ମହାନ୍ତି, ଇଂ. ସୁବ୍ରତ ଘଡ଼େଇ, ନଳିନୀ ବେହେରା, ବିଶ୍ୱବନ୍ଦିତା ପଣ୍ଡା, ତାପସ ରଂଜନ ସାମନ୍ତରାୟ, ଅରବିନ୍ଦ ଜେନା ପ୍ରମୁଖ ବହୁ କର୍ପୋରେଟର, କାଉନସିଲର ଓ ଦଳର ସଦସ୍ୟ ଉପସ୍ଥିତ ଥିଲେ ।

# ଆମ ପୋଲିସ ସମିତି ପକ୍ଷରୁ ଜଳଛତ୍ର

କୋରେଇ, (ହି.ସ.)- ପାଣିକୋଇଲି ଥାନା ଆମ ପୁଲିସ ସମିତି ସହାୟତାରେ ଥାନା ସମ୍ମୁଖରେ ଆଜି ଜଳଛତ୍ର ଉଦ୍ଘାଟତ ହୋଇଛି । ଥାନାଧିକାରୀ ଚିନ୍ମୟୀ ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଫିତା କାଟି ଉଦ୍ଘାଟନ କରିଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମକୁ ଅଧାର କରି ପଥାଚାରୀଙ୍କ ତୃଷା ମେଟଂାଇବାକୁ ଥାନା ପକ୍ଷରୁ ନିଆଯାଇଥିବା ଏହି ପ୍ରୟାସକୁ ସାଧାରଣ ସ୍ୱାଗତ କରାଯାଇଛି । ଏକ ମାସ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିବା ବୋଲି ସୂଚନା ମିଳିଛି । ଆମ ପୁଲିସ ସମତି ପକ୍ଷରୁ ଅଦ୍ୱୈତ ଚରଣ ଦାଶ, ନୃସିହ ଚରଣ ଦଳାଇ, ରାମ ଚନ୍ଦ୍ର ବେହେରା, ସୁବାସ ଧଳ, ତାରିଣୀ ପଟ୍ଟନାୟକ, ଅଶୋକ ସାହୁ, ଶଶିକାନ୍ତ ମଲ୍ଲିକ, ଦେବକୀ ମୁଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନ, ଏଏସଆଇ ସୁଜିତ ମଲ୍ଲିକ, ମନମୋହନ ବାରିକ, ବ୍ରଜ କିଶୋର ସ୍ୱାଇଁ, ଗଣେଷ ଲେଙ୍କା, ସୁଧାଂଶୁ ବାରିକଙ୍କ ସମତେ ସମସ୍ତ ଅଧିକାରୀ / କର୍ମଚାରୀ ଯୋଗଦେଇଥିଲେ ।

# ବୁଗୁଡ଼ାରେ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ




ବୁଗୁଡ଼ା (ପିପିଏସ୍): ସ୍ଥାନୀୟ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୬ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏ ଅବସରରେ ନୂଆଁ ବସଷ୍ଟାଣ୍ଡ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ ସାଙ୍ଗକୁ ତାଙ୍କର ବିଚାରଧାରା , ତ୍ୟାଗ , ସେବା , ସଂଗ୍ରାମ ଓ ସ୍ୱାଭିମାନରେ ବ୍ରତୀ ହେବାକୁ ବିଜେଡି ପକ୍ଷରୁ ଶପଥ ଗ୍ରହଣ କରାଯାଇଥିଲା । ଏଥି ସହ ଶହ ଶହ ଦଳୀୟ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଏଠାକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ସାମୁହିକ ସଫେଇ କାର୍ଯ୍ୟ ସହ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ସମେତ ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ , ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ , ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା ଓ ଏନ୍‌ଏସି ସଭାପତି କେ.ତ୍ରିଲୋଚନ ଦୋରା , ଜିଲ୍ଲା ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ ଏବଂ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି , ଦଳୀୟ କର୍ମକର୍ତ୍ତା ଓ କର୍ମୀ ସାମିଲ୍ ରହିଥିଲେ ।

# କଳ୍ପତରୁ ନେସନାଲ ଫାଉଣ୍ଡେସନ ପକ୍ଷରୁ ଖୋଲିଲା ଜଳଛତ୍ର କେନ୍ଦ୍ର

ଧର୍ମଶାଳା, (ହି.ସ) - ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି । ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ଧର୍ମଶାଳା ବ୍ଲକ କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ପକ୍ଷରୁ ଆଜି ଏକ ଜଳଛତ୍ର କେନ୍ଦ୍ର ଖୋଲା ଯାଇଛି । ଏହି ବ୍ଲକ ଅଭୟପୁର ପଂଚାୟତସ୍ଥିତ ଅଚ୍ୟୁତପୁର ଛକ ନିକଟରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କେନ୍ଦ୍ରକୁ ଉଦଘାଟନ କରିଥିଲେ । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ତଥା ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଅଭୟପୁର ସରପଂଚ ସ୍ନେହାଞ୍ଜଳି ଗନ୍ତାୟତ, ଯୁବନେତା ପ୍ରଶାନ୍ତ ଗନ୍ତାୟତ, ଛାତ୍ର ସାଧାରଣ ସମ୍ପାଦକ ଅମୀୟ ରଞ୍ଜନ ସାହୁ, ବିଜୁ ଯୁବ ସାଧାରଣ ସମ୍ପାଦକ ସ୍ମୃତି ରଂଜନ ବେହେରା, ସବିଶ ଚନ୍ଦ୍ର ସାହୁ, ପଂଚାୟତ ଯୁବ ସଭାପତି ସ୍ୱରାଜ ନାୟକ, ପଂଚାୟତ ଛାତ୍ର ସଭାପତି ପ୍ରକାଶ ଶତପଥୀ ଓ ଯୁବ ନେତା ତାପସ ଲେଙ୍କାଙ୍କ ସମେତ ବିଜୁ ଜନତା ଦଳର ବହୁ କର୍ମୀ ଉପସ୍ଥିତ ଥିଲେ ।

# ୪୨ମୌଜା ବିକାଶ ପରିଷଦର ୨୨ତମ ବାର୍ଷିକ ମେଧା ପ୍ରତିଭା ସମ୍ମାନ -୨୦୨୩ ନିମେନ୍ତ ପ୍ରସ୍ତୁତି ବୈଠକ



୪୨ମୌଜା(ପିପିଏସ୍): କଟକସଦର ବ୍ଲକ୍ ୪୨ମୌଜାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୪୨ମୌଜା ବିକାଶ ପରିଷଦର ୨୨ତମ ବାର୍ଷିକ ମେଧା ପ୍ରତିଭା ସମ୍ମାନ-୨୦୨୩ ନିମେନ୍ତ କଳପଡା ଗ୍ରାମର କଦମେଶ୍ୱରଙ୍କର ପବିତ୍ର ପୀଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବିକାଶ ପରିଷଦର ସଭାପତି ଆଡଭୋକେଟ୍ କେଶବ ଚନ୍ଦ୍ର କର ସଭାପତିତ୍ୱ କରିଥିଲେ । ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କର ସମୁଦାୟ ନମ୍ବରକୁ ଦେଖି ଯେଉଁ କେତେକ ଛାତ୍ରଛାତ୍ରୀ ବିକାଶ ପରିଷଦର ନିୟମ ଅନୁସାରେ ମେଧା ସ୍ତରକୁ ଯାଇପାରିବେ ତାହା ପରୀକ୍ଷାର ଫଳ ବାହାରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ସଭାରେ ସ୍ଥିର କରାଯାଇଛି । ସମସ୍ତ ସଭ୍ୟ ସେମାନଙ୍କର ବାର୍ଷିକ ଦେୟ ପ୍ରଦାନ କରିଥିଲେ । ଉତ୍ସବେର ସମସ୍ତ ଅତିଥିମାନଙ୍କୁ ସଭାପତି ଆଡଭୋକେଟ୍ କେଶବ ଚନ୍ଦ୍ର କର, ସମ୍ପାଦକ ସନ୍ତୋଷ କୁମାର ପତି ଏବଂ ଉପଦେଷ୍ଟା ପ୍ରାଧାପକ ଡଃ ସେକ୍ କଲିମୁଲ୍ଲାଙ୍କ ଦ୍ୱାରା ଚୟନ କରାଯିବ ବୋଲି ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ଅବସରରେ ପରିଷଦର ମୁଖପାତ୍ର 'ପଲ୍ଲିଶ୍ରୀ' ପ୍ରସ୍ତୁତି ନିମେନ୍ତ ପରିଷଦର ଉପେଦେଷ୍ଟା ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ମରଣିକା କମିଟି ଗଠନ କରାଯାଇଛି । ଏହି ସ୍ମରଣିକା ନିମେନ୍ତ ଲେଖାମାନ ଆସନ୍ତା ମଇ ମାସ ୫ତାରିଖ ସୁଦ୍ଧା ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି ଓ ପ୍ରମୋଦ ମହାପାତ୍ରଙ୍କ ନିକଟରେ ପହଂଚିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି । ଚଳିତବର୍ଷ ବାର୍ଷିକ ଉତ୍ସବ ବ୍ରହ୍ମପୁର ପଞ୍ଚାୟତରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ସମ୍ପାଦକ ସନ୍ତୋଷ କୁମାର ପତି ଆଗାମୀ ୨୨ତମ ମେଧା ପ୍ରତିଭା ସମ୍ମାନ-୨୦୨୩ ସମସ୍ତ ସଭ୍ୟ ଓ ସଭ୍ୟାମାନେ ନିଜର ମୂଲ୍ୟବାନ ସମୟ ପ୍ରଦାନ କରି ଏହି ଉତ୍ସବକୁ ସଫଳ କରିବା ପାଇଁ ନିବେଦନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରେର ସୁନାମ ଅର୍ଜ୍ଜନ କରିଥିବା ପ୍ରତିଭା ଚୟନ ନିମେନ୍ତ ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱର ଏକ ପ୍ରତିଭା ଚୟନ କମିଟି ଗଠନ କରାଯାଇଛି । ଏହି ସଭାରେ ସଭାପତି ଆଡଭୋକେଟ୍ କେଶବଚନ୍ଦ୍ର କର ନିଜ ବକ୍ତବ୍ୟର ପରିଷଦର ସମସ୍ତ ସଭ୍ୟ ଗୋଟିଏ ଗୋଟିଏ ଫୁଲ ଭଳି ମାଳାରେ ଶୋଭାପାଇ କାର୍ଯ୍ୟ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସାଗର କାନୁନ୍‌ଗୋ ସୁଜନ ରାଉତ, କୋଷାଧକ୍ଷ ଭଜକୃଷ୍ଣ ଲେଙ୍କା, ସଂଯୋଜକ ନିକୁଞ୍ଜ ସ୍ୱାଇଁ, ହେମନ୍ତ ପାତ୍ର, ଅଶୋକ ତ୍ରିପାଠୀ, ହେମନ୍ତ ସାହୁ, ଦିପ୍ତୀରଂଜନ ଶତପଥି, ଜଗନ୍ନାଥ ସ୍ୱାଇଁ, ନାରାୟଣ ଭୋଇ, ତ୍ରିଲୋଚନ ଦଳାଇ, ତ୍ରିଲୋଚନ ସ୍ୱାଇଁ, ଦେବପ୍ରସାଦ ତ୍ରିପାଠୀ, ସେନ୍ତାଷ କୁମାର ସାହୁ, ନକୁଳ ଚରଣ ସ୍ୱାଇଁ, ଜ୍ୟୋତିରଂଜନ ଭୋଳ, ଶୁକଦେବ ମହାରଣା, ସୁବାଷ ଚନ୍ଦ୍ର ସାହୁ, ଗୋଲେଖ ବିହାରୀ ପତି, ହେମନ୍ତ କୁମାର ସାହୁ, ଚନ୍ଦନ ପ୍ରଧାନ, ଜଗନ୍ନାଥ ନାୟକ, ବିଶ୍ୱଜିତ୍ ପାଣି ଏବଂ ସଭ୍ୟା ସ୍ମୃତି ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ଦେବପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦପା ନାୟକାଣୀଙ୍କ ପୀଠ ଜଗନ୍ନାଥ ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁରୁ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଦପା ନାୟକାଣୀ ପୀଠରେ ନିର୍ମାଣାଧୀନ ଥିବା ଜଗନ୍ନାଥ ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ନିର୍ମାଣ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପାଳସାହି ସେବା ସମବାୟ ସମିତି ସଭାପତି ଭାଗବତ ଖଟୁଆ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ନାୟକ ଓ ସଂଜୟ କୁମାର ଦାସ, ସରପଞ୍ଚ ଜଗତାନନ୍ଦ ସେଠୀ, ଚକ୍ରଧର ଦାସ ପବିତ୍ରମୋହନ ମଳିକ ଓ ନରେନ୍ଦ୍ର ନାରାୟଣ ନାୟକ, ସରପଞ୍ଚ ପ୍ରତିନିଧି ଅଶୋକ କୁମାର ଦାସ, ସମାଜସେବୀ କାଳନ୍ଦୀ ସେଠୀ, କୁମାର ଗଙ୍ଗାଧର, ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ, ଅଜୟ କୁମାର ମଳିକ, ଶରତ ଚନ୍ଦ୍ର ବେହେରା, ଭାଗବ ଭାରତୀ, ଲକ୍ଷ୍ମୀଧର ପରିଡ଼ା, ହରିଶ୍ଚନ୍ଦ୍ର ପଲାଇ, ମୁକ୍ତିକାନ୍ତ ପଲାଇ, ପୀତବାସ ପଲାଇ, ଦେବେନ୍ଦ୍ର ନାୟକ, ଗୋପାଳ ଚନ୍ଦ୍ର ସାମନ୍ତରାୟ, ଅଭୟ କୁମାର ମଳିକ, ସନ୍ଦିପ ଦାସ, ରମାକାନ୍ତ ଦାସ, ରମାକାନ୍ତ ମଳିକ, ଉତ୍ତମ କୁମାର ମଳିକ, ଅକ୍ଷୟ ପଲାଇ, ନିମାଇ ବାରିକ, ଅଲେଖ ମଳିକ ପ୍ରମୁଖ ଯୋଗ ଦେଇ ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ସମସ୍ତଙ୍କର ଆନ୍ତରିକ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ । ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ଶିକ୍ଷାବିତ୍ ନିତ୍ୟାନନ୍ଦ ମଳିକ, ଭୀମସେନ ବାରିକ, ମୂରଲୀଧର ମଳିକ, ବିଶ୍ୱନାଥ ମଳିକ, ଦେବେନ୍ଦ୍ର ମଳିକ, ଯଶୋବନ୍ତ ମଳିକ, ବାବୁରାମ ମଳିକ, ତନ୍ମୟ ବେହେରା, ଜୟପ୍ରକାଶ ମଳିକ, ଗୟାଧର ମଳିକ, ବିକାଶ ଦାସ, ବିପିନ ମଳିକ, ଆର୍ତ୍ତବନ୍ଧୁ ଦାସ, ମନୋଜ ମଳିକ, ଦିଲୀପ ଦାସ, ବିଜୟାନନ୍ଦ ମଳିକ, ଚରଣ ମଳିକ, ନିରାକାର ମଳିକ, ବଂଶୀଧର ମଳିକ, ଅଭିମନ୍ୟୁ ମଳିକ, ଦୀନବନ୍ଧୁ ମଳିକ, ମଦନ ମୋହନ ଦାସ, ନରେନ୍ଦ୍ର ମଳିକ, ରାଜେଶ ମଳିକ, ଭଜଗୋବିନ୍ଦ ଦାସ, କୈଳାସ ଦାସ, ବାବାଜୀ ମଳିକ ପ୍ରମୁଖଙ୍କ ସମେତ ଈଶ୍ୱରପୁର ଗ୍ରାମବାସୀ ସାମିଲ ଥିବା ଜଣା ପଡ଼ିଛି । ଶେଷରେ ଶରତ ଚନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଗୃହରକ୍ଷୀ ସଙ୍ଘର ବୈଠକ

କୋରେଇ, (ହି.ସ.)- ଯାଜପୁର ଜିଲ୍ଲା ଗୃହରକ୍ଷୀ ସଙ୍ଘ ବୈଠକ ପାଣିକୋଇଲି ସ୍ଥିତ ମା ନେଙ୍କୁରୁଶୁଣୀ ପୀଠ ଠାରେ ଅନୁଷ୍ଠିତ ହୋଇଛି । ଜିଲ୍ଲାରେ ବିଭିନ୍ନ ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ମାନଙ୍କୁ ନେଇ ଏହି ବୈଠକ ଆରମ୍ଭ ହୋଇଥିଲା । ଜିଲ୍ଲା ସଙ୍ଘର ରଂଜନ କୁମାର ମଲ୍ଲିକ ସଭାପତି ଓ ଉମାକାନ୍ତ ରାଉତ କୋଷାଧକ୍ଷ ଭାବେ ରାଜ୍ୟ କମିଟିକୁ ନିର୍ବାଚିତ ହୋଇଛନ୍ତି । ଫଳରେ ସେମାନେ ଜିଲ୍ଲା ସଙ୍ଘର କର୍ମକର୍ତା ପଦବୀରୁ ନିଷ୍ପତି ହୋଇଥିଲା । ଫଳରେ ଜିଲ୍ଲାର ନୂତନ କର୍ମକର୍ତା ନିର୍ବାଚନର ଆବଶ୍ୟକତା ରହିଥିଲା । ଆଜିର ବୈଠକରେ ନୂତନ କର୍ମକର୍ତା ନିର୍ବାଚନ କରାଯାଇଥିଲା । ନୂତନ ସଭାପତି ଭାବେ କାର୍ତିକ ଚନ୍ଦ୍ର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଜ୍ଞାନରଂଜନ ମହାନ୍ତି, ଉପସଭାପତି ସଂଜୟ କୁମାର ମଲ୍ଲିକ, ବସନ୍ତ କୁମାର ଧଳ, ସମ୍ପାଦକ ଦିପ୍ତୀ ଜେନା, ସହ ସମ୍ପାଦକ ଲଳିତ ମହାନ୍ତ, କୋଷାଧ୍ୟକ୍ଷ ରତିକାନ୍ତ ଦାସ, ସହ କୋଷାଧ୍ୟକ୍ଷ ପ୍ଲାବନ ମହାପାତ୍ର, ଓ ଉପଦେଷ୍ଟା ଭାବେ ଧବଳେଶ୍ୱର ପଣ୍ଡା, ଜିଲ୍ଲା କମିଟିର ସଦସ୍ୟ ଭାବେ ବିଜୟ କୁମାର ମଲ୍ଲିକ, ଦିନବନ୍ଧୁ ବେହେରା, ଈଶ୍ୱର ଦାସ, ସେମାନାଥ ନାୟକ, ପ୍ରଫୁଲ୍ଲ ମଳିକ, ବିର କିଶୋର ଯେନା, ଯୋଗେନ୍ଦ୍ର ମଳିକ, ଚନ୍ଦନ ଯେନା, ଅଜୟ ଜେନା, ପଦ୍ମନାଭ କର, ନୃସିଂହ ଯେନା, ବିଶ୍ୱନାଥ ସାହୁ, ଦିନବନ୍ଧୁ ଯେନା, ମାନସ ମଲ୍ଲିକ, ଶାନ୍ତନୁ ମଳିକ, ନାରଣ ବାରିକ, ସନ୍ତୋଷ କୁମାର ରାମ, ସେକ ମଇଦୁଲ ଇସଲାମ, ନବ କିଶେର ଜେନା, ପିତବାସ ମଲ୍ଲିକ, ହେମଲତା ଦାସ, ବିରେନ୍ଦ୍ର ବେହେରା ଓ ସନ୍ତୋଷ କୁମାର ପଣ୍ଡାଙ୍କୁ ସବ ସମ୍ମତ ଚୟନ କରାଯାଇଥିଲା । ନୂତନ କର୍ମକର୍ତାଙ୍କୁ ଜିଲ୍ଲା କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘର ୮ ଦଫା ଦାବିପତ୍ର

କେନ୍ଦ୍ରାପଡ଼ା, (ହି.ସ.)- କେନ୍ଦ୍ରାପଡା ଜିଲ୍ଲା ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ (ସିଆଇ.ଟିୟୁ) ପକ୍ଷରୁ ୮ ଦଫା ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ରେ ସରକାରଙ୍କ ଘୋଷଣା ଅନୁସାରେ ଅଣକୁଶଳି ସର୍ବନିମ୍ନ ମଜୁରି ଆମକୁ ତୁରନ୍ତ ଦିଆଯାଉ, ବିଦ୍ୟାଳୟ ମିଶ୍ରଣ ପାଇଁ ବାହାରି ଯାଇଥିବା ୬୨ ବର୍ଷରୁ କମ୍ ପାଚିକା ମାନଙ୍କୁ ନିଯୁକ୍ତି ଦିଆଯାଉ, ବକେୟା ପ୍ରାପ୍ୟ ଚଳିତ ମାସ ୨୮ ତାରିଖ ସୁଦ୍ଧା ପ୍ରଦାନ କରାଯାଉ ।

ପ୍ରତି ମାସର ପ୍ରଥମ ସପ୍ତାହ ମଧରେ ପାରିଶ୍ରମିକ ମିଳୁ, ବର୍ଷକୁ ୨ ଖଣ୍ଡ ଶାଢୀ ପାଚିକା ମାନଙ୍କୁ ଦିଆଯାଉ । ବିଦ୍ୟାଳୟ ଗୁଡିକରେ ଜାଳେଣୀ ଗ୍ୟାସରେ ମଧ୍ୟାହ୍ନ ଭୋଜନ ରୋଷେଇ ଓ ପାନୀୟ ଜଳର ସୁବନ୍ଦୋବସ୍ତ କରାଯିବାକୁ ଦାବି କରାଯାଇଛି । ଜଗତ ଜୀବନ ଦାସଙ୍କ ନେତୃତ୍ୱରେ ମାଧବ ଚନ୍ଦ୍ର ଦାସ, ଜିଲ୍ଲା ସଭାପତି ସ୍ନେହଲତା ଗାହାଣ, ସଂପାଦିକା ନିର୍ମଳା ସିଂହଙ୍କ ସମେତ ଦିପ୍ତିମୟୀ ବେହେରା, ଅମିତା ପାତ୍ର, ବିମଳା ମାହାଳିକ ପ୍ରମୁଖ ଉପସ୍ଥିତ ହୋଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାରଣାଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି ।

# ମଙ୍ଗଳପୁର କେନାଲରେ ସେତୁ ପାଇଁ ଭୂମିପୂଜା



ଗଞ୍ଜାମ/ଧରାକୋଟ(ପିପିଏସ୍): ଧରାକୋଟ ବ୍ଲକର ଏକ ଗୁରୁତ୍ୱପୂର୍ଣ୍ଣ ହେଉଛି ମଙ୍ଗଳପୁର କେନାଲ । ଜାହାଡାଠାରୁ ଏହା ସୃଷ୍ଟି ହୋଇ ସୁକୁନଇ ଠାରେ ଋଷିକୂଲ୍ୟା ନଦୀ ସହ ଏହା ମିଶିଛି । ଏହି କେନାଲ ଜଗମୋହନ ଗ୍ରାମର ଚକରୋଡ ଦେଇ ପ୍ରବାହିତ । ବର୍ଷର ଅଧିକାଂଶ ସମୟରେ ଏହି କେନାଲରେ ପାଣି ପ୍ରବାହିତ ହେଉଥିବାରୁ ଲୋକେ ଏହାକୁ ଅତିକ୍ରମ କରିବା କଷ୍ଟସାଧ ହେଉଥିଲା । ବାରମ୍ବାର ଅଭିଯୋଗ ପରେ ବ୍ରହ୍ମପୁର ଡ୍ରେନେଜ ବିଭାଗ ତରଫରୁ ଜଗମୋହନ ଡେରାସାହି ନିକଟ ଚକ ରୋଡ ଠାରେ କେନାଲ ଉପରେ ପଚାଶ ଲକ୍ଷ ଟଙ୍କା ବ୍ୟୟରେ ଏକ ସେତୁ ନିର୍ମାଣ ପାଇଁ ଅଜି ଭୂମିପୂଜା ଅନୁଷ୍ଠିତ ହୋଇଛି । ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଭୂମିପୂଜା କରିଥିବା ବେଳେ ଅତିଥି ଭାବେ ସତିମଠ ମହନ୍ତ କୃପାସିନ୍ଧୁ ଦାସ, ବିଜେଡି ଜିଲ୍ଲା ଉପସଭାପତି ରବୀନ୍ଦ୍ର ଘୋଷ, ସରପଞ୍ଚ ପ୍ରତିନିଧି ପ୍ରମୋଦ ମହାରଣା, ସମବାୟ ବିତ ପ୍ରକାଶ ସାହୁ, ସନାତନ ପଣ୍ଡା ଏବଂ ବିଭାଗ ତରଫରୁ ସହକାରୀ ଯନ୍ତ୍ରୀ କାଳୀଚରଣ ହୋତା ଉପସ୍ଥିତ ରହିଥିଲେ । ଏହି ସେତୁ ନିର୍ମାଣ ହେବା ଦ୍ୱାରା ମୁଣ୍ଡମରାଇ ସହ ଝାଡ଼ବନ୍ଧ, ଝରପାରି, ସାହାସପୁର ଓ ଜଗମୋହନ ପଞ୍ଚାୟତର ଲୋକଙ୍କ ସିଧସଳଖ ସଂଯୋଗ ହୋଇପାରିବ । ଏଣୁ ବିଭାଗର ଏହି ନିଷ୍ପତ୍ତିକୁ ଅଂଚଳ ବାସି ସ୍ୱାଗତ କରିଛନ୍ତି ।

## ଆଇପିଏଲ୍-୨୦୨୩

# ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ମାତ୍ ଦେଲା ଚେନ୍ନାଇ ସୁପର କିଙ୍ଗସ



ବେଙ୍ଗାଲୁରୁ(ଏଜେନ୍ସୀ) : ବେଶ୍ ରୋମାଞ୍ଚକର ଥିଲା ଆଇପିଏଲର ୨୪ତମ ମ୍ୟାଚ୍ । ବେଙ୍ଗାଲୁରୁର ଏମ୍ ଚିନ୍ନସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ମାତ୍ ଦେଇଛି ଚେନ୍ନାଇ ସୁପର କିଙ୍ଗସ୍ । ହୋମ୍ ଗ୍ରାଉଣ୍ଡରେ ଆରସିବିକୁ ୮ ରନରେ ପରାସ୍ତ କରିଛି ସିଏସକେ । ବେଙ୍ଗାଲୁରୁ ୨୨୭ରନର ଟାର୍ଗେଟକୁ ପିଛା କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୨୧୮ ରନ କରିପାରିଥିଲା । ଅଧିନାୟକ ଫାଫ୍ ଡୁପ୍ଲେସି ଓ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ଦଳ ପରାସ୍ତ ହୋଇଛି । ଚେନ୍ନାଇ ସୁପର କିଙ୍ଗସ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚକୁ ୮ ରନରେ ଜିତି ନେଇଛି । ଦୁଇ ପଏଣ୍ଟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି ଚେନ୍ନାଇ । ଟସ୍ ଜିତି ସୁପର କିଙ୍ଗସକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଡିଭନ କନୱେ ଏବଂ ଶିଭମ ଦୁବେଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଚେନ୍ନାଇ ବିଶାଳ ରନର ଲକ୍ଷ୍ୟ ଛିଡ଼ା କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଦଳ ୬ ୱିକେଟ୍ ହରାଇ ୨୨୬ ରନ୍ କରିଥିଲା । ପ୍ରଥମ ବ୍ୟାଟିଂ କରିବା ପାଇଁ ପଡ଼ିଆକୁ ଓହ୍ଲାଇଥିବା ଚେନ୍ନାଇକୁ ୧୬ ରନରେ ଲାଗିଥିଲା ପ୍ରଥମ ଛଟକା । ବ୍ୟକ୍ତିଗତ ତିନି ରନ କରି ଆଉଟ୍ ହୋଇଥିଲେ ଓପନର ରତୁରାଜ ଗାଏକୱାଡ୍ । ଏହା ପରେ ଡିଭନ କନୱେଙ୍କ ଜଲୱା ଚାଲିଥିଲା । ୮୩ ରନର ବିସ୍ଫୋରକ ଇନିଂସ ଖେଳିଥିଲେ କନୱେ । ଅଜିଙ୍କ୍ୟା ରାହାଣେଙ୍କ ୩୭, ଶିଭନ ଦୁବେଙ୍କ ୫୨ ଓ ମୋଏନ ଅଲ୍ଲିଙ୍କ ୧୯ ରନର ମହତ୍ତ୍ୱପୂର୍ଣ୍ଣ ପାଳି ବଳରେ ଆରସିବିକୁ ୨୨୭ ରନର ଟାର୍ଗେଟ୍ ଦେଇଥିଲା ଚେନ୍ନାଇ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ମହମ୍ମଦ ସିରାଜ୍, ପାର୍ନେଲ, ବିଜୟ କୁମାର, ମ୍ୟାକ୍ସୱେଲ୍, ହସରଙ୍ଗା ଓ ହର୍ଷାଲ ପଟେଲଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା । ସେପଟେ ୨୨୭ ରନର ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲେ ଆରସିବିର ଦୁଇ ଓପନର ବିରାଟ କୋହଲି ଓ ଅଧିନାୟକ ଫାଫ ଡୁପ୍ଲେସି । ହେଲେ ମାତ୍ର ୬ ରନ କରି ବିରାଟ କୋହଲି ବୋଲର ଆକାଶ ସିଂହଙ୍କ ଶିକାର ହୋଇଥିଲେ । ଏହା ପରେ ମହିପାଲ ଲୋମରର ବ୍ୟାଟିଂ କରିବାକୁ ଆସିଥିଲେ । ତାଙ୍କ ସହିତ ମିଶି ଅଧିନାୟକ ଫାଫ୍ ପଡ଼ିଆରେ ଛକା ଚୌକାର ବିସ୍ଫୋରଣ ଆରମ୍ଭ କରିଥିଲେ । ପରେ ତୃତୀୟ ଓଭରରେ ଆଉଟ ହୋଇଥିଲେ ମହିପାଲ । ପରେ ଚିନ୍ନାସ୍ୱାମୀରେ ଆରମ୍ଭ ହୋଇଥିଲା ଫାପ୍ ଓ ମ୍ୟାକ୍ସୱେଲ ଝଡ଼ । ମାତ୍ର ୩୩ଟି ବଲ ଖେଳି ୬୨ ରନର ବିସ୍ଫୋରକ ଇନିଂସ ଖେଳିଥିଲେ ଆରସିବି ଅଧିନାୟକ । ସେହିପରି ମାତ୍ର ୩୬ଟି ବଲ ଖେଳି ୩ଟି ଚୌକା ଏବଂ ୮ ଛକା ସାହାଯ୍ୟରେ ୭୬ ରନର ବଡ଼ ପାଳି ଖେଳିଥିଲେ ଗ୍ଲେନ୍ ମ୍ୟାକ୍ସୱେଲ । ଏହି ଦୁଇ ୱିକେଟ୍ ଯିବା ପରେ ଖେଳକୁ ବିଜୟ ଦ୍ୱାରଦେଶ ପର୍ଯ୍ୟନ୍ତ ନେଇପାରିନଥିଲେ ବେଙ୍ଗାଲୁରୁର ଖେଳାଳି । ଦିନେଶ କାର୍ତ୍ତିକ୍ ୨୮ରନର ଇନିଂସ ଖେଳିଥିଲେ ବି ଦଳକୁ ବିଜୟ କରିବାରେ ବିଫଳ ହୋଇଥିଲେ । ଶେଷରେ ଦଳ ୮ରନ୍‌ରେ ଚେନ୍ନାଇ ଠାରୁ ପରାସ୍ତ ହୋଇଛି । ଚେନ୍ନାଇ ପକ୍ଷରୁ ତୁଷାର ଦେଶପାଣ୍ଡେଙ୍କୁ ୩ଟି ୱିକେଟ୍ ମିଳିଥିବା ବେଳେ ମାଥିଶା ପଥିରାଣାଙ୍କୁ ୨ଟି ୱିକେଟ୍ ମିଳିଛି । ସେହିପରି ଆକାଶ ସିଂ, ମହିଶା ଥିକସେନା, ମୋଏନ ଅଲ୍ଲି ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି । ଏହି ଚିତ୍ତାକର୍ଷକ ମ୍ୟାଚରେ ଡିଭନ କନୱେ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଛନ୍ତି । ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ଦୁଇ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି ।

# ବିରାଟ କୋହଲିଙ୍କ ଉପରେ ଲାଗିଲା ଜରିମାନା



ମୁମ୍ବାଇ(ଏଜେନ୍ସୀ): ଜମୁଛି ଆଇପିଏଲ୍୨୦୨୩ । ସୋମବାର ରାତିରେ ମୁହାଁମୁହିଁ ହୋଇଥିଲେ ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର । ଏହି ମ୍ୟାଚରେ ଆରସିବିକୁ ୮ ରନରେ ପରାସ୍ତ କରିଛି ସିଏସକେ । କିନ୍ତୁ ମ୍ୟାଚ ସମୟରେ ବିରାଟ କୋହଲି ଏପରି କିଛି କରିଛନ୍ତି, ଯେଉଁଥିଲାଗି ତାଙ୍କ ଉପରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ । କୋହଲିଙ୍କ ଉପରେ ଲାଗିଛି ଜରିମାନା । ଚେନ୍ନାଇ ସୁପର କିଙ୍ଗ୍ସ ମ୍ୟାଚର ୧୭ତମ ଓଭରର ୩ ବଲରେ ଶିବମ ଦୁବେଙ୍କ ୱିକେଟ ନେଇଥିଲେ ଆରସିବିର ଫାଷ୍ଟ ବୋଲର ୱେନ ପାର୍ନେଲ । ଆଉ ଏହି ସମୟରେ ଫିଲ୍ଡିଂ କରୁଥିବା ପୂର୍ବତନ ଆରସିବି ଅଧିନାୟକ ବିରାଟ କୋହଲି ନିଜର ନିୟନ୍ତ୍ରଣ ହରାଇଥିଲେ । ଶିବମ୍ ଦୁବେ ଆଉଟ୍ ହେବା ପରେ ପଡିଆରେ ଆକ୍ରମଣାତ୍ମକ ଢଙ୍ଗରେ ସେଲିବ୍ରେସନ କରିଥିଲେ ବିରାଟ । ଏମିତିକି ତାଙ୍କ ପାଟିରୁ ବାହାରିଥିଲା କିଛି ଅପମାନଜନକ ଶବ୍ଦ । ଯାହା ପରେ ତୁରନ୍ତ ହିଁ ତାଙ୍କ ବିରୋଧରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ । ଆଇପିଏଲ୍ ମ୍ୟାଚରେ ଅପଶବ୍ଦ ବ୍ୟବହାରକୁ ନେଇ କଠୋର ହୋଇଛି ବିସିସିଆଇ । ବିରାଟ କୋହଲିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିସିସିଆଇ ମ୍ୟାଚ ଫିସର ୧୦ % ଜରିମାନା ଆଦାୟ କରିଛି । ଡେଭନ୍ କନୱେ ଓ ଶିବମ ଦୁବେଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ବଳରେ ମହେନ୍ଦ୍ର ସିଂହ ଧୋନିଙ୍କ ସିଏସ୍‌କେ ଆରସିବିକୁ ରୋମାଞ୍ଚକ ଭାବେ ୮ ରନ୍‌ରେ ପରାସ୍ତ କରିଛି । ଦଳ ୬ ୱିକେଟ୍ ବିନିମୟରେ ଆହ୍ୱାନଭରା ୨୨୬ ରନ୍ ସଂଗ୍ରହ କରିଥିଲା । ଜବାବରେ ମ୍ୟାକ୍ସୱେଲ୍ ଓ ଡୁପ୍ଲେସିସ୍‌ଙ୍କ ବିସ୍ଫୋରକ ପାଳି ସତ୍ତ୍ୱେ ଆରସିବି ୨୧୮/୮ରେ ଅଟକିଯାଇଥିଲା ।

# ସନରାଇଜର୍ସ ହାଇଦ୍ରାବାଦକୁ ୧୯୩ରନ୍ ଟାର୍ଗେଟ୍ ଦେଲା ମୁମ୍ବାଇ



ହାଇଦ୍ରାବାଦ(ଏଜେନ୍ସୀ): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ମଙ୍ଗଳବାର ମୁହାଁମୁହିଁ ହୋଇଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ହାଇଦ୍ରାବାଦ । ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୪ ୱିକେଟ୍ ହରାଇ ମୁମ୍ବାଇ ସଂଗ୍ରହ କରିଛି ୧୯୨ ରନ୍ । ଏସଆରଏଚ୍ କୁ ଜିତିବାକୁ ହେଲେ ୧୯୩ ରନ୍ କରିବାକୁ ହେବ । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଓପନର ତଥା ଅଧିନାୟକ ରୋହିତ ଶର୍ମା ୨୮ ରନ୍ କରିଥିବା ବେଳେ ଇଶାନ୍ କିଷନ ୩୧ ବଲ ଖେଳି ୩ ଚୌକା ଓ ୨ ଛକା ସହାୟତାରେ ୩୮ ରନ୍, ସୂର୍ଯ୍ୟକୁମାର ଯାଦବ ୭ ରନ, ତିଲକ ବର୍ମା ୧୭ ବଲ ଖେଳି ୨ ଚୌକା ଓ ୪ ଛକା ସହ ୩୭ ରନ କରି ଆଉଟ ହୋଇଛନ୍ତି । କାମେରୁନ୍ ଗ୍ରୀନ୍ ୪୦ ବଲ ଖେଳି ୬ ଚୌକା ଓ ୨ ଛକା ସହ ୬୪ ରନ୍ କରି ଅପରାଜିତ ଥିବା ବେଳେ ଟିମ୍ ଡେଭିଡ ୧୬ ରନ୍ କରି ଅପରାଜିତ ଅଛନ୍ତି । ସନରାଇଜର୍ସ ପକ୍ଷରୁ ମାର୍କୋ ଜନସେନ୍ ୪ ଓଭରରେ ୪୩ ରନ ଦେଇ ୨ଟି ୱିକେଟ ନେଇଥିବା ବେଳେ ୱାଶିଂଟନ ସୁନ୍ଦର ୪ ଓଭରରେ ୩୩ରନ୍, ମୟଙ୍କ ମାର୍କଣ୍ଡେ ୪ ଓଭରରେ ୩୫ ରନ, ଭୁବନେଶ୍ୱର କୁମାର ୪ ଓଭରରେ ୩୧ ରନ ୧ ୱିକେଟ୍ ଓ ଟି. ନଟରାଜନ ୪ ଓଭରରେ ୫୦ ରନ୍ ଦେଇ ଗୋଟିଏ ୱିକେଟ ନେଇଛନ୍ତି ।

# ନିଜ ଦଳ ପକ୍ଷରୁ ୧୦୦ ଗୋଲ୍ ସ୍କୋର କରି ନୂତନ ରେକର୍ଡ କଲେ:ମେସି

ନୂଆଦିଲ୍ଲୀ(ଏଜେନ୍ସୀ): ମହାନ୍ ଫୁଟବଲ ତାରକା ଲିଓନେଲ୍ ମେସି ଆଉ ଏକ ମାଇଲଷ୍ଟୋନ୍ ଛିଡା କରିଛନ୍ତି । ଆର୍ଜେଣ୍ଟିନା ତାରକା ନିଜ ଦଳ ପକ୍ଷରୁ ୧୦୦ ଗୋଲ୍ ସ୍କୋର କରି ନୂତନ ରେକର୍ଡ କରିଛନ୍ତି । କୁରାକାଓ ବିପକ୍ଷରେ ଖେଳାଯାଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି ମେସି । କୁରାକାଓକୁ ମଙ୍ଗଳବାର ୦-୭ ଗୋଲ୍‌ରେ ହରାଇଛି ଆର୍ଜେଣ୍ଟିନା । ଏହି ମ୍ୟାଚ୍‌ରେ ଲିଓନେଲ୍ ମେସି ହ୍ୟାଟ୍ରିକ୍ ଗୋଲ୍ କରିଛନ୍ତି । କୁରାକାଓ ବିପକ୍ଷରେ ଖେଳାଯାଇଥିବା ମୁକାବିଲାର ୨୦ତମ ମିନିଟରେ ଏକ ଗୋଲ୍ ସ୍କୋର କରି ୧୦୦ ଗୋଲ୍ ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି ଲିଓନେଲ୍ ମେସି । ପରେ ୩୩ତମ ମିନିଟରେ ୨ୟ ଗୋଲ୍ ଓ ୩୭ ତମ ମିନିଟରେ ୩ୟ ଗୋଲ ଦେଇଥିଲେ । ମେସିଙ୍କ ପୂର୍ବରୁ ମାତ୍ର ଦୁଇ ଜଣ ଫୁଟବଲର ଜାତୀୟ ଦଳ ପକ୍ଷରୁ ୧୦୦ କିମ୍ବା ତତୁର୍ଦ୍ଧ୍ୱ ଗୋଲ୍ କରିଥିଲେ । ମେସିଙ୍କ ପୂର୍ବରୁ ପର୍ତ୍ତୁଗାଲ ତାରକା କ୍ରିଷ୍ଟିଆନୋ ରୋନାଲଡ୍ଡୋ ନିଜ ଦଳ ପାଇଁ ୧୨୨ଟି ଗୋଲ୍ କରିଛନ୍ତି । ସେହିଭଳି ଇରାନ୍ ତାରକା ଅଲୀ ଡାଏଇ ଦଳ ପାଇଁ ୧୦୯ଟି ଗୋଲ୍ କରିଛନ୍ତି । ତୃତୀୟ ସ୍ଥାନରେ ଥିବା ଆର୍ଜେଣ୍ଟିନା ତାରକା ଲିଓନେଲ ମେସି ବର୍ତ୍ତମାନ ସୁଦ୍ଧା ନିଜ ଦଳ ପାଇଁ ୧୦୨ଟି ଗୋଲ୍ କରିଛନ୍ତି । ଫୁଟବଲ ଇତିହାସରେ ବର୍ତ୍ତମାନ ସୁଦ୍ଧା ସବୁଠାରୁ ଅଧିକ ଗୋଲ୍ କରିଥିବା ଖେଳାଳି ହେଉଛନ୍ତି କ୍ରିଷ୍ଟିଆନୋ ରୋନାଲଡ୍ଡୋ । ୨୦୦୨ ମସିହାରେ କ୍ୟାରିୟର ଆରମ୍ଭ କରିଥିବା ରୋନାଲଡ୍ଡୋ ବର୍ତ୍ତମାନ ସୁଦ୍ଧା ୧୧୫୯ ମ୍ୟାଚ୍ ଖେଳିଥିବା ବେଳେ ମୋଟ ୮୩୪ଟି ଗୋଲ୍ କରିଛନ୍ତି । ଏହି କ୍ରମରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଜୋଶେଫ୍ ବିକାନ୍ । ୧୯୩୧-୧୯୫୫ ଯାଏଁ ସେ ଫୁଟବଲ ଜଗତରେ ସକ୍ରିୟ ରହିବା ସହିତ ୫୩୦ ମ୍ୟାଚ୍‌ଖେଳି ୮୦୫ଟି ଗୋଲ୍ କରିଥିଲେ । ତୃତୀୟ ସ୍ଥାନରେ ରହିଛନ୍ତି ଭେଟାରାନ୍ ଲିଓନେଲ୍‌ମେସି । ୨୦୦୪ ମସିହାରେ କ୍ୟାରିୟର ଆରମ୍ଭ କରିଥିବା ମେସି ଅଦ୍ୟାବଧି ଖେଳ ଜାରି ରଖିଛନ୍ତି । ସେ ବର୍ତ୍ତମାନ ସୁଦ୍ଧା ମୋଟ ୧୦୨୧ଟି ମ୍ୟାଚ୍ ଖେଳିଥିବା ବେଳେ ୮୦୫ଟି ଗୋଲ୍ କରିଛନ୍ତି । ସେହିଭଳି ଫୁଟବଲ ଲିଜେଣ୍ଡ ପେଲେ ୭୬୫ଟି ଗୋଲ୍, ରୋମାରିଓ ୭୫୩ଟି ଗୋଲ କରିଥିଲେ ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୬ ଅପ୍ରେଲ -୨୨ ଅପ୍ରେଲ୨୦୨୩




ଅମୃତପାଲ ସିଂ ଖଲିସ୍ତାନୀ !

ଖଲିସ୍ତାନ ଦାବି କରୁଥିବା ଅମୃତପାଲ ସିଂହଙ୍କୁ ଗିରଫ କରିବା ଲାଗି ପଞ୍ଜାବ ପୋଲିସ ଦିନରାତି ଏକ କରିଦେଇଛି । ପଞ୍ଜାବର ବହୁ ସ୍ଥାନରେ ସଂପ୍ରତି କେନ୍ଦ୍ରୀୟ ସୁରକ୍ଷା ବାହିନୀକୁ ମଧ୍ୟ ମୁତୟନ କରାଯାଇଛି । ସୀମା ବନ୍ଦି, ଇଣ୍ଟରନେଟ ବନ୍ଦ ହୋଇଥିଲା ଏବଂ ପ୍ରତିପଦରେ ଫୋର୍ସ ମୃତୟନ କରାଯାଇଛି, ଯଦ୍ୱାରାକି ଅମୃତପାଲ ପଳାୟନ କରିପାରିବ ନାହିଁ । ଗତ କିଛି ମାସ ଧରି ଚର୍ଚ୍ଚାରେ ଆସିଥିବା ଅମୃତପାଲ ପଞ୍ଜାବ ଏବଂ ଦେଶ ଲାଗି ମୁଣ୍ଡବ୍ୟଥାର କାରଣ ହୋଇଛି । ଅମୃତପାଲ କିଛି କରିବା ପୂର୍ବରୁ ଜବରଦସ୍ତ ଆକ୍ସନ ମୋଡ଼ରେ ରହିଛି ପଞ୍ଜାବ ଏବଂ କେନ୍ଦ୍ର ସୁରକ୍ଷା ବାହିନୀ । ଏପରି ସ୍ଥଳେ ପ୍ରଶ୍ନ ଉଠୁଛି ଯେ ଅମୃତପାଲ ଏତେ ବିପଜ୍ଜନକ କ'ଣ ପାଇଁ ଯାହାକୁ ଆରେଷ୍ଟ କରିବା ଲାଗି ରାଜ୍ୟରେ ଇଣ୍ଟରନେଟକୁ ବନ୍ଦ କରାଯିବାସହ ସୀମା ସିଲ୍ କରାଯାଇଛି । ଅମୃତପାଲ ସିଂହ ଖଲିସ୍ତାନ ଦାବିକୁ ହିଂସାତ୍ମକ ଭାବରେ ଉଠାଇଥିବା ଜର୍ନାଲ ସିଂହ ଭିନ୍ଦରୱାଲେଙ୍କ ଭଳି ଚେହେରା ମଧ୍ୟ ରଖିଛି । ସେହିଭଳି ଭାବରେ ଅମୃତପାଲ ଅସ୍ତ୍ରଶସ୍ତ୍ର ସଜ୍ଜିତ ହୋଇ ବିଭିନ୍ନ ଦେଶ ଏବଂ ଭାରତରେ ମଧ୍ୟ ବିଚରଣ କରୁଛି ।

**ଜାତୀୟ:** ଦୁର୍ବଳ କଂଗ୍ରେସକୁ ବିରୋଧୀଙ୍କ ଅହଂ ପ୍ରବଳ

**ସ୍ୱତନ୍ତ୍ର ପ୍ରସଙ୍ଗ:** ଓଡ଼ିଶାରେ ଚାଲିଛି ଜାଲ୍ ସାର୍ଟିଫିକେଟର ଲମ୍ବା କାରବାର, ଜାଲିଆଙ୍କୁ ସରକାରଙ୍କର ଅଘୋଷିତ ସମର୍ଥନ

**ନାରୀ:** ବିବାହରେ ବିଳମ୍ବ ହେଉଥିଲେ...

**କ୍ଷୁଦ୍ରଗଳ୍ପ:** ଅନ୍ଧାରର ଆଖ

**ଚଳଚ୍ଚିତ୍ର:** ଜିମ୍‌ରେ ଅମ୍ଳଜାନ ମାସ୍କ ପିନ୍ଧିଲେ ଅନିଲ,ସୁସ୍ଥ ହେଇନାହାଁନ୍ତି ବିଗ୍ ବି,ଗିରଫ ହେଲା ଆକାଂକ୍ଷା ଦୁବେଙ୍କ ବୟଫେଣ୍ଡ,ଆଶ୍ଚର୍ଯ୍ୟଜନକ କଥା ଖୁଲାସା କଲେ ମିନି ମଥୁର ,ନୂଆ ଘର ନିର୍ମାଣ କଲେ ଆଲିଆ,କ୍ରିତିଙ୍କ ସହ ରୋମାନ୍ସ କରିବେ ସାହିଦ,ନମ୍ବର ୱାନ ଶାହରୁଖ,ମାଆ ହେଲେ ନେହା,ଫେରୁଛନ୍ତି ହ୍ରିତିକ

**ଖେଳ:** ଚଳିତ ସିଜିନରୁ ବାଦ୍ ପଡ଼ିଲେ ଷ୍ଟାର ଅଲରାଉଣ୍ଡର ମିଚେଲ ମାର୍ଶ ,ଧୋନିଙ୍କ ଲାଗି ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ ପ୍ରସ୍ତୁତ କରିବ 'ୱାର୍ଲ୍ଡକପ୍ ଭିକ୍ଟ୍ରି ମେମୋରିଆଲ',ଧୋନିଙ୍କ ପ୍ରଶଂସାରେ ଶତମୁଖ ରସିଦ ଲତିଫ,ଇଂଲଣ୍ଡରେ ଇତିହାସ ରଚିଲେ ଚେତେଶ୍ୱର ପୂଜାରା ,ମୋଟା ଅଙ୍କର ଅର୍ଥ ନେଇଥାନ୍ତି ଆଇପିଏଲ୍ ଚିୟରଗର୍ଲ,ଭାରତୀୟ ଖେଳାଳିଙ୍କ ଆହତ ସମସ୍ୟାକୁ ନେଇ ଚିନ୍ତା ପ୍ରକଟ କଲେ ଆଝାରୁଦ୍ଦୀନ, ମେସିଙ୍କୁ ଦଳରେ ସାମିଲ କରିବ ସାଉଦି ଆରବର ଅଲ୍ ହିଲାଲ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ଜିତିଲା କିଏ ? ଜିନ୍ନା ନା ଗାନ୍ଧୀ ?"

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଚେନ୍ନାଇକୁ ଚେତାବନୀ ଦେଲେ ସେହ୍ୱାଗ



ନୂଆଦିଲ୍ଲୀ(ଏଜେନ୍ସୀ): ରୋୟଲ ଚାଲେଞ୍ଜର୍ସ ବାଙ୍ଗାଲୋରକୁ ରୋମାଞ୍ଚକର ମ୍ୟାଚରେ ମାତ୍ ଦେଇ ପଏଣ୍ଟ ଟେବୁଲର ତୃତୀୟକୁ ଉଠିଛି ଚେନ୍ନାଇ ସୁପର କିଙ୍ଗସ । ଚେନ୍ନାଇର ଦମଦାର ବ୍ୟାଟିଂ ସହ ଭଲ ବୋଲିଂ ଯୋଗୁଁ ଏହି ମ୍ୟାଚରେ ବିଜୟ ସମ୍ଭବ ହୋଇପାରିଛି । କିନ୍ତୁ ଏହାପରେ ମଧ୍ୟ ଧୋନୀବାହିନୀ ଦଳର ବୋଲିଂ ବିଭାଗକୁ ନେଇ ଚିନ୍ତାରେ ରହିଛି । ବର୍ତ୍ତମାନ ସୁଦ୍ଧା ଧୋନୀଙ୍କ ବୋଲିଂ ଡିପାର୍ଟମେଣ୍ଟରେ ଦୁର୍ବଳ ମନେ ହେଉଛି । ତେବେ ଏହା ମଧ୍ୟରେ ଦଳ ଆଗକୁ ଅଦିନାୟକଙ୍କ ବିନା ମଇଦାନକୁ ଓହ୍ଲାଇପାରେ ବୋଲି ଚେତାବନୀ ଦେଇଛନ୍ତି ଭାରତର ପୂର୍ବତନ ଖେଳାଳି ବିରେନ୍ଦ୍ର ସେହ୍ୱାଗ । ଚେନ୍ନାଇର ବୋଲର ଲଗାତାର ଅତିରିକ୍ତ ରନ୍ ଲୁଟାଇ ଚାଲିଛନ୍ତି । ଏହାକୁ ନେଇ ସେହ୍ୱାଗ କହିଛନ୍ତି ଯେ, ଯଦି ବୋଲର ଏଭଳି ଭାବରେ ବୋଲିଂ କରନ୍ତି, ତେବେ ସ୍ଲୋ ଓଭର ରେଟ ଯୋଗୁଁ ଏମ.ଏସ ଧୋନୀଙ୍କ ଉପରେ ବ୍ୟାନ୍ ଲାଗିପାରେ । ବାଙ୍ଗାଲୋର ବିପକ୍ଷରେ ବିଜୟ ପରେ ସୁଦ୍ଧା ଧୋନୀଙ୍କ ଆଖିରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । କାରଣ ସେ ପ୍ରଥମରୁ କହି ସାରିଛନ୍ତି ଯେ ବୋଲର ଯଦି ୱାଇଡ ଏବଂ ନୋବଲ ସଂଖ୍ୟାରେ କମ୍ ନ କରନ୍ତି, ତେବେ ସେମାନଙ୍କୁ ଅନ୍ୟ ଜଣେ ଅଧିନାୟକଙ୍କ ନେତୃତ୍ୱରେ ଖେଳିବାକୁ ପଡିବ । ଚେନ୍ନାଇର ବୋଲର ବାଙ୍ଗାଲୋର ବିପକ୍ଷ ଏହି ମ୍ୟାଚରେ ଅତିରିକ୍ତ ଗୋଟିଏ ଓଭର ବୋଲିଂ କରିଛନ୍ତି । ତେବେ ଏହି ରେଟ୍ ଆଗକୁ କମ୍ କରିବା ଆବଶ୍ୟକ । ନଚେତ ଧୋନୀଙ୍କ ଉପରେ ବ୍ୟାନ ଲାଗିବା ସହ ସିଏସକେ ଅଧିନାୟକଙ୍କ ବିନା ମଇଦାନକୁ ଆସିପାରେ । ବେନ୍ ଷ୍ଟୋକ୍ସ, ଦୀପକ ଚହର, ସିସାଣ୍ଡା ମଗାଲା ଏବଂ ସିମରଜୀତ ସିଂହଙ୍କ ଆହତ ସମସ୍ୟା ଧୋନୀଙ୍କ ପାଇଁ ବଡ ଚିନ୍ତାର ବିଷୟ ପାଲଟିଛି । ଅଭିଜ୍ଞ ବୋଲର ଦଳରୁ ବାଦ୍ ପଡିବାରୁ ଚେନ୍ନାଇର ବୋଲିଂ ଡିପାର୍ଟମେଣ୍ଟ ଆହୁରି ଦୁର୍ବଳ ହୋଇପଡିଛି । ତେବେ ବାଙ୍ଗାଲୋର ବିପକ୍ଷରେ ଯୁବ ପେସ୍ ବୋଲର ତୁଷାର ଦେଶପାଣ୍ଡେ ଏବଂ ଆକାଶ ସିଂହ ଜବରଦସ୍ତ ବୋଲିଂ କରିଛନ୍ତି । ଏହାସହିତ ରାଜବର୍ଦ୍ଧନେ ହଙ୍ଗରଗେକର ମଧ୍ୟ ଭଲ ଲୟରେ ରହିଛନ୍ତି ।

# ପେସ୍ ବୋଲର ମହସିନ ଖାନ ଖୁବ୍ ଶୀଘ୍ର ଦଳରେ ଯୋଗଦେବେ



ଲକ୍ଷ୍ନୌ (ଏଜେନ୍ସୀ): ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ସମର୍ଥକଙ୍କ ପାଇଁ ଖୁସି ଖବର । ପ୍ରମୁଖ ବାମ ହାତି ପେସ୍ ବୋଲର ମହସିନ ଖାନ ଖୁବ୍ ଶୀଘ୍ର ଦଳ ସହ ଯୋଗ ଦେବାକୁ ଯାଉଛନ୍ତି । ଆହତ ସମସ୍ୟା ଯୋଗୁ ସେ ବିଶ୍ରାମ ନେଉଥିଲେ । ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଫିଟ୍ । ଜାତୀୟ କ୍ରିକେଟ୍ ଏକାଡେମୀ(ଏନ୍‌ସିଏ) ମଧ୍ୟ ତାଙ୍କୁ ଫିଟ୍ ଘୋଷଣା କରି ଖେଳିବା ପାଇଁ ଅନୁମତି ଦେଇଛି । ଗତ ସିଜନରେ ମହସିନ ଚମତ୍କାର ପ୍ରଦର୍ଶନ କରିଥିଲେ । ୯ଟି ମ୍ୟାଚ୍ ଖେଳି ସେ ୧୪ଟି ୱିକେଟ୍ ନେଇଥିଲେ । କାନ୍ଧରେ ଆଘାତ ଯୋଗୁ ମହସିନ ଦୀର୍ଘ ଦିନ ଧରି କ୍ରିକେଟ୍‌ରୁ ଦୂରେଇ ରହିଥିଲେ । ସୂଚନାଯୋଗ୍ୟ, ୨୦୧୮ ସିଜନରେ ମହସିନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ କିଣିଥିଲା । ମାତ୍ର ତାଙ୍କୁ ଖେଳିବାକୁ ସୁଯୋଗ ମିଳି ନଥିଲା । ଗତ ବର୍ଷ ସୁପର ଜାଏଣ୍ଟ୍ସ ମହସିନଙ୍କୁ ୨୦ଲକ୍ଷ ଟଙ୍କାରେ କିଣିଥିଲା ।

# ଆଇପିଏଲ ସୂଚୀରେ ବଡ ପରିବର୍ତ୍ତନ




ନୂଆଦିଲ୍ଲୀ(ଏଜେନ୍ସୀ): ଆଇପିଏଲ-୨୦୨୩କୁ ନେଇ କ୍ରେଜ ଏବେ ଶୀର୍ଷରେ ପହଞ୍ଚି ସାରିଛି । ତେବେ ଟୁର୍ଣ୍ଣାମେଣ୍ଟ ଭିତରେ ହିଁ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳିଛି । ଟୁର୍ଣ୍ଣାମେଣ୍ଟର ମ୍ୟାଚସୂଚୀରେ ଏକ ବଡ ପରିବର୍ତ୍ତନ କରାଯାଇଛି । ଏମ.ଏସ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗସର ମ୍ୟାଚ ପୂର୍ବରୁ ଏଭଳି ଏକ ପରିବର୍ତ୍ତନ ହୋଇଛି । ଲିଗର ୪୬ତମ ମ୍ୟାଚରେ ଚେନ୍ନାଇ ଏବଂ ଲକ୍ଷ୍ନୌ ମଧ୍ୟରେ ଆସନ୍ତା ମ୍ୟାଚ ପୂର୍ବରୁ ବଦଳିଛି ମ୍ୟାଚର ସମୟ ଏବଂ ତାରିଖ । ମ୍ୟାଚ ସୂଚୀ ଅନୁସାରେ, ଆସନ୍ତା ମେ' ୪ ତାରିଖରେ ଚେନ୍ନାଇ ଏବଂ ଲକ୍ଷ୍ନୌ ମୁହାଁମୁହିଁ ହେବାର ସୂଚୀ ରହିଥିଲା । ଲକ୍ଷ୍ନୌର ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଇକାନା ଷ୍ଟାଡିୟମରେ ଏହି ମହାସମର ଖେଳାଯିବାର ସୂଚୀ ରହିଥିଲା । କିନ୍ତୁ ମ୍ୟାଚ ଖେଳାଯିବାର ୨ ସପ୍ତାହ ପୂର୍ବରୁ ଏକ ବଡ ପରିବର୍ତ୍ତନ ଦେଖିବାକୁ ମିଳିଛି । ବର୍ତ୍ତମାନ ୪ ତାରିଖ ବଦଳରେ ୩ ତାରିଖରେ ଖେଳାଯିବ ଏହି ହାଇଭୋଲଟ୍ଟେଜ ମ୍ୟାଚ । କିନ୍ତୁ ମେ' ୪ ତାରିଖରେ ଲକ୍ଷ୍ନୌରେ ନାଗରିକ ସଂଗଠନ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ । ତେଣୁ ସମସ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ମ୍ୟାଚର ସମୟ ଏବଂ ତାରିଖ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି । ତେଣୁ ମେ' ୪ ତାରିଖ ଖେଳା ନ ଯାଇ ଏହି ମ୍ୟାଚ ୩ ତାରିଖ ଖେଳାଯିବ ବୋଲି କୁହାଯାଉଛି । ତେବେ ମ୍ୟାଚର ସମୟ ପରିବର୍ତ୍ତନ ନେଇ ଏପର୍ଯ୍ୟନ୍ତ କୌଣସି ଅଧିକାରୀ ଘୋଷଣା କରାଯାଇ ନାହିଁ । କିନ୍ତୁ ବିସିସିଆଇ ତରଫରୁ ଏ ନେଇ ଉଭୟ ଦଳକୁ ସୂଚନା ଦେଇ ସାରିଛି । ବୋର୍ଡ ତରଫରୁ କୁହାଯାଇଛି ଯେ, ଲକ୍ଷ୍ନୌ ନଗର ପାଳିକାର ନିର୍ବାଚନ ମେ' ୪ ତାରିଖରେ ହେବାକୁ ଥିବା ବେଳେ ସୁରକ୍ଷା ଯୋଗୁଁ ଏହି ପରିବର୍ତ୍ତନ ହୋଇପାରେ । ଏସିଏସକେ ଏବଂ ଲକ୍ଷ୍ନୌ ମଧ୍ୟରେ ଏହି ମ୍ୟାଚ ୩.୩୦ରେ ଖେଳାଯିବ । ତେବେ ଏହି ମ୍ୟାଚ ବର୍ତ୍ତମାନ ୩ ତାରିଖ ୩.୩୦ରେ ଖେଳାଯିବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି । ମତଦାନରେ ଭୋଟରଙ୍କ ସଂଖ୍ୟାରେ କମ୍ ନ ହେଉ, ସେଥିପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ।


ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583